

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୯ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 09 SEPTEMBER 2021

Vol.No. 32 ■ No. 231 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଜିଲ୍ଲା ଯୋଜନା କମିଟିରୁ ହଟିବା ସହ ବିଜେଡିରୁ ନିଲମ୍ବିତ ହେଲେ ପ୍ରଶାନ୍ତ



ଭୁବନେଶ୍ୱର,୦୮/୦୯(ନି.ପ୍ର): ବିଜେପି କର୍ମୀଙ୍କୁ ମାଡ଼ମାରିବା ଖୋର୍ଦ୍ଧା ଜିଲ୍ଲା ଚିଲିକା ବିଧାୟକଙ୍କ ପାଇଁ ମହଙ୍ଗା ପଡ଼ିଛି । ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ବିଜୁ ଜନତା ଦଳ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି । ବିଜେଡରୁ ପ୍ରଶାନ୍ତ ନିଲମ୍ବିତ ହୋଇଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ନିଲମ୍ବନ କରିଛନ୍ତି । ଦଳରୁ ନିଲମ୍ବନ ସହ ଖୋର୍ଦ୍ଧା ଜିଲ୍ଲା ପ୍ଲାନିଂ କମିଟି ଅଧ୍ୟକ୍ଷ ପଦରୁ ମଧ୍ୟ ପ୍ରଶାନ୍ତ ଜଗଦେବଙ୍କୁ ନିଲମ୍ବିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଖୋର୍ଦ୍ଧା ଏନ୍ଏସି କାର୍ଯ୍ୟାଳୟ ପରିସରରେ ଆଜି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାସନକାର୍ଡ ବଂଟନ ବେଳେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଓ ବିଜେପିର ବାଲୁଗାଁ ନଗର ମଣ୍ଡଳ ସଭାପତି ନିରଂଜନ ସେଠୀଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା । ଏହି ଘଟଣାରେ ବିଜେପି ପକ୍ଷରୁ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରାଯିବା ସହ ତାଙ୍କର ଗିରଫ ଦାବିରେ ଥାନା ଆଗରେ ଧାରଣାରେ ବସିଥିଲେ । ସୂଚନାଯୋଗ୍ୟ, ଆଜି ବାଲୁଗାଁ ଏନ୍ଏସି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାସନକାର୍ଡ ବଂଟନ କାର୍ଯ୍ୟକ୍ରମ ପାଇଁ ସ୍ଥିର ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଯୋଗ ଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଥିଲା । ବିଧାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଦିନ ପ୍ରାୟ ୧୧ଟା ବେଳେ ପହଂଚିଥିଲେ । ତେବେ ସ୍ଥାନୀୟ ବିଜେପିର ନଗର ମଣ୍ଡଳ ସଭାପତି ନିରଂଜନ ସେଠୀଙ୍କ ନେତୃତ୍ୱରେ ବିଜେପିକର୍ମୀମାନେ ବିଧାୟକଙ୍କ ଯୋଗ ଦାନକୁ ବିରୋଧ କରିଥିଲେ । କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ବିଧାୟକଙ୍କୁ କାର୍ଯ୍ୟାଳୟ ମଧ୍ୟକୁ ପଶିବାକୁ ଦେଇନଥିଲେ । ଏହାକୁ ନେଇ ବିଧାୟକ ଓ ବିଜେପି ମଣ୍ଡଳ ସଭାପତିଙ୍କ ମଧ୍ୟରେ ବଚସା ହୋଇଥିଲା । ବଚସା ସମୟରେ ଉତକ୍ଷିପ୍ତ ହୋଇ ବିଧାୟକ ମଣ୍ଡଳ ସଭାପତିଙ୍କୁ ମାରିବାପାଇଁ ହାତ ଉଠାଇଥିଲେ । ଏହାକୁ ନେଇ ଉଭୟଙ୍କ ସମର୍ଥକଙ୍କ ମଧ୍ୟରେ ୧୦-୧୫ ମିନିଟ୍? ଧରି ପରସ୍ପର ଗାଲିଗୁଲଜ କରିବା ସହ ଧସ୍ତାଧସ୍ତି ହୋଇଥିଲା । ଏହି ଘଟଣାରେ ନିରଂଜନ ସେଠୀଙ୍କ ପକ୍ଷରୁ ବିଧାୟକ ଜଗଦେବଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ ଦିଆଯାଇଥିଲା । ତେବେ ଥାନାରେ ଅଭିଯୋଗ ଭିତ୍ତିରେ ଏତଲା ଦାଏର ହୋଇନଥିବାରୁ ଅପରାହ୍ନରେ ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଥାନା ସମ୍ମୁଖରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

## ଆସାମରେ ଭୟଙ୍କର ଡଙ୍ଗା ଦୁର୍ଘଟଣା: ଅନେକ ନିଖୋଜ, ଜଣେ ମୃତ ସୂଚନା

ନୂଆଦିଲ୍ଲୀ,୦୮/୦୯: ଆସାମର ବ୍ରହ୍ମପୁତ୍ର ନଦୀରେ ଏକ ଭୟଙ୍କର ଡଙ୍ଗା ଦୁର୍ଘଟଣା ଘଟିଛି । ଯାତ୍ରୀ ନେଇ ଯାଉଥିବା ୨ ଡଙ୍ଗା ପରସ୍ପର ମୁହାଁମୁହିଁ ଧକ୍କା ହୋଇଛନ୍ତି । ସୂଚନା ଅନୁସାରେ ୨ଟି ଡଙ୍ଗାରେ ପାଖାପାଖି ୧୦୦ରୁ ଅଧିକ ଯାତ୍ରୀ ଥିଲେ । ଏହି ଦୁର୍ଘଟଣା ପରେ ଅନେକ ଯାତ୍ରୀ ନିଖୋଜ ଥିବା ସୂଚନା ମିଳିଛି । ଜୋରହାଟ ନିମିତିଘାଟରୁ ମାଜୁଲି ରିଭର ଆଇଲାଣ୍ଡକୁ ଯିବା ବେଳେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣା ପରେ ଏନଡିଆରଏଫ ଓ ଏସଡିଆରଏଫ ଟିମ ଘଟଣା ସ୍ଥଳରେ ଉଦ୍ଧାର କାମ ଜାରି ରଖିଛନ୍ତି । ଘଟଣା ସ୍ଥଳରୁ ଏଯାଏଁ ଗୋଟିଏ ମୃତଦେହ ମିଳିଥିବା ସୂଚନା ମିଳିଛି । ଅନେକ ନିଖୋଜ ଥିବା ବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସେପଟେ ଏଭଳି ଏକ ଦୁର୍ଘଟଣା ଦୁଃଖ ପ୍ରକାଶ କରିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା । ନିଖୋଜ ଲୋକମାନଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

## ଆଫଗାନିସ୍ତାନରେ ତାଲିବାନୀ ସରକାର ଗଠନ



ନୂଆଦିଲ୍ଲୀ,୦୮/୦୯: ଆଫଗାନିସ୍ତାନରେ କଣ ରହିବ ତାଲିବାନୀ ସରକାରଙ୍କ ନୀତି । ସରକାର ଗଠନ ନେଇ ଘୋଷଣା କରିବା ସହ ନୂଆ ନୀତି ଘୋଷଣା କରିଛି ତାଲିବାନ । ନୂଆ ନୀତି ଘୋଷଣା କରି ତାଲିବାନୀମାନେ କହିଛନ୍ତି, କେହି ଭବିଷ୍ୟତକୁ ନେଇ ଚିନ୍ତା କରିବାର ଆବଶ୍ୟକତା ନାହିଁ । ସେପଟେ ତାଲିବାନ ସରକାରକୁ ନେଇ ଆମେରିକାରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି । ଆମେରିକା ଆଇନ ପ୍ରଣେତା କହିଛନ୍ତି, ତାଲିବାନ ସରକାର ହେଉଛି, ଆତଙ୍କବାଦୀଙ୍କ ସରକାର । ଆତଙ୍କବାଦୀ ଦ୍ୱାରା ଆତଙ୍କବାଦୀଙ୍କ ପାଇଁ । ତେବେ ପୂର୍ବରୁ ଯେଉଁମାନେ ଆତଙ୍କବାଦୀ ଥିଲେ ସେମାନେ ଏବେ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଛନ୍ତି । ସେମାନେ ହେଲେ ମୁଲ୍ଲା ମହମ୍ମଦ ହସନ ଅଖୁନ୍ଦ (ପ୍ରଧାନମନ୍ତ୍ରୀ), ଅବଦୁଲ ଘନି (ଉପ ପ୍ରଧାନମନ୍ତ୍ରୀ), ଅବଦୁଲ ସଲାମ ହନାଫି (ଉପ ପ୍ରଧାନମନ୍ତ୍ରୀ), ଅମୀର ଖାନ୍ ମୁତାକି (ବୈଦେଶିକ ମନ୍ତ୍ରୀ), ସରାଜୁଦ୍ଦିନ୍ ହକ୍କାନୀ (ଗୃହ ମନ୍ତ୍ରୀ), ୟାକୁବ୍ ମୁଜାହିଦ୍ (ପ୍ରତିରକ୍ଷା ମନ୍ତ୍ରୀ)

## ପ୍ରମୋଦ ପାଇବେ ୬ କୋଟି ଟଙ୍କା, ଗ୍ରୁପ୍ ଏ ଚାକିରୀ



ଭୁବନେଶ୍ୱର,୦୮/୦୯ (ନି.ପ୍ର): ଟୋକିଓ ପାରାଲିମ୍ପିକ୍ସରେ ବ୍ୟାଡ୍ମିଂଟନରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରମୋଦ ଭଗତଙ୍କ ପାଇଁ ୬ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି ରାଜ୍ୟ ସରକାର । ଏହାସହ ତାଙ୍କୁ ଗ୍ରୁପ୍ 'ଏ' ସରକାରୀ ଚାକିରି ପ୍ରଦାନ କରାଯିବ । ପ୍ରମୋଦ ଭୁବନେଶ୍ୱର ଫେରିବା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଉକ୍ତ ପରିମାଣର ଚେକ୍ ପ୍ରଦାନ କରିବେ ବୋଲି ରାଜ୍ୟ କ୍ରୀଡା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି । ଉଲ୍ଲେଖ୍ୟଯୋଗ୍ୟ ଯେ ପାରାଲିମ୍ପିକ୍ସରେ ପ୍ରଥମ ଭାରତୀୟ ଭାବେ ବ୍ୟାଡ୍ ମିଂଟନରେ ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରମୋଦ ଭଗତ ରେକର୍ଡ ସୃଷ୍ଟି କରିଛନ୍ତି । ପୂର୍ବରୁ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ୬ କୋଟି ଟଙ୍କା , ରୌପ୍ୟ ପାଇଁ ୪ କୋଟି ଏବଂ ବ୍ରୋଂଜ ପାଇଁ୨.୫ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ । ଟୋକିଓ ଅଲିମ୍ପିକ୍ସରେ ବ୍ରୋଂଜ ପଦକ ଜିତିଥିବା ଭାରତୀୟ ହକି ଟିମ୍ ର ସଦସ୍ୟ ଓଡିଶାର ବିରେନ୍ଦ୍ର ଲାକ୍ରା ଓ ଅମିତ ରାହି ଦାସଙ୍କୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଠାରେ ୨.୫ କୋଟି ଟଙ୍କାର ଚେକ୍ ପ୍ରଦାନ କରିସାରିଛନ୍ତି ।

## ପ୍ରବଳ ବର୍ଷା ସମ୍ଭାବନା : ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୦୮/୦୯ (ନି.ପ୍ର): ଆସନ୍ତା ୧୧ସେପ୍ଟେମ୍ବର ବେଳକୁ ଉତର-ବଙ୍ଗୋପସାଗର ତତ୍ ସଂଲଗ୍ନ କେନ୍ଦ୍ରୀୟ-ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ସୃଷ୍ଟି ହେବାର ୨୪ଘଂଟା ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ଏହାର ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏଥିପାଇଁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ବିଧାନସଭା ଆଗରେ ଆତ୍ମହତ୍ୟା ଉଦ୍ୟମ କରିଥିବା ଦୁଷ୍ମନ୍ତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ



କଟକ,୦୮/୦୯ (ନି.ପ୍ର): ବିଧାନସଭା ଆଗରେ ନିଜ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବକଙ୍କ ଏସ୍ସିବିରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ମୃତ୍ୟୁ ହୋଇଥିବା ଜଣାଯାଇଛି । ମୃତକ ହେଲେ ଦୁଷ୍ମନ୍ତ ଦାସ । ସେ କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଂଜ ମେଡିକାଲ କଲେଜ ଏବଂ ହସ୍ପିଟାଲ (ଏସ୍ସିବି)ରେ ଅବହେଳା ଅଭିଯୋଗ କରି ବିଧାନସଭା ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସୂଚନା ମୁତାବକ, ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅଞ୍ଚଳର ପଙ୍କପାଳର ଯୁବକ ଦୁଷ୍ମନ୍ତ ଦାସ ଏସସିବିରେ ଚିକିତ୍ସା ଅବହେଳାକୁ ନେଇ ବିରୋଧ କରିବା ସହ ନିଜ ହାତ କାଟି ଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଏହା ପରେ ସେ ବିଷ ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ତେବେ ଏହି ଘଟଣା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧର କରାଯାଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବଙ୍କ ନିର୍ଦ୍ଦେଶକ୍ରମେ ଗତ ମାସ ୧୬ ତାରିଖରେ ଦୁଷ୍ମନ୍ତଙ୍କୁ ଏସ୍ସିବିର ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଥିଲା । ପୂର୍ବରୁ ଏଠାରେ ଏକ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁଁ ସେ ଚାଲିବାକୁ ଅକ୍ଷମ ହୋଇପଡ଼ିଥିଲେ । ତାଙ୍କ ବାମ ଗୋଡ଼ ସଂପୂର୍ଣ୍ଣ ଭାବେ ଅଚଳ ହୋଇଯାଇଥିଲା । ରାଜ୍ୟ ସରକାରଙ୍କ ସହଯୋଗ ପରେ ସେ ସୁସ୍ଥ ହୋଇଯିବେ ବୋଲି ଆଶା ନେଇ ପୁଣି ବଡ଼ ମେଡିକାଲକୁ ଆସିଥିଲେ । ହେଲେ ମେଡିକାଲରେ ୨୧ ଦିନ ପଡ଼ିରହିବା ପରେ ମଧ୍ୟ ତାଙ୍କର ଚିକିତ୍ସା ହୋଇପାରି ନଥିଲା । ଶେଷରେ ଦୁଷ୍ମନ୍ତ ଜିଇବାକୁ ଆଉ ଚାହିଁ ନଥିଲେ ।

## ସୀମାରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ନେଇ ଓଡ଼ିଶା-ଆନ୍ଧ୍ର ଅଧିକାରୀ ମୁହାଁମୁହିଁ

ଭୁବନେଶ୍ୱର,୦୮/୦୯(ନି.ପ୍ର): ପୁଣି ଗଜପତି ସୀମାନ୍ତରେ ଆନ୍ଧ୍ରର ଦାଦାଗିରି । ସୀମାନ୍ତରେ ଥିବା ଅଙ୍ଗନବାଡି କେନ୍ଦ୍ରକୁ ନେଇ ମୁଣ୍ଡ ଟେକିଛି ବିବାଦ । ରାୟଗଡ ବ୍ଲକ ଗଙ୍ଗବାଡ ପଂଚାୟତରେ ଥିବା ଅଙ୍ଗନୱାଡି କେନ୍ଦ୍ର କାହାର । ଓଡିଶାର ନା ପଡୋଶୀ ଆନ୍ଧ୍ରର । ଅଙ୍ଗନବାଡି କେନ୍ଦ୍ରଟି ଓଡିଶା ସୀମାରେ ଥିବା ନେଇ ଗଜପତି ଜିଲ୍ଲା ପ୍ରଶାସନ କହୁଥିବା ବେଳେ ଆନ୍ଧ୍ର ଅଧିକାରୀ କହୁଛନ୍ତି ଏହା ତାଙ୍କର । ଗଜପତି ସୀମାନ୍ତରେ ଆନ୍ଧ୍ରର ଦାଦାଗିରି । ସୀମାନ୍ତରେ ଥିବା ଅଙ୍ଗନୱାଡି କେନ୍ଦ୍ର କାହାର ? ମାଣିକପାଟଣାରେ ଆନ୍ଧ୍ର-ଓଡିଶା ଅଧିକାରୀ ମୁହାଁମୁହିଁ । ଗଜପତି-ଆନ୍ଧ୍ର ସୀମାରେ ଥିବା ମାଣିକପାଟଣା ଗାଁର ଏକ ଅଙ୍ଗନୱାଡି କେନ୍ଦ୍ରକୁ ନେଇ ଆରମ୍ଭ ହୋଇଛି ନୂଆ ବିବାଦ । ଅଙ୍ଗନୱାଡି କେନ୍ଦ୍ର ଥିବା ଅଞ୍ଚଳକୁ ନିଜର ବୋଲି ଦାବି କରୁଛନ୍ତି ଉଭୟ ଗଜପତି ପ୍ରଶାସନ ଓ ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲା ପ୍ରଶାସନ । ୨୦୧୨ ମସିହାରୁ ମାଣିକପାଟଣା ଗାଁରେ ଏକ ଅସ୍ଥାୟୀ ଅଙ୍ଗନୱାଡି କେନ୍ଦ୍ର ଚଲାଇ ଆସୁଥିଲା ଆନ୍ଧ୍ରପ୍ରଦେଶ । ଏହି ଖବର ପାଇ ସ୍ଥାନୀୟ ତହସିଲଦାର ଅଙ୍ଗନୱାଡି କେନ୍ଦ୍ରକୁ ସିଲ୍ କରିଦେଇଛନ୍ତି । ଏହାକୁ ନେଇ ବିବାଦ ତେଜିବା ସହ ମାଣିକପାଟଣା ଗାଁରେ ପୁଲିସ, ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି ମୁହାଁମୁହିଁ ହୋଇଛନ୍ତି । ଗଜପତି ଜିଲ୍ଲାର ସୀମା ବିବାଦ ଗାଁ ଗୁଡିକ ମଧ୍ୟରୁ ମାଣିକପାଟଣା ଗାଁ ବିବାଦୀୟ ହୋଇ ରହିଆସିଛି । ତେବେ ଉଭୟ ଜିଲ୍ଲା ପ୍ରଶାସନର ଉଚ୍ଚସ୍ତରୀୟ ଆଲୋଚନା ପରେ ସୀମାର ମାପଚୁପ କରାଯିବାକୁ ନିଷ୍ପତି ହୋଇଛି । ସେପଟେ ଓଡିଶା ସୀମାରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ସ୍ଥାନୀୟ ତହସିଲଦାର ସିଲ୍ କରିବା ସମୟରେ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଗୁରୁନାଥ ଶବରଙ୍କୁ ଗିରଫ କରିଛି ଗାରାବନ୍ଧ ପୁଲିସ । ଗଜପତି ଜିଲ୍ଲାରେ ସୀମା ବିବାଦ କିଛି ନୂଆ କଥା ନୁହେଁ । ବିଭିନ୍ନ ସମୟରେ ଜଳ, ଜମି ଜଙ୍ଗଲକୁ ନେଇ ଆନ୍ଧ୍ରାପ୍ରଦେଶ ସହ ବିବାଦ ଦେଖା ଯାଉଛି ।

## ମୂର୍ତ୍ତି ଉଚ୍ଚତା ବିବାଦ : ୨ ଦିନରେ ନିଷ୍ପତ୍ତି ନେବେ ସରକାର

ଭୁବନେଶ୍ୱର,୦୮/୦୯ (ନି.ପ୍ର): ପାର୍ବଣରେ ମୂର୍ତି ଉଚ୍ଚତା ବିବାଦକୁ ନେଇ ବୁଧବାର ସରକାର ଏବଂ ପୂଜା କମିଟି ମଧ୍ୟରେ ବୈଠକ ହୋଇଥିବା ବେଳେ ଆଗାମୀ ୨ଦିନ ଭିତରେ ସରକାର ଏନେଇ ନିଷ୍ପତି ନେବେ ବୋଲି ଜଣାପଡିଛି । ବୈଠକ ଶେଷ ହେବା ପରେ କଟକ ମହାନଗର ଶାନ୍ତି କମିଟି ମୁଖ୍ୟ ପ୍ରଭାତ ରଞ୍ଜନ ତ୍ରିପାଠୀ କହିଛନ୍ତି ଯେ, ୨ ଦିନ ମଧ୍ୟରେ ସରକାର ମୂର୍ତିର ଉଚ୍ଚତା ଏବଂ ପରଦା ଉଚ୍ଛେଦକୁ ନେଇ ନିଷ୍ପତି ନେବେ । ଗଣେଷ ପୂଜା ସୁଦ୍ଧା ନିଷ୍ପତି ନିଆଯିବ । ଏହା ସହ ଦୁର୍ଗା ପୂଜା ସମୟରେ ରାଜ୍ୟରେ କରୋନା ସ୍ଥିତି ଦେଖି ଭକ୍ତଙ୍କୁ ଦର୍ଶନ ଅନୁମତି ମିଳିବ କି ନାହିଁ ସେ ନେଇ ନିଷ୍ପତି ନିଆଯିବ । ପୂଜା ମଣ୍ଡପରେ ୩ ପଟ ପରଦା ରହିବ କି ନାହିଁ ଅକ୍ଟୋବର ମାସ ଦୁର୍ଗା ପୂଜା ସମୟରେ ସଂକ୍ରମଣ ସ୍ଥିତିକୁ ଦେଖି ନିଷ୍ପତି ନେବେ ସରକାର । ବୈଠକରେ ସରକାରଙ୍କ ସମସ୍ତ ନିଷ୍ପତିକୁ ଶାନ୍ତି କମିଟି ଓ ଦୁର୍ଗା ପୂଜା କମିଟି ସ୍ୱାଗତ କରିଥିବା କହିଛନ୍ତି ପ୍ରଭାତ ରଞ୍ଜନ ତ୍ରିପାଠୀ । କରୋନା ସଂକ୍ରମଣକୁ ଆଖିଆଗରେ ରଖି ସରକାର ପାର୍ବଣରେ ୪ ଫୁଟ ଉଚ୍ଚତାର ମୂର୍ତି ଏବଂ ମଣ୍ଡପରେ ପରଦା ଟାଣି ପୂଜା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସରକାରଙ୍କ ଏହି ନିର୍ଦ୍ଦେଶ ପରେ ଏହାକୁ ପୂଜା କମିଟିମାନେ ବିରୋଧ କରିବା ସହ ଏହି କଟକଣା କୋହଳ କରିବା ପାଇଁ ଦାବି କରିଥିଲେ ।

## ୟୁପି ନିର୍ବାଚନ ପାଇଁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଭାରୀ ଦାୟିତ୍ୱ



ନୂଆଦିଲ୍ଲୀ/ଭୁବନେଶ୍ୱର,୦୮/୦୯ (ନି.ପ୍ର): ଉତର ପ୍ରଦେଶରେ ହେବାକୁ ଥିବା ଆଗାମୀ ବିଧାନସଭା ନିର୍ବାଚନ ନିମନ୍ତେ ଭାରତୀୟ ଜନତା ପାର୍ଟି ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ପ୍ରକାଶ ନଡ୍ଡା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଭାରୀ ଭାବେ ନିଯୁକ୍ତ କରିଛନ୍ତି । ସେହିପରି, କେନ୍ଦ୍ର ସୂଚନା ଏବଂ ପ୍ରସାରଣ ଓ ଯୁବ ବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂହ ଠାକୁର, କେନ୍ଦ୍ର ସଂସଦୀୟ ବ୍ୟାପାର ଏବଂ ସଂସ୍କୃତି ତଥା ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ୍, ରାଜ୍ୟସଭା ସାଂସଦ ସୁଶ୍ରୀ ସରୋଜ ପାଣ୍ଡେ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା କରନ୍ଦଲାଜେ, ହରିୟାଣା ରାଜ୍ୟ ସରକାରଙ୍କ ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଅଭିମନ୍ୟୁ, କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ରାଜ୍ୟସଭା ସାଂସଦ ବିବେକ ଠାକୁରଙ୍କୁ ଉତର ପ୍ରଦେଶ ବିଧାନସଭା ନିର୍ବାଚନ ନିମନ୍ତେ ସହ-ପ୍ରଭାରୀ ଭାବେ ନିଯୁକ୍ତି ମିଳିଛି । ବିଜେପି ମୁଖ୍ୟାଳୟ ପ୍ରଭାରୀ ଅରୁଣ ସିଂହ ଏହି ସୂଚନା ଦେଇଛନ୍ତି ।

## ପିସିସି କମିଟି ଗଠିତ : ସ୍ଥାନ ପାଇଲେ ୧୨ ଉପସଭାପତି, ୨୦ ସାଧାରଣ ସମ୍ପାଦକ

ଭୁବନେଶ୍ୱର,୦୮/୦୯ (ନି.ପ୍ର): ବହୁ ବାଦ ବିବାଦ ଭିତରେ ଶେଷରେ ପିସିସି କମିଟି ଗଠନ ହୋଇଛି । ପୁରୁଣା ଟିମ୍ ଭାଙ୍ଗିବା ପରେ ଆଜି ୭୯ ଜଣିଆ ନୂଆ କମିଟି ଗଠନ ହୋଇଛି । ଯେଉଁଥିରେ ୧୨ ଜଣ ନେତାଙ୍କୁ ଉପସଭାପତି ପଦ ମିଳିଥିବାବେଳେ ୨୦ ଜଣଙ୍କୁ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଏଥିସହିତ ଏହି କମିଟିରେ ୪୬ ଜଣଙ୍କୁ ସମ୍ପାଦକ , ଜଣେ କୋଷାଧ୍ୟକ୍ଷଙ୍କୁ ମିଶାଇ ୭୯ଜଣ ଥିବାବେଳେ କାର୍ଯ୍ୟକାରିଣୀ କମିଟିରେ ୩୨ଜଣ ବରିଷ୍ଠ ନେତା,ଏକ୍ସ-ଅଫିସ ମେମ୍ବର ଭାବେ ରାଜ୍ୟର ସମସ୍ତ ଦଳୀୟ ବିଧାୟକ ଓ ସାଂସଦ, ପୂର୍ବତନ ପିସିସି ସଭାପତି, ଓଡ଼ିଶାରେ ଏଆଇସିସିର ସମସ୍ତ ପଦାଧିକାରୀ, ଛାମୁଆ ସଂଗଠନର ମୁଖିଆଙ୍କୁ ସାମିଲ କରାଯାଇଛି । କଂଗ୍ରେସ ସାଧାରଣ ସମ୍ପାଦକ କେ ସି ବେନୁଗୋପାଳ, କଂଗ୍ରେସ ସଭାପତିଙ୍କ ଅନୁମତି କ୍ରମେ ପ୍ରେସରିଲିଜ୍ ଜାରି କରି ଏହି ସୂଚନା ଦେଇଛନ୍ତି । ପ୍ରଦେଶ କଂଗ୍ରେସ କମିଟିର ୧୨ଜଣ ଉପସଭାପତି ହେଲେ ଗଣେଶ୍ୱର ବେହେରା, ସନ୍ତୋଷ ସିଂ ସାଲୁଜା, ସରସ୍ୱତୀ ହେମ୍ବ୍ରମ, ଶିବାନନ୍ଦ ରାୟ, ସୁରେଶ ମହାପାତ୍ର, ଭୁଜବଳ ମାଝୀ, ଯଜ୍ଞେଶ୍ୱର ବାବୁ, ନକୁଳ ନାୟକ, ଦେବାଶୀଷ ପଟ୍ଟନାୟକ, ସଦନ ନାୟକ, ରତ୍ନମଣି ଉଲାକା ଓ ସସ୍ମିତା ବେହେରା ରହିଛନ୍ତି । ଉପସଭାପତି ଭାବେ ପିସିସି ପ୍ରଥମଥର ପାଇଁ ▶▶ପୃଷ୍ଠା ୭

## ହଟ୍ଟଗୋଳ ଭିତରେ ୪ଟି ବିଲ୍ ପାରିତ: କାଲି ଯାଏଁ ଗୃହ ମୁଲତବୀ

ଭୁବନେଶ୍ୱର,୦୮/୦୯(ନି.ପ୍ର): ହଟ୍ଟଗୋଳ ଭିତରେ ଗୃହରେ ପାରିତ ହେଲା ୪ଟି ବିଲ୍ । ବିରୋଧୀଙ୍କ ହଙ୍ଗାମା ଯୋଗୁଁ କାଲି ଯାଏଁ ଗୃହ ମୁଲତବୀ ରଖାଯାଇଛି । ଆଜି ଗୃହ ଆରମ୍ଭରୁ ବିରୋଧୀ ଦଳ ହଙ୍ଗାମା କରିଥିଲେ । ଏହାପରେ ବାଚସ୍ପତିଙ୍କ ଚାମ୍ବର ମଧ୍ୟ ଘେରିଥିଲେ ବିଜେପି ଓ କଂଗ୍ରେସ । ବିଧାନସଭାରେ ପାରିତ ହୋଇଥିବା ବିଲ୍ ଗୁଡିକ ହେଲା ଓଡିଶା ପଞ୍ଚାୟତ ସଂଶୋଧନ ବିଲ, ଓଡିଶା ସରକାରୀ ଜମି ବନ୍ଦୋବସ୍ତ ସଂଶୋଧନ ବିଲ, ଓଡିଶା ଗୃହ ବ୍ୟବସ୍ଥା ବୋର୍ଡ ସଂଶୋଧନ ବିଲ, ଭାରତୀୟ ଷ୍ଟାମ୍ପ ଓଡିଶା ସଂଶୋଧନ ବିଲ୍ । ଆଜି ୪ଟାରେ ବାଚସ୍ପତିଙ୍କ ଚାମ୍ବର ଘେରିଥିଲେ ଉଭୟ ବିଜେପି ଓ କଂଗ୍ରେସ । ବାଚସ୍ପତିଙ୍କୁ ତାଙ୍କ ଚେୟାରକୁ ଆସିବାକୁ ଦେଇନଥିଲେ ବିରୋଧୀ । ବିରୋଧୀଙ୍କ ଘେରାଉ ଯୋଗୁଁ ଗୃହ ଆସିପାରିଲେନି ବାଚସ୍ପତି । ଏହାପରେ ବାଚସ୍ପତିଙ୍କ ବଦଳରେ ଉପବାଚସ୍ପତି ଗୃହ ପରିଚାଳନା କରିଥିଲେ ।

# ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ

ଧର୍ମଶାଳା,୮/୯ (ନି.ପ୍ର): କେନ୍ଦ୍ର ଆଦିବାସୀ ଓ ଜଳ ଶକ୍ତି ରାଷ୍ଟ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୟୂରଭଞ୍ଜ ଗସ୍ତ କରିଛନ୍ତି । ଏହି ଅବସରରେ ଆଜି ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ପ୍ରଥମେ ବଡଚଣା ବ୍ଲକ ଚଣ୍ଡିଖୋଲଛକଠାରେ ବଡଚଣା ବିଜେପି ପକ୍ଷରୁ ସ୍ୱାଗତ କରାଯାଇଛି । ବିଜେପି ରାଜ୍ୟ ସଂପାଦକ ଅମର ନାୟକ,ଜିଲା ସଭାପତି ଗୌତମ ରାୟ,ସାଧାରଣ ସଂପାଦକ ଦେବଜାନୀ ପ୍ରଧାନ,ସଂପାଦକ ପ୍ରମୋଦ କୁମାର ଜେନା,ଜିଲା ଯୁବ ମୋର୍ଚ୍ଚା ସାଧାରଣ ସଂପାଦକ ପ୍ରୀତମ ନାୟକ,ଉପସଭାପତି ଦିପକ ସାମଲ,ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଭାକର ମଲ୍ଲିକ,ଓବିସି ସେଲ ସଭାପତି ସମରେନ୍ଦ୍ର କୁମାର ପରିଡା,ମଣ୍ଡଳ ସଭାପତି ବେଣୁଧର ବିଶ୍ୱାଳ,ଲଳାଟ ମହାପାତ୍ର ପ୍ରମୁଖ ଚଣ୍ଡିଖୋଲ ଛକରେ ଉପସ୍ଥିତ ରହି କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ୫୩ ନମ୍ବର ଜାତୀୟ ରାଜପଥର ଖୋସାଲିପୁର ନିକଟସ୍ଥ ନଳୁଆଶୁଣୀ ପାଠରେ ଏକ ଗଳିପୋଲ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଧର୍ମଶାଳା ଥାନା ଅନ୍ତର୍ଗତ ମୂଳାପାଳଠାରେ ପୂର୍ବତନ ବିଜେପି ଜିଲା ଆଶୁତୋଷ ପରିଡା,ବରିଷ୍ଠ ନେତା କାହ୍ନୁଚରଣ ଦାଶ,ପ୍ରଫୁଲ୍ଲ ଗିରିଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ଦୀପାଂଚଳରେ ବନ୍ୟା ଦାଉରୁ ସ୍ଥାୟୀ ସୁରକ୍ଷା ଓ ଜଳସେଚନ ପାଇଁ ବ୍ୟାପକ ବ୍ୟସ୍ଥା କରିବା ନେଇ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ପରେ ରସୁଲପୁର ବ୍ଲକ କୁଆଖିଆଠାରେ ରାଜ୍ୟ ଆଇଟି ସେଲ ସଂଯୋଜକ ରବିନ୍ଦ୍ର ନାରାୟଣ ବେହେରାଙ୍କ ସମେତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିଶିଭୁଷଣ ସାହୁ,ବିଜେପି ଜିଲା ସଂଯୋଜକ ମୁକୁନ୍ଦଦେବ ମହାନ୍ତି, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ଇତିଶ୍ରୀ ଜେନା,ମାୟାଧର ପଲେଇ, ବଟକୃଷ୍ଣ ସାହୁ,ଅରୁଣ ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ,ଲକ୍ଷ୍ମଣ ସାହୁ,ସୁରେନ୍ଦ୍ର ରଥ ଓ ସୂର୍ଯ୍ୟମଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।

# ପ୍ରାଥମିକ ଚିକିତ୍ସା ଉପରେ ତାଲିମ୍ ନେଲେ ଛାତ୍ରଛାତ୍ରୀ

ନୂଆପଡା,୮/୯ (ନି.ପ୍ର): ଦିନକୁ ଦିନ ସଡ଼କ ଦୁର୍ଘଟଣାରେ ଦେଶରେ ଦଶ ହଜାରରୁ ଅଧିକ ଲୋକ ମୃତ୍ୟୁ ମୁଖରେ ପଡନ୍ତି, ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଅଭାବରୁ ଅନେକାଂଶରେ ମୃତ୍ୟୁବରଣ କରିବାର ଦେଖାଯାଏ । ଲୋକଙ୍କ ମଧ୍ୟରେ ଏକ ଭୁଲ୍ ଧାରଣା ଅଛି ଯେ ପୋଲିସ ହଇରାଣ କରିବ, ମାମଲା ରୁଜୁ ହେବ, ଏଥିପାଇଁ ଲୋକେ ଆଘାତପ୍ରାପ୍ତ ଲୋକଙ୍କ ସେବା କରିବା ବଦଳରେ ଛାଡି କି ଚାଲି ଯାଆନ୍ତି । ଘରେ ମଧ ଛୋଟ ଛୋଟ ଦୁର୍ଘଟଣାକୁ ନେଇ ଲୋକେ ବ୍ୟସ୍ତ ହୋଇ ପଡନ୍ତି । ଏନେଇ ସଚେତନ କରିବାର ପ୍ରୟାସରେ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ଉପରେ ତାଲିମ୍ ପ୍ରଦାନ କରାଯାଉଛି । ଜୟ କିସାନ ନୋଡାଲ ହାଇସ୍କୁଲ ବରଗାଁରେ ଶିକ୍ଷକ ଜୟଦେବ ବେହେରା ତାଲିମ୍ ପ୍ରଦାନ କରୁଛନ୍ତି । ଭାରତୀୟ ରେଡ଼କ୍ରସ ସୋସାଇଟି ଓଡିଶା ସୌଜନ୍ୟରେ ଜୁନିୟର ରେଡକ୍ରସ ୟୁନିଟର ଛାତ୍ରଛାତ୍ରୀ ଏନେଇ ତାଲିମ୍ ନେଉଛନ୍ତି । ଏହା ସେମାନଙ୍କ ସାମାଜିକ ଜୀବନରେ ସହାୟତା କରିବ ବୋଲି ସେମାନେ କହିଛନ୍ତି । କାର୍ଯ୍ୟକ୍ରମରେ ଶିକ୍ଷକ ହେରମ୍ବ ମାଝି, ଛବି ପୋଢ, ରାଜଶ୍ରୀ ଦଣ୍ଡସେନା, କ୍ରୀଡ଼ା ଶିକ୍ଷୟିତ୍ରୀ ଦମୟନ୍ତୀ ପଟେଲ, ଜିତେନ୍ଦ୍ର କୁମାର ପଣ୍ଡା, ସୁଧାଂଶୁ ମୁଣ୍ଡ , ରୁନା ଏଲିସା ଜାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜୁ ଯୁବ ଓ ଛାତ୍ର ଜନତା ଦଳର ବନ୍ଧୁ ମିଳନ

ମାଲକାନଗିରି,୮/୯ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଟେରୁ ପଚାଂୟତରେ ଆଜି ବିଜୁ ଯୁବ ଓ ଛାତ୍ର ଜନତା ଦଳର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ ବହୁ ସଂଖ୍ୟାରେ ଅନ୍ୟ ଦଳୀୟ କର୍ମୀ ମାନେ ବିଜେଡ଼ିରେ ଯୋଗଦାନ କରିଥିଲେ । ଏଥିରେ ପୂର୍ବତନ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ତଥା ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଆଡମା ରାବା ଓ ଛାତ୍ର ଜନତା ଦଳର ସଭାପତି ତାପସ ରଞ୍ଜନ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବହୁ ଦଳୀୟ କର୍ମୀ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ଅଂଚଳରେ ଦୀର୍ଘ ଦିନରୁ କଂଗ୍ରେସ ଓ ବିଜେପିରେ କାର୍ଯ୍ୟରତ ବହୁ ଯୁବ କର୍ମୀ ବିଜୁ ଯୁବ ଓ ଛାତ୍ର ଜନତା ଦଳରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ପଡିଆ ବ୍ଲକ ସାଂସଦ ପ୍ରତିନିଧି ସି.ଏଚ୍ ରାବିଡ୍ କୁମାର, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଂପାଦକ ମେସାକ୍ ମାଦ୍ରୀ, ବିଜୁ ଯୁବ ଜନତା ଦଳର ଡିଜିଟାଲ ସେକ୍ରେଟାରୀ ମନୋଜ ପଟ୍ଟନାୟକ, ଲଛମନ ମାଡକାମି, ପ୍ରଫୁଲ୍ଲ ହରିଜନ ଓ ରାହୁଲ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ

ନୂଆପଡ଼ା,୮/୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ସ୍ଥିତ ଗାୟତ୍ରୀ ମନ୍ଦିର ଠାରେ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ସ୍ୱାମୀଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱାମୀଲକ୍ଷ୍ମଣାନନ୍ଦଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଯଇଥିଲା । ବିଶ୍ୱହିନ୍ଦୁ ପରିଷଦ ପ୍ରତିଷ୍ଠାର ଉଦ୍ଦେଶ୍ୟ ଓ ପରିଚାଳନା ସହିତ ଅନେକ ବିଷୟରେ ବକ୍ତା ମାନେ ବକ୍ତବ୍ୟ ରଖିଥିଲେ । ପରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜୀବନୀ, ବଳିଦାନ, ତାଙ୍କର ସମାଜ ପାଇଁ ଅବଦାନ ବିଷୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବରିଷ୍ଠ ଆଇନଜିବୀ ବୈଶମ୍ପାୟନ ମେହେର, ଶିକ୍ଷବିତ ଚନ୍ଦ୍ରଶେଖର ନାଏକ, ସତ୍ୟବ୍ରତ ଗହିର, ସୁବ୍ରତ ଠାକୁର,ଡମ୍ବରୁଧର ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ମଧୁକୁମାର ଜୈନ, ରୁପେଶ ମେହେର, ବିଶ୍ୱହିନ୍ଦୁ ପରିଷଦର ପ୍ରମୁଖ ମୋହନ ଚରଣ ଦାସ, ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଚଣ୍ଡିଖୋଲ ଟ୍ରାଫିକରେ ନୂତନ ଥାନାଧିକାରୀଙ୍କ ଯୋଗଦାନ

ଧର୍ମଶାଳା,୮/୯ (ନି.ପ୍ର): ଯାଜପୁର ଜିଲ୍ଲାର ଏକମାତ୍ର ଟ୍ରାଫିକ ଥାନା ଚଣ୍ଡିଖୋଲରେ ନୂତନ ଥାନାଧିକାରୀ ଭାବେ ହୃଦାନନ୍ଦ ବେହେରା ଯୋଗଦେଇଛନ୍ତି । ପୂର୍ବରୁ ଥିବା ଥାନାଧିକାରୀଙ୍କ ଜେନାପୁର ଥାନାକୁ ବଦଳି ପରେ ଜିଲ୍ଲା ମୁଖ୍ୟାଳୟରେ କାର୍ଯ୍ୟରତ ଥିବା ଶ୍ରୀ ବେହେରା ଏଠାରେ ଯୋଗଦେଇଛନ୍ତି । ସେ ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ଏସପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକରି ବେଶ ସୁନାମ ଅର୍ଜନ କରିଥିଲେ । ଦିର୍ଘ ୨୮ ବର୍ଷର ଚାକରିରେ ସେ ୧୫ ବର୍ଷ ଗଂଜାମ ଜିଲ୍ଲାର ବ୍ରହ୍ମପୁରରେ ଥିଲାବେଳେ ବ୍ରହ୍ମପୁର ଟ୍ରାଫିକ ଥାନାରେ କାର୍ଯ୍ୟରତ ଥିଲେ । ଚଣ୍ଡିଖୋଲ ଭଳି ଏକ ଗୁରୁତ୍ୱପୁର୍ଣ୍ଣ ଟ୍ରାଫିକ ଥାନାରେ ନିଜର ଦାଇତ୍ୱ ଓ ଟ୍ରାଫିକ ସମସ୍ୟାକୁ ଦୂର କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି ।

# ବିଧାନସଭାରେ ଉଠିଲା ପଟ୍ଟାମୁଣ୍ଡାଇ ସମସ୍ୟା

ପଟ୍ଟାମୁଣ୍ଡାଇ,୮/୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଦୀର୍ଘ ଦିନରୁ ଅବହେଳିତ ଅବସ୍ଥାରେ ରହିଛି । ବାରମ୍ବାର ବିଭିନ୍ନ ଦାବି ପୂରଣ ଦିଗରେ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନେଉନଥିବା ନେଇ ଚର୍ଚ୍ଚା ହେଉଛି । ପଟ୍ଟାମୁଣ୍ଡାଇ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ଶିକାର ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି । ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରୁ ନ ଥିବାରୁ ଅବସ୍ଥାରେ କୌଣସି ପରିବର୍ତ୍ତନ ହେଉନାହିଁ । ସ୍ଥାନୀୟ ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ଅଂଚଳର ବିଭିନ୍ନ ପ୍ରସଙ୍ଗ ଉତଥାପନ କରି ଏହାର ସମାଧାନ ପାଇଁ ଦାବି କରିଆସିଛନ୍ତି । ସରକାର ଏହି ସବୁ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ, ସେହି ପ୍ରତିଶ୍ରୁତି ଅଦ୍ୟାବଧି ପାଳନ ହୋଇ ନ ଥିବାରୁ ଏହାର ପ୍ରାସଙ୍ଗିକତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଚଳିତ ବିଧାନସଭା ଅଧିବେସନରେ ପଟ୍ଟାମୁଣ୍ଡାଇର ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉଥାପନ କରିଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ । ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ଅଂଚଳର ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରି ଏହାର ସମାଧାନ ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ । ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ମିଳିଥିବା ବେଳେ ଆର୍ଥିକ ମଞ୍ଜୁରୀ ପ୍ରଦାନରେ ବିଳମ୍ବ, ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦିଆଯିବା, ହୋମିଓପାଥିକ ଓ ଆୟୁର୍ବେଦିକ ଚିକିତ୍ସାଳୟ ଗୁଡିକରେ ଡାକ୍ତରୀ ପଦବୀ ଖାଲି ପଡିବା ସହ ଡାକ୍ତର ନଥିବା କାରଣରୁ କେଉଁ କେଉଁ ସ୍ଥାନରେ ଚିକିତ୍ସାଳୟ ବନ୍ଦ ହୋଇ ପଡିଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ପ୍ରଶ୍ନ କରିଥିଲେ । ଏହାର ଉତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ କହିଥିଲେ ୨୦୧୯/୨୦ ଆର୍ଥିକ ବର୍ଷରେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତିକରଣ ନିମନ୍ତେ ୫ କୋଟି ଟଙ୍କା ଅନୁଦାନ କରାଯାଇଛି । ଆବଶ୍ୟକତା ଅନୁଯାଇ ଅଣବେତନ ଖର୍ଚ୍ଚ ପ୍ରଦାନ କରାଯାଇଛି । ଆଉ ଖାଲି ପଡିଥିବା ଡାକ୍ତରୀ ପଦବୀ ଗୁଡିକୁ ଓପିଏସ ଦ୍ୱାରା ଚୟନ କରାଯାଇ ବିଭାଗୀୟ ପଦୋନ୍ନତି ତଥା ଚୁକ୍ତି ଭିତିକ ନିଯୁକ୍ତି ଦ୍ୱାରା ଯଥା ସମ୍ଭବ ପୂରଣ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଉତରରେ କହିଥିଲେ ।

# କାରଖାନାରେ ଆକସ୍ମିକ ଦୁର୍ଘଟଣାକୁ ପ୍ରତିରୋଧ ଓ ଦୁର୍ଘଟଣାର ପ୍ରଭାବକୁ ହ୍ରାସ କରିବା ସକାଶେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୮/୯ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ଅବସ୍ଥିତ ବିଭିନ୍ନ କଳ କାରଖାନାରେ ରାସାୟନିକ ପଦାର୍ଥଜନିତ ଆକସ୍ମିକ ଦୁର୍ଘଟଣାକୁ ପ୍ରତିରୋଧ କରିବା ସହ ଦୁର୍ଘଟଣାର ପ୍ରଭାବକୁ ହ୍ରାସ କରିବା ସକାଶେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସାମଲ ଜିଲ୍ଲାର ଶିଳ୍ପାନୁଷ୍ଠାନଗୁଡ଼ିକ ପକ୍ଷରୁ ନିର୍ଦ୍ଧାରିତ ଅଫ ସାଇଟ ଇମରଜେନ୍ସି ପ୍ଲାନର ସଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିବା ସହ ଶିଳ୍ପାନୁଷ୍ଠାନ ଗୁଡ଼ିକ ନିୟମିତ ଭାବରେ ନିଜ ନିଜର ଷ୍ଟୋରେଜ ସାଇଟର ତଦାରଖ କରିବାକୁ ପରାମର୍ଶ ଦେଇଥିଲେ । କଳ କାରଖାନା ପରିସର ବାହାରେ ବସବାସ କରୁଥିବା ଅଧିବାସୀମାନେ ଦୁର୍ଘଟଣା ଦ୍ୱାରା ଯେପରି ପ୍ରଭାବିତ ନହୁଅନ୍ତି ସେ ଦିଗର ଆନୁସଙ୍ଗିକ କାର୍ଯ୍ୟପନ୍ଥା ଗ୍ରହଣ ପାଇଁ ଜିଲ୍ଲାପାଳ ଶିଳ୍ପାନୁଷ୍ଠାନ ପରିଚାଳକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଫ୍ୟାକ୍ଟ୍ରି ଓ ବଏଲର ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ମିଶ୍ର, ଫିକିର ସହକାରୀ ନିର୍ଦ୍ଦେଶକ ବେଦପ୍ରକାଶ, ଫିକିର ସୁରେନ୍ଦ୍ର ବର୍ମା , ସିଏସଓ ଉମେଶ ଚନ୍ଦ୍ର ସ୍ୱାଇଁ, ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡର ଅଶୋକ କୁମାର ଭୋଇ, ଏମ୍ ଏ ଏଚ ଇଣ୍ଡଷ୍ଟ୍ରି, ଆଇଓସିଏଲ ବଟଲିଙ୍ଗ ପ୍ଲାଣ୍ଟ, ଓପିଜିସି, ବେଦାନ୍ତ ଆଦି ଶିଳ୍ପାନୁଷ୍ଠାନର ଅଧିକାରୀ, ଏଆରଏମ୍ ( ରେଲୱେ ) ଓ ଡିପିଓ ସଂଗୀତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ) ଲଙ୍କେଶ୍ୱର ଅମାତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦାସ ଆଶ୍ରମରେ ସନ୍ଥ ସମ୍ମିଳନୀ

ଧର୍ମଶାଳା,୮/୯ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ଚଣ୍ଡିତଳସ୍ଥିତ ଉଦାସ ଆଶ୍ରମ ପରିସରରେ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉଦାସର ମଠାଧିଶ ଅମରାନନ୍ଦ ଦାସଙ୍କ ମହାପ୍ରୟାଣ ପରେ ମଠର ମଠାଧିଶଙ୍କୁ ନେଇ ବିବାଦ ଦେଖାଯାଇଥିଲା । ଆଶ୍ରମ ପକ୍ଷରୁ ଆଜି କୋଣ ଅନୁକୋଣରୁ ବହୁ ସାଧୁସନ୍ଥଙ୍କୁ ନିମନ୍ତ୍ରଣ କରାଯାଇ ଉତରାଧିକାରୀ ଓ ମଠର ମହନ୍ତ ଭାବେ ଉଦୟାନନ୍ଦ ଦାସଙ୍କୁ ଅଭିଷେକ କରାଯାଇଥିଲା । ସାଧୁସନ୍ଥଙ୍କ ବେଦ ଓ ମନ୍ତ୍ର ଧ୍ୱନୀରେ ଉଦାସ ପରିସର ପ୍ରକମ୍ପିତ ହୋଇଥିଲା । ବ୍ରହ୍ମାନନ୍ଦଜୀ ମହାରାଜଙ୍କ ସଭାପତିତ୍ୱରେ ଆୟୋଜିତ ଅଭିଷେକ କାର୍ଯ୍ୟକ୍ରମରେ ଚାରଣ ଗୋଷ୍ଠୀ ଓଡିଶା ପକ୍ଷରୁ ବିଷ୍ଣୁସହସ୍ର ନାମ,ଗୀତାପାଠ ଓ ହନୁମାନ ଚାଳିସା ସହ ଭଜନ କିର୍ତନ କରାଯାଇଥିଲା । ବହୁ ସଂଖ୍ୟାରେ ସାଧୁସନ୍ଥଙ୍କ ମିଳନ ଏହି ଅଂଚଳ ପାଇଁ ଶୁଭସଂକେତ ବୋଲି ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ।

# ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ଖାଦ୍ୟାଭ୍ୟାସରେ ପୋଷଣଯୁକ୍ତ ମାଣ୍ଡିଆ ଜାତୀୟ ଖାଦ୍ୟ ସାମିଲ୍ ଉପରେ ଗୁରୁତ୍ୱ

କେନ୍ଦୁଝର,୮/୯ (ନି.ପ୍ର): ଚଳିତ ସେପ୍ଟେମ୍ବର ମାସ ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ସେପ୍ଟେମ୍ବର ୭ ତାରିଖ ମଙ୍ଗଳବାର ଦିନ ଓଡ଼ିଶା ମିଲେଟ୍ ମିଶନ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ତଥା ଜିଲ୍ଲା ପ୍ରଶାସନ ସହଯୋଗରେ ଦରବାର ହଲ୍ଠାରେ ଏକ ସଚେତନତା ସମାରୋହ ଏବଂ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଠାକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଉଦ୍‌ବୋଧନ ଛଳରେ ଜନସାଧାରଣ ଖାଦ୍ୟାଭ୍ୟାସରେ ପୋଷଣଯୁକ୍ତ ମାଣ୍ଡିଆ ଜାତୀୟ ଖାଦ୍ୟ ସାମିଲ୍ କରିବାକୁ ଆହ୍ୱାନ ଜଣାଇଥିଲେ । ଭାଷଣ ପ୍ରସଙ୍ଗରେ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ ଯେ ସ୍ୱାସ୍ଥ୍ୟ ପାଇଁ ପୋଷଣ ଏକାନ୍ତ ଆବଶ୍ୟକ । ସୁସ୍ଥ ସବଳ ନାଗରିକ ରାଜ୍ୟର ତଥା ଦେଶର ସମ୍ପଦ । ଏଣୁ ପୁଷ୍ଟିର ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ରାଜ୍ୟ ସରକାର ଓଡ଼ିଶା ମିଲେଟ୍ ମିଶନ ପ୍ରତିଷ୍ଠା କରି ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟର ଅଭିବୃଦ୍ଧି ଓ ଏହାର ବିନିଯୋଗ କରିବା ପାଇଁ ପଦକ୍ଷେପ ନେଇଛନ୍ତି । କେନ୍ଦୁଝର ଜିଲ୍ଲାରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଯୋଗାଇ ଚାଷୀମାନଙ୍କୁ ତାହାର ଉଚିତ୍ ମୂଲ୍ୟ ପ୍ରଦାନର ବ୍ୟବସ୍ଥା କରାଯାଉଛି । ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଯାଇ ଖାଦ୍ୟ ପଦାର୍ଥ ତିଆରି କରି ଏହାର ବ୍ୟବହାର ପାଇଁ ପ୍ରାଥମିକତା ଦିଆଯାଇଛି । ଶିଶୁର ଶାରିରୀକ ଓ ମାନସିକ ବିକାଶ ଦିଗରେ ପୃଷ୍ଟି ଓ ପୋଷଣ ଯୁକ୍ତ ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିଶୁ ଓ ମାଆର ପୃଷ୍ଟିର ବିକାଶ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଏତଦ୍‌ବ୍ୟତୀତ ଶିଶୁମାନଙ୍କର ପୌଷ୍ଟିକ ବିକାଶ ପାଇଁ ଡି.ଏମ୍.ଏଫ୍. ତରଫରୁ ଅନେକ ପ୍ରକାର ପଦକ୍ଷେପ ନିଆଯାଇଛି । ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଖାଦ୍ୟ ତାଲିକାରେ ମାଣ୍ଡିଆ ଲଡ୍ଡୁକୁ ସାମିଲ୍ କରାଯାଇଛି । ଶ୍ରମଜିବୀ ମହିଳାମାନେ କାମକୁ ଯିବାବେଳେ ସେମାନଙ୍କ ଶିଶୁର ଯତ୍ନ ଓ ପୃଷ୍ଟି ପାଇଁ କ୍ରେଚ୍ / ମା ଗୃହର ବ୍ୟବସ୍ଥା କରାଯାଇଛି । ଜିଲ୍ଲାରେ ମାଣ୍ଡିଆ ଜାତୀୟ ଖାଦ୍ୟ ଦ୍ରବ୍ୟକୁ ଅଧିକ ଲୋକପ୍ରିୟ କରିବା ନିମନ୍ତେ ଜିଲ୍ଲାସ୍ତରରେ ମାଣ୍ଡିଆ କାଫେ ନିର୍ମାଣ କରାଯାଉଛି । ଏତଦ୍‌ବ୍ୟତୀତ ପ୍ରତି ବ୍ଲକ୍ ସଦର ମହକୁମାରେ ଏହାକୁ ସଂପ୍ରସାରିତ କରାଯିବ । ଜିଲ୍ଲାରେ ପୋଷଣ ଯୁକ୍ତ ଖାଦ୍ୟ ଅଭ୍ୟାସ ନିମନ୍ତେ ଜିଲ୍ଲାପାଳ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାଃ କିଶୋର କୁମାର ପୃଷ୍ଟି ବକ୍ତବ୍ୟ ପ୍ରଦାନ କରି ପୋଷଣର ମହତ୍ୱ, ଆବଶ୍ୟକତା ଓ ଉପକାର ସଂପର୍କରେ ଆଲୋକପାତ କରି, ଏହାର ବାର୍ତା କେମିତି ଜନସାଧାରଣଙ୍କ ନିକଟରେ ପହଂଚା ଯାଇପାରିବ ଏବଂ ସେମାନେ କିପରି ଉପକୃତ ହେବେ, ସେ ସଂପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱରୋପ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଅନୁସୂୟା ସାହୁ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ଶିଶିର ଷଡଙ୍ଗୀ, ୟୁନିସେଫ୍‌ର ଜିଲ୍ଲା ସଂଯୋଜକ ଗୋବିନ୍ଦ ସେଠୀ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରି ରାଷ୍ଟ୍ରୀୟ ପୋଷଣ ମାସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ବିଶଦ ଭାବେ ଆଲୋଚନା କରି ପୋଷଣ ଯୁକ୍ତ ଖାଦ୍ୟର ଘରୋଇ ବ୍ୟବହାର ପାଇଁ ଲୋକମାନଙ୍କୁ ଉତ୍ସାହିତ କରାଯିବା ଦିଗରେ ଆଲୋଚନା କରିଥିଲେ । ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ କରିବା ସହିତ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ । ଶେଷରେ ଏ.ଡି.ଏସ୍.ଡବ୍ଲ୍ୟୁ.ଓ. ଗୁଣାକାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଓଡିଶା ମିଲେଟ୍ ମିଶନର ଶିବ ଶଙ୍କର ବିଭାର, ସଞ୍ଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଓଡିଶା ମିଲେଟ୍ ମିଶନ ଆନୁକୂଲ୍ୟରେ ଏକ ଖାଦ୍ୟମେଳା ଆୟୋଜିତ ହୋଇଥିଲା ଓ ଏଥିରେ ମାଣ୍ଡିଆ ଜାତୀୟ ପୃଷ୍ଟି ଶସ୍ୟ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା ।

# ସିପିଏମ ଭୁବନେଶ୍ୱରପୁର ଆଂଚଳିକ କମିଟି ସମ୍ମିଳନୀ

କୋରେଇ,୮/୯ (ନି.ପ୍ର): ଭାରତୀୟ କମୁନିଷ୍ଟ ପାର୍ଟି (ମାର୍କସବାଦୀ)(ସିପିଆଇଏମ) ଭୁବନେଶ୍ୱରପୁର ଆଂଚଳିକ କମିଟିର ସପ୍ତମ ସମ୍ମିଳନୀ ସାମ୍ୟଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀ ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଗଣେଶ ସାହୁ ପାର୍ଟି ପତାକା ଉତୋଳନ କରବା ସହ ଡା. ନିର୍ମଳ ରଥ ଉଦ୍ଘାଟନୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଗାମୀ ତିନି ବର୍ଷ ପାଇ କମିଟିର ଲକ୍ଷ୍ୟ ଓ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା । ଏଥି ସହିତ ଆଗାମୀ ତିନି ବର୍ଷ ପାଇଁ ପୁନଶ୍ଚ ସୁରେଶ ସାହୁଙ୍କୁ ସମ୍ପାଦକ କାର୍ଯ୍ୟଭାର ଦିଆଯାଇଥିଲା । ଚାଷ, ଚାଷୀ ଓ ଭାଗଚାଷୀର ସୁରକ୍ଷା ପାଇଁ ଲୋକମାନଙ୍କୁ ସଙ୍ଗଠିତ କରି ଆନ୍ଦୋଳାତ୍ମକ କାର୍ଯ୍ୟକ୍ରମ ହାତକୁ ନେବା, ୩ଟି ଯାକ କଳାକୃଷି ଆଇନ ବାତିଲ କରିବା ପାଇଁ ସଂଯୁକ୍ତ କୃଷକ ମୋର୍ଚ୍ଚା ଡାକରାରେ କରାଯାଉଥିବା ଆନ୍ଦୋଳନକୁ ଶକ୍ତିଶାଳୀ କରିବା, ନିର୍ମାଣ ଶ୍ରମିକ ମାନଙ୍କୁ ଠିକ ସମୟରେ ସମସ୍ତ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଲଗାତର ଆନ୍ଦୋଳନ ଗଢି ତୋଳିବା ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

# ୫ ଜୁଆଡ଼ି ଗିରଫ: ୫ ବାଇକ୍ ଜବତ

ମାଲକାନଗିରି,୮/୯ (ନି.ପ୍ର): ମାଲକାନଗିରି ଥାନା ଅନ୍ତର୍ଗତ ପଦ୍ମଗିରି ନିକଟସ୍ଥ ନର୍ସରୀରେ ଜୁଆ ଖେଳୁ ଥିବା ୫ ଜଣ ଜୁଆଡିଙ୍କୁ ମାଲକାନଗିରି ଆଦର୍ଶ ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କ ଠାରୁ ୧୪୯୮୦ ଟଙ୍କା ଓ ୫ ଟି ବାଇକ୍ ଜବତ କରିଥିବା ଜଣାପଡିଛି । ଗିରଫ ଯୁବକ ମାନେ ହେଲେ ଏମଭି - ୮୪ ଗ୍ରାମର ହରେକୃଷ୍ଣ ମଣ୍ଡଳ, ଅଜିତ ମଣ୍ଡଳ, ପଦ୍ମଗିରି ତଳସାହିର ରାଜୁ କବାସୀ ପଦ୍ମପୁର ଗ୍ରାମର ଲବ ମାଢି ଓ ଚନ୍ଦନଗୁଡା ଗ୍ରାମର ପବିତ୍ର ପଡିଆମୀ । ଏ ସଂକ୍ରାନ୍ତରେ ଥାନା କେସ୍ ସଂଖ୍ୟା ୪୦୧/୨୧ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି ।

# ରାଜ୍ୟରେ ପଛୁଆ ବର୍ଗଙ୍କ ଅଧିକାରକୁ ନେଇ ବିଜେପି ଓବିସି ମୋର୍ଚ୍ଚା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ସମ୍ବଲପୁର,୮/୯ (ନି.ପ୍ର): ଗତ କିଛି ଦିନ ହେଲା ରାଜ୍ୟର ପଛୁଆ ବର୍ଗଙ୍କ ସାମାଜିକ, ଆର୍ଥିକ ତଥା ରାଜନୈତିକ ଅଧିକାରକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି । ଉଭୟ ସରକାରୀ ଓ ବିରୋଧୀ ଦଳ ରାଜ୍ୟର ପଛୁଆ ବର୍ଗ ଜାତିକୁ ନେଇ ସ୍ୱର ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ଜଣେ ଅନ୍ୟ ଜଣଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦୋଷାରୋପ କରୁଛି । ଆଜି ଏହି ମର୍ମରେ ଓଡିଶା ପ୍ରଦେଶ ବିଜେପି ଓବିସି ମୋର୍ଚ୍ଚା ପକ୍ଷରୁ ସମ୍ବଲପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଓଡିଶା ବିଜେପି ଓବିସି ମୋର୍ଚ୍ଚା ପ୍ରଦେଶ ସଭାପତି ସୁରଥ ବିଶ୍ୱାଳ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଗର୍ଜିଛନ୍ତି । ସେ ତାଙ୍କର ବକ୍ତବ୍ୟରେ କହିଛନ୍ତି ଯେ, ରାଜ୍ୟରେ ପଛୁଆ ବର୍ଗଙ୍କ ସାମାଜିକ, ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ନେଇ କମିଶନଙ୍କ ସୁପାରିଶ ଓଡିଶାରେ ଆଦୌ କାର୍ଯ୍ୟକାରୀ ହେଉନାହିଁ । ଦେଶର ଅଧିକାଂଶ ରାଜ୍ୟ ସମ୍ବିଧାନର ଅନୁଚ୍ଛେଦ-୯ ବଳରେ ୫୦ ପ୍ରତିଶତ ସଂରକ୍ଷଣ ସିଲିଂ ବ୍ୟବସ୍ଥାକୁ ଅତିକ୍ରମ କରି ନିଜ ନିଜ ରାଜ୍ୟର ପଛୁଆ ବର୍ଗଙ୍କୁ ସମସ୍ତ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରିଥିବାବେଳେ ଓଡିଶା ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି । ଆତ୍ମ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅଣଦେଖା କରିଛନ୍ତି । ଏପରିକି ରାଜ୍ୟରେ ୨୭ ପ୍ରତିଶତ ବହୁ ଦୂର କଥା ୧୧.୨୫ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହୋଇଛନ୍ତି । ଶିକ୍ଷା ବିଭାଗର ସଦ୍ୟତମ ପ୍ରକାଶିତ ବିଜ୍ଞପ୍ତିରେ ୧୨୬୦ଟି ପିଇଟି ଶିକ୍ଷକ ନିଯୁକ୍ତି ପାଇଁ ଆହ୍ୱାନ କରାଯାଇଥିବା ବେଳେ ମାତ୍ର ୨୩ଟି ପଛୁଆ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ଏହା ଶାସକ ବିଜେଡିର ପଛୁଆ ବର୍ଗଙ୍କ ପାଇଁ ଥିବା ମନୋଭାବକୁ ସ୍ପଷ୍ଟ ପ୍ରମାଣିତ କରୁଛି । ତୁରନ୍ତ ଏହି ବିଜ୍ଞପ୍ତିକୁ ବାତିଲ୍ କରି ଆବଶ୍ୟକ ସଂଖ୍ୟାରେ ପଛୁଆ ବର୍ଗଙ୍କ ପାଇଁ ସାନି ବିଜ୍ଞପ୍ତି ପ୍ରକାଶ କରି ସଂରକ୍ଷଣର ବ୍ୟବସ୍ଥା ସୁନିଶ୍ଚିତ କରାଯାଉ । ଗତ ୨୦୨୦ ମସିହା ଫେବୃଆରୀ ମାସରେ ରାଜ୍ୟ ସରକାର ପଛୁଆ ବର୍ଗ ତାଲିକା ପ୍ରସ୍ତୁତ କରିବା ପାଇଁ ବିଧାନସଭାରେ ରିଜୋଲୁସନ ପାସ୍ କରାଇଥିଲେ ଏବଂ ୨୦୨୧ ମସିହା ଜାନୁଆରୀ ୩ ତାରିଖରେ ରାଜ୍ୟ ଓବିସି କମିଶନ ଖୁବ୍ ଶୀଘ୍ର ଓବିସି ଜନଗଣନା କରି ସେମାନଙ୍କ ସଂରକ୍ଷଣ ସୁନିଶ୍ଚିତ କରାଇବେ ବୋଲି କହିଥିଲେ । ତାହା ବର୍ତମାନ ସୁଦ୍ଧା କାହିଁକି କାର୍ଯ୍ୟକାରୀ ହୋଇ ନାହିଁ । ରାଜ୍ୟରେ ବର୍ତମାନ ପଛୁଆ ବର୍ଗ ତାଲିକାରେ ୨୧୦ ଜାତି ଉପଜାତି ଅଛନ୍ତି । ଏବେ ବି ଅନେକ ପଛୁଆ ବର୍ଗ ତାଲିକାଭୁକ୍ତ ହୋଇନାହାନ୍ତି । ନୂଆ ଭାବେ କେଉଁ କେଉଁ ଜାତିକୁ ଏହି ବର୍ଗରେ ସାମିଲ କରାଯିବ, ତାହା ରାଜ୍ୟ ସରକାରଙ୍କ ଦାୟିତ୍ୱ । ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବାକୁ ବିହୀତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ସୁପ୍ରିମକୋର୍ଟରେ ବହୁଚର୍ଚ୍ଚିତ ନିରୀହ ନାବାଳିକା ପରୀ ହତ୍ୟାକାଣ୍ଡ ମାମଲାରେ ବାହାରୁ କପିଲ ସିବଲଙ୍କ ଭଳି ଦାମୀ ଓକିଲ ଓ ରଥଯାତ୍ରା ବନ୍ଦ କରିବା ପାଇଁ ହରିଶ ସାଇଜେଙ୍କୁ ନିଯୁକ୍ତ ଦେଇଥିବାବେଳେ ପଛୁଆ ବର୍ଗ ସଂରକ୍ଷଣ ମାମଲାରେ କାହିଁକି ଉଦାସୀନତା ପ୍ରକାଶ କରୁଛନ୍ତି । ଏହାର ସ୍ପଷ୍ଟୀକରଣ ରାଜ୍ୟ ସରକାର ରାଜ୍ୟବାସୀଙ୍କ ସମ୍ମୁଖରେ ରଖିବା ନିହାତି ଆବଶ୍ୟକତା ରହିଛି । ଓବିସି ବର୍ଗଙ୍କୁ ସଶକ୍ତ ଓ ଆତ୍ମନିର୍ଭର କରିବା ପାଇଁ ଉଦ୍ଦିଷ୍ଟ ଓବିସି ଫାଇନାନ୍ସ ଏଣ୍ଡ ଡେଭଲପମେଣ୍ଟ କୋଅପରେଟିଭ କରପୋରେସନ ତରଫରୁ ଗତ ୨୦୦୮ ମସିହାରୁ ୨୦୨୧ ମସିହା ପର୍ଯ୍ୟନ୍ତ ଜଣେ ବି ପଛୁଆ ବର୍ଗ ହିତାଧିକାରୀଙ୍କୁ ଆର୍ଥିକ ସହାୟତା କାହିଁକି ପ୍ରଦାନ କରାଯାଉ ନାହିଁ ?

# ପୋଷଣ ସପ୍ତାହ ଅବସରରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନୀ ରାଇକିଆଠାରେ ଉଦ୍‌ଘାଟିତ

କନ୍ଧମାଳ,୮/୯ (ନି.ପ୍ର): ରିଖ କନ୍ଧମାଳ ଜିଲ୍ଲା ରାଇକିଆ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଓଡିଶା ମିଲେଟ ମିଶନ ତରଫରୁ ଖୁଦ୍ରଶସ୍ୟ ମାଣ୍ଡିଆ ରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ର ପ୍ରଦର୍ଶନୀ ଉଦଘାଟିତ ହାଇଛି । କାର୍ଯ୍ୟକ୍ରମ ରେ ରାଇକିଆ ଗୋଷ୍ଠିଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ତୁଳୁ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପୋଶଣ ସପ୍ତାହ – ୨୦୨୧ ଅବସରରେ ପ୍ରଦର୍ଶନୀ କୁ ଶୁଭାରମ୍ଭ କରିବା ସହ ମାଣ୍ଡିଆରୁ ବିଭିନ୍ନ ରୁଚିକର ଖାଦ୍ୟ ପ୍ରସ୍ତୁତ କରି ଆମେ ପ୍ରତିଦିନ ଖାଦ୍ୟରୁପେ ବ୍ୟବହାର କଲେ ବିଭିନ୍ନ ରୋଗରୁ ମୁକ୍ତି ପାଇବା ସହ ରୋଗପ୍ରତିରୋଧକ ଶକ୍ତି ଜଥେଷ୍ଟ ମାତ୍ରାରେ ପାଇ ପାରିବା ଓ ମହାମାରୀ କୋରନା ସହିତ ମଧ୍ୟ ଲଢେଇ କରି ପାରିବା । ଏଥି ସହ ସ୍ଥାନିୟ କୃଷିଅଧିକାରି ଉପେନ୍ଦ୍ର ପ୍ରସାଦ ପାଢି ଓ ସୁଦିପ୍ତା ପ୍ରଧାନ ଜୋଗଦେଇ ସ୍ୱୟଂ ସହାୟକ ଦଳ ମାନଙ୍କର ମାଣ୍ଡିଆ ଚାଷ ଓ ବ୍ୟବହାର ଉପରେ ଗୁରୁତ୍ୱ ପାଇଁ ଥିବା ଆଗ୍ରହ କୁ ପ୍ରଶଂସା କରିବା ସହ କିପରି ଆହୁରି ଅଧିକ ଚାଷି ମାଣ୍ଡିଆ ଚାଷ କରିବେ ସେଦିଗରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ । ସ୍ଥାନୀୟ ସରପନ୍‌ଚ ଶ୍ରୀମାନ ପନଚୁ ପ୍ରଧାନ ଉପସ୍ଥିତ ରହି ପ୍ରସ୍ତୁତ ହୋଇଥିବା ଖାଦ୍ୟଗୁଡିକୁ କିପରି ପ୍ରସ୍ତୁତ କରାଜାଉଛି ଦଳର ମା ମାନଙ୍କୁ ପଚାରି ବୁଝିଥିଲେ ଓ ନିଜ ଅନ୍‌ଚଳରେ ଏହି ମାଣ୍ଡିଆ ଚାଷକୁ ଅଧିକ ଆଦୃତ କରିବାପାଇଁ ମଧ୍ୟ ପ୍ରତିସୁତି ଦେଇଥିଲେ । କାର୍ଯ୍ୟକ୍ରମ ରେ ମା ସାରଳା ଦେବୀ , ପାଙ୍ଗାନାଜୁ ; ମା ଭବାନି, କିଲାକିଆ ; ଅନ୍ନପୁନ୍ନା, ଦିବାରି ; ମା ମଙ୍ଗଳା, ବାନ୍ଦାପଙ୍ଗା ସ୍ୱୟଂ ସହାୟକ ଦଳ ଯୋଗଦେଇ ନିଜ ଦ୍ୱାର ମାଣ୍ଡିଆ ରେ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନ କରିଥିଲେ । ଅନୁଷ୍ଠାନ ତରଫରୁ ଗିରିସ ଚନ୍ଦ୍ର ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସନ୍‌ଜୟ ରଣା , ଶିଶିର କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ବଣ୍ଡା ଜନଜାତିର ସାମାଜିକ ପ୍ରଥା ଓ ପରମ୍ପରା ଉପରେ ଆଲୋଚନାଚକ୍ର

ମାଲକାନଗିରି,୮/୯ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଇତିହାସ ବିଭାଗର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ବଣ୍ଡା ଜନଜାତିର ସାମାଜିକ ପ୍ରଥା ଓ ପରମ୍ପରା" ଉପରେ ଆଲୋକପାତ କରାଯାଇଥିଲା । ମୁଖ୍ୟ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦାନ କରି ନିଜ ମତ ଉପସ୍ଥାପନ କରିଥିଲେ ।

## ବାରବର୍ଷରେ ଥରେ ଚଡ଼କ ପଡୁଥିବା ମନ୍ଦିର





ସମଗ୍ର କୁଲୁ ଘାଟିରେ ଏକ ମାନ୍ୟତା ରହିଛି ଯେ ସମଗ୍ର ଘାଟିଟି ହେଉଛି ଏକ ବିଶାଳକାୟ ସର୍ପର ରୂପ । ଭଗବାନ ଶିବ ଏହି ସାପକୁ ବଧ କରିଥିଲେ । ଯେଉଁ ସ୍ଥାନରେ ମନ୍ଦିରର ଶିବଲିଙ୍ଗ ରହିଛି ସେଠାରେ ଶିବଲିଙ୍ଗ ଉପରେ ପ୍ରତି ବାର ବର୍ଷରେ ଥରେ ଭୟଙ୍କର ଚଡ଼କ ମାଡ଼ ହୁଏ । ଏହି ଚଡ଼କ ଆଘାତରେ ମନ୍ଦିରର ଶିବଲିଙ୍ଗ ଖଣ୍ଡିତ ଶିବଲିଙ୍ଗକୁ ଲହୁଣିରେ ଯୋଡ଼ି ଦିଅନ୍ତି । ମାସକ ପରେ ଏହା ପୁଣି ପୂର୍ବାକାର ଫେରିପାଇବା ସହ ଏକ ନିଦା ଶିବଲିଙ୍ଗରେ ପରିଣତ ହୁଏ । ଶିବଲିଙ୍ଗ ଉପରେ ପ୍ରତି ବାର ବର୍ଷରେ ଥରେ କାହିଁକି ଚଡ଼କ ପଡ଼େ ଓ ଏହି ଘାଟିର ନାଁ କୁଲୁ କାହିଁକି ହେଲା, ସେ ସମ୍ପର୍କରେ ଏକ କାହାଣୀ ରହିଛି । କୁଲୁ ଘାଟିର ଲୋକଙ୍କ କହିବା ଅନୁସାରେ ପ୍ରାଚୀନ କାଳରେ ଏଠାରେ କୁଳାନ୍ତ ନାମକ ଏକ ଦୈତ୍ୟ ବାସ କରୁଥିଲା । ଦେହତ୍ୟ କୁଲୁ ନିକଟବର୍ତ୍ତୀ ନାଗଣଧାରୁରୁ ଅଜଗର ରୂପ ଧାରଣ କରି ମଣ୍ଡିର ଘୋଘରଧାର ଦେଇ ଲାହୌଲ ସ୍ପିତିରୁ ମଥାଣ ଗାଁକୁ ଚାଲି ଆସିଲା । ଦୈତ୍ୟ ରୂପୀ ଅଜଗର କୁଣ୍ଡଳି ମାରି ବ୍ୟାସ ନଦୀର ଜଳପ୍ରବାହକୁ ଅଟକାଇ ଏହି ଘାଟିକୁ ପାଣିରେ ବୁଡ଼ାଇ ଦେବାକୁ ଚାହୁଁଥିଲା । ଏଠାରେ ରହୁଥିବା ସବୁ ଜୀବଜନ୍ତୁକୁ ସେ ପାଣିରେ ବୁଡ଼ାଇ ମାରିଦେବା ଥିଲା ଉଦ୍ଦେଶ୍ୟ । ଭଗବାନ ଶିବ କୁଳାନ୍ତ ଦୈତ୍ୟ ଏହି କାଣ୍ଡ କରିବାକୁ ଯାଉଥିବା ଦେଖି ଚିନ୍ତିତ ହେଲେ ।

ଅନେକ ଚେଷ୍ଟା କରି ଶିବ ସେ ଅଜଗର ରୂପୀ ଦୈତ୍ୟକୁ ନିଜ ବିଶ୍ୱାସକୁ ଆଣିଲେ । ଶିବ ତା କାନରେ ଚୁପକରି କହିଲେ ଯେ ତା ଲାଞ୍ଜରେ ନିଆଁ ଲାଗି ଯାଇଛି । ଏତକ ଶୁଣିଲା ମାତ୍ରକେ ଅଜଗରଟି ଯେମିତି ପଛକୁ ଅନାଇଲା ଶିବ ତ୍ରିଶୂଳ ପ୍ରହାର କରି ତାକୁ ମାରିଦେଲେ । ସେ ମଲା ପରେ




ତା' ଦେହ ଏକ ବିଶାଳ ପର୍ବତରେ ପରିଣତ ହେଲା । କୁଲୁଘାଟିର ବିଜଲି ମହାଦେବଠୁ ଆରମ୍ଭ କରି ରୋହତାଙ୍ଗ ନଦୀ ଓ ସେପଟେ ମଣ୍ଡିରୁ ଘୋଘରଧାର ଯାଏଁ ଘାଟିକୁ କୁଳାନ୍ତ ଦେହତ୍ୟର ଶରୀରରୁ ତିଆରି ହୋଇଥିବାର କୁହାଯାଏ । କୁଳାନ୍ତରୁ କୁଲୁତ୍ ଓ ଏହାପରେ ଘାଟୀର ନାଁ କୁଲୁ ହୋଇଥିବାର କିମ୍ବଦନ୍ତୀ ରହିଛି । କୁଳାନ୍ତ ଦୈତ୍ୟ ନିଧନ ପରେ ଶିବ ଇନ୍ଦ୍ରଙ୍କୁ ବାର ବର୍ଷରେ ଥରେ ଏହି ସ୍ଥାନ ଉପରେ ଚଡ଼କ ପକାଇବାକୁ କହିଥିଲେ । ସେହିଦିନଠାରୁ ପ୍ରତି ବାର ବର୍ଷରେ ଥରେ ଏଠାରେ ଚଡ଼କମାଡ଼ ହୋଇ ଆସୁଛି । ଏହି ଚଡ଼କ ମାଡ଼ରେ ଶିବଲିଙ୍ଗ ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯାଏ, ଯାହାକୁ ପୂଜାରୀ ଲହୁଣିରେ ଯୋଡ଼ି ରଖିଦେବା ପରେ ପୁଣି ତାହା ନିଦା ପଥର ଲିଙ୍ଗରେ ପରିଣତ ହୋଇଥାଏ । ଶିବଲିଙ୍ଗ ଉପରେ ହିଁ କାହିଁକି ଚଡ଼କ ମାଡ଼ ହୁଏ ଏ ସମ୍ପର୍କରେ କୁହାଯାଏ ଯେ ଶିବ ଜନବସତି ଉପରେ ଚଡ଼କ ମାଡ଼ ହୋଇ ଏହାର କ୍ଷୟକ୍ଷତି ନ କରୁ ବୋଲି ଚାହିଁଥିଲେ । ଅଞ୍ଚଳବାସୀଙ୍କ ସୁରକ୍ଷା ନିମନ୍ତେ ଶିବ ଏହି ଚଡ଼କ ମାଡ଼କୁ ନିଜ ଉପରେ ତାଙ୍କୁ ବିଜଲି ମହାଦେବ ବୋଲି କୁହାଯାଏ । ଭାଦ୍ରବ ମାସରେ ଏହି ମନ୍ଦିରରେ ଏକ ମେଳା ହୁଏ । କୁଲୁ ସହରଠାରୁ ବିଜଲି ମହାଦେବଙ୍କ ମନ୍ଦିର ପ୍ରାୟ ସାତ କିଲୋମିଟର ଦୂରରେ ରହିଛି । ଶିବରାତ୍ରିବେଳେ ମଧ୍ୟ ଏଠାରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥାଏ । ଏହି ସ୍ଥାନଟି ସମୁଦ୍ର ପତ୍ତନଠାରୁ ୨୪୫୦ ମିଟର ଉଚ୍ଚରେ ରହିଛି । ଶୀତଦିନରେ ଏଠାରେ ପ୍ରବଳ ତୁଷାରପାତ ହୋଇଥାଏ । କୁଲୁରେ ମଧ ଶିବ ହେଉଛନ୍ତି ଲୋକପ୍ରିୟଦେବତା । କେଉଁଠି ସେ ସୟାଲୀ ମହାଦେବ ତ କେଉଁଠି ବାଣୀ ମହାଦେବ, ଆଉ କେଉଁଠି ସେ ବିଜଲି ମହାଦେବ ତ କେଉଁଠି ଜୁୱାଣି ମହାଦେବ ଭାବେ ପୂଜିତ ହେଉଛନ୍ତି । ହେଲେ ବିଜଲି ମହାଦେବଙ୍କ ନିଜସ୍ୱ ଇତିହାସ ଓ ମାହାତ୍ମ୍ୟ ରହିଛି । ପ୍ରତି ଋତୁରେ ଦୂରଦୂରାନ୍ତରୁ ଲୋକେ ଆସି ବିଜଲି ମହାଦେବଙ୍କ ଦର୍ଶନ କରିଥାନ୍ତି ।

## ବ୍ୟାଟେରିରେ ଚାଲିବ ପୂରା ହୋଟେଲ




ଭାରତ ନୁହେଁ ବିଦେଶରେ ମଧ ଅନେକ ସମୟରେ ବିଜୁଳି କଟିଥାଏ । ଏଥିପାଇଁ ଲୋକେ ଜେନେରେଟର କିମ୍ବା ଇନର୍ଭଟର ବ୍ୟବହାର କରିଥାନ୍ତି । ତେବେ ବିଜୁଳି କଟା ସମସ୍ୟାକୁ ଦୃଷ୍ଟିରେ ରଖି ଏଡିନର୍ବଗର ଏକ ହୋଟେଲ ବ୍ୟାଟେରିରେ ପୂରା ହୋଟେଲକୁ ବିଦ୍ୟୁତ୍ ସେବା ଦେବାର ଉଦ୍ୟମ କରିଛି । ଏହା ବିଶ୍ୱର ପ୍ରଥମ ହୋଟେଲ ହେବ ଯାହା ବ୍ୟାଟେରିରେ ପରିଚାଳିତ ହେବ । ଏହି ବ୍ୟାଟେରିକୁ ଗୋଟିଏ ଥର ଚାର୍ଜ କଲେ ୨୦୦ ପ୍ରକୋଷ୍ଠ ବିଶିଷ୍ଟ ଏହି ପ୍ରିମିୟର ଇନ୍ ହୋଟେଲକୁ ୩ଘଣ୍ଟା ବିଜୁଳି ମିଳିବ । ଏଥିପାଇଁ ଲିଥିୟମ ବ୍ୟାଟେରିର ବ୍ୟବହାର କରାଯାଇଛି । ହୋଟେଲର ପରିଚାଳନା ଦାୟିତ୍ୱ ନେଇଥିବା କମ୍ପାନୀ ହ୍ୱାଇଟ ବ୍ରେଡର କହିବା ଅନୁସାରେ ଲିଥିୟମ ବ୍ୟାଟେରି ଦ୍ୱାରା ବିଜୁଳି ସଂଗ୍ରହ କାରଣରୁ କମ୍ପାନୀକୁ ବାର୍ଷିକ ୨୦ହଜାର ପାଉଣ୍ଡ କମ ଖର୍ଚ୍ଚ କରିବାକୁ ପଡ଼ିବ । ସ୍କଟଲାଣ୍ଡର ରାଜଧାନୀ ଏଡିନବର୍ଗର ଏହି ହୋଟେଲଟି ବିମାନବନ୍ଦର ନିକଟରେ ରହିଥିଲା ବେଳେ ଏଠାରେ ୫ଟନର ଲିଥିୟମ ବ୍ୟାଟେରି ଲଗାଯାଇଛି । ଏହାକୁ ପବନ ଓ ସୌରଶକ୍ତି ମାଧ୍ୟମରେ ଚାର୍ଜ କରାଯାଉଛି ।

## ଅଦରକାରୀ ଉପକାର ଦେବ

**ଏପରି କେତେକ ଜିନିଷ ହାତପାଆନ୍ତାରେ ଥାଏ, ଯାହା ଅଦରକାରୀ ବୋଲି ମନେହୁଏ । କିନ୍ତୁ ଏହାକୁ ବ୍ୟବହାର କରି ବହୁ ଜଟିଳ ସମସ୍ୟାର ବି ସମାଧାନ କରାଯାଇପାରେ । ଏପରି କେତେକ ଉପାୟ ପରଖି ପାରନ୍ତି ।**

- ଅସରପା ସମସ୍ୟା ପ୍ରାୟତଃ ପ୍ରତ୍ୟେକ ଘରେ ଥିବ । ଏଥିରୁ ମୁକ୍ତି ପାଇବା ଲାଗି ବଡ଼ ଚାମଚରେ ୨ଚାମଚ ଲେଖାଏ ବୋରିକ୍ ପାଉଡର ଏବଂ ଗହମ ଅଟା ନେଇ ଏଥିରେ କ୍ଷୀର ମିଶାଇ ଚକଟିଦେବେ । ଏହାର ଛୋଟଛୋଟ ଗୁଳା କରି ଅସରପା ହେଉଥିବା ସ୍ଥାନରେ ରଖିଦିଅନ୍ତୁ ।
- ବହି ଥାକରେ କିଛି ଶୁଖିଲା ନିମପତ୍ର ରଖିଦେଲେ ପୋକ ଲାଗିବେନି । ଚନ୍ଦନ କାଠ ବି ସେଠାରେ ରଖିପାରନ୍ତି ।
- ଘରେ ବେଶୀ କଳାପିମ୍ପୁଡ଼ି ହେଉଥିଲେ ସେସବୁ ଜାଗାରେ ଅଳ୍ପ ଅଟା, ଚିନି ଏବଂ ହଳଦି ମିଶାଇ ପକାଇ ଦିଅନ୍ତୁ । ପିମ୍ପୁଡ଼ି ପଳାଇବେ ।

## ଜୀବିତ ବ୍ୟକ୍ତିଙ୍କୁ କବର



ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ, କିନ୍ତୁ ଏପରି ଏକ ପରମ୍ପରା କ୍ୟୁବାରେ ପାଳନ କରାଯାଉଛି । ଏଠାରେ ବୁଜି ଫେଷ୍ଟିଭାଲ ନାମରେ ଏକ ପରମ୍ପରା ପାଳନ କରାଯାଏ । ଏଥିରେ ଜଣେ ଜୀଅନ୍ତା ମଣିଷକୁ ସେମାନେ କବର ଦିଅନ୍ତି । ତାଙ୍କୁ କଫିନରେ ବନ୍ଦ କରି ସହରଯାକ ବୁଲାଯାଏ । ତେବେ ସେହି ସମୟରେ କଫିନ୍ ଭିତରୁ ତାଙ୍କ ମୁଣ୍ଡଟି ପଦାକୁ ବାହାରିଥାଏ । କଫିନ୍ ପଛେ ପଛେ ଉକ୍ତ ବ୍ୟକ୍ତିଙ୍କ ବନ୍ଧୁବାନ୍ଧବ ଏବଂ ଅନ୍ୟ ଲୋକମାନେ ଯାଇଥାନ୍ତି । ସମସ୍ତେ ମଦପାନ କରିଥିବା ବେଳେ ତାଳି ବଜାଇ ନାଚିନାଚି ଚାଲିଥାନ୍ତି । ପୂରା ପାଚିଲା କେଶ ହୋଇଥିବା ଜଣେ ମହିଳା କଫିନରେ ଥିବା ଉକ୍ତ ବ୍ୟକ୍ତିଙ୍କ ବିଧବା ପତ୍ନୀ ଭାବେ ଅଭିନୟ କରୁଥିବାର ଦେଖାଯାଏ । ବ୍ୟକ୍ତିଙ୍କ ମୃତ୍ୟୁରେ ତାଙ୍କ ପତ୍ନୀ ଯାହା କରିଥାନ୍ତେ, ସେହି ମହିଳା ଠିକ୍ ସେପରି ଶୋକପ୍ରକାଶ କରନ୍ତି । କ୍ୟୁବାରେ ଗତ ୩୦ବର୍ଷରୁ ଅଧିକ ହେବ ଏଭଳି ପରମ୍ପରା ପାଳନ କରାଯାଉଛି ।

## ଉପକାରୀ ଗହମ ଘାସ

ଶରୀରରୁ ବର୍ଜ୍ୟପଦାର୍ଥ ବାହାର କରିବା ସହ ସୁସ୍ଥ ରହିବା ପାଇଁ ଗହମ ଘାସ ବା ପତ୍ରର ରସ ପିଅନ୍ତୁ। ପ୍ରତି ଚାରି-ଛଅମାସରେ ଥରେ ସାତରୁ ପନ୍ଦର ଦିନ ଏହି ରସ ପାନ କରନ୍ତୁ। ଏହି ରସ ପାନ ସମୟରେ କେବଳ ଫଳ-ମୂଳ ଓ ପନିପରିବା ସିଝା ଖାଆନ୍ତୁ। ପ୍ରାଣାୟାମ ଓ ବ୍ୟାୟାମ କରନ୍ତୁ। ଉପଚାର ବେଳେ ଗହମ ପତ୍ର ରସ ସହ ଶାକାହାର କଲେ, ଶରୀରରେ କ୍ଷାର ସହ ଅମ୍ଳ ଅନୁପାତ ସନ୍ତୁଳିତ ରହେ। ଫଳରେ ମଣିଷ ହରାଇଥିବା ସ୍ୱାସ୍ଥ୍ୟ ଫେରିପାଏ। ଏତେଟା ଅସୁସ୍ଥ ନଥିଲେ ଦୈନିକ ଶହେ ମିଲିଗ୍ରାମ ରସ ଯଥେଷ୍ଟ। କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିଲେ, ଏହି ପରିମାଣ ପ୍ରତିଦିନ ପଚିଶ ମିଲଇଗ୍ରାମ ବଢ଼ାଇବେ। ୨୫୦ ମିଲିଗ୍ରାମରେ ପହଞ୍ଚିବା ପରେ, ଆଉ ବଢ଼ାଇବେ ନାହିଁ। ତେଇଶ କିଲୋଗ୍ରାମ ସବୁଜ ପନି-ପରିବାରୁ ଯେତିକି ପୋଷାକ ମିଳେ, ମାତ୍ର ଶହେ ମିଲିଗ୍ରାମ ଗହମ ପତ୍ର ରସରୁ, ସେତିକି ପୋଷାକ ମିଳେ। ଏଥିରୁ ମିଳେ କ,ଖ,ଗଘ ଜୀବସାର, କାଲସିଅମ, ସୋଡ଼ିଅମ, ଆଇରନ, ସଲଫର, କୋଡ଼ିଏ ପ୍ରକାରର ଆମିନୋ ଏସିଡ୍ ଓ ଲେଟରାଇଲ।

## ମନ ନିୟନ୍ତ୍ରଣରେ ମିଳେ ଶାନ୍ତି



ମନଜୟ ନିମନ୍ତେ ରଚିତ ଯୋଗସୂତ୍ରରେ ବର୍ଣ୍ଣିତ ଅଷ୍ଟାଙ୍ଗ ଯୋଗର ପ୍ରଥମ ପାଦ 'ଯମ'ରେ ଅହିଂସା ପରେ 'ସତ୍ୟ' ରହିଛି।

ମନରେ ନିୟନ୍ତ୍ରଣ ଓ ମନର ବିଭିନ୍ନ ଭ୍ରାନ୍ତିରୁ ମୁକ୍ତି ହେବା ନିମନ୍ତେ ସତ୍ୟ ଅନୁସରଣ ଅପରିହାର୍ଯ୍ୟ। ସତ୍ୟନିଷ୍ଠ ହେଲେ ମନ ଆପେ ସ୍ଥିର ହୋଇଯାଏ। ଭୟ, ଭ୍ରାନ୍ତି ଓ ଉଦ୍‌ବେଗଜନକ ଦୂର ହୋଇ ଚିରନ୍ତନ ସୁଖ ଓ ଶାନ୍ତି ମିଳିଥାଏ। ଚରିତ୍ରର ପରିବର୍ତ୍ତନ କରି ସତ୍ୟନିଷ୍ଠ ହେବା ବା ସତ୍ୟପଥରେ ଚାଲିବା ସମ୍ଭବ। ଏଥିନିମନ୍ତେ ଚେଷ୍ଟା କରିବା ଦରକାର। ସତ୍ୟ ଚିନ୍ତନ, ସତ୍ୟ କଥନ ଓ ସତ୍ୟ ଆଚରଣ ଆଦି ଏହି ୩ଟି ସ୍ତରରେ ଆମକୁ ସାଧନା କରିବାକୁ ପଡ଼ିବ।

ଯେଉଁ କଥା ଯେମିତି ତାକୁ ଠିକ୍ ସେହି ଭାବେ ଦେଖିବା ଓ ବୁଝିବା ହିଁ ଉପଲବ୍ଧି। ଏହାଛଡ଼ା ବୃହତ୍ତର ସ୍ୱାର୍ଥ ନିମନ୍ତେ କରାଯାଉଥିବା କାର୍ଯ୍ୟ ହିଁ ସତକର୍ମ। କଥାଟି ଠିକ୍‌ଭାବେ ବୁଝିବା ନିମନ୍ତେ ଏକ ଉଦାହରଣ ଦିଆଯାଇପାରେ। ଆପଣ ଏକ ରାସ୍ତାର ଦୋଛକିରେ ବସିଛନ୍ତି। ଗୋଟି, ଝିଅ ଭୟରେ ଦୌଡ଼ି ଆସି ଆପଣଙ୍କ ବାମପଟ ରାସ୍ତାରେ ଚାଲିଗଲା। ଠିକ୍ ତା' ପଛରେ କିଛି ଦୁଷ୍ଟଲୋକ ଗୋଡ଼ାଇ ଆସି ଆପଣଙ୍କୁ ପଚାରିଲେ ଯେ ଝିଅଟି କେଉଁବାଟେ ଗଲା। ଏଠାରେ ଆପଣ ସତ କହିଲେ ଝିଅର କ୍ଷତି ହୋଇପାରେ। ଆପଣ ଏକଲା ଯଦି ଝିଅକୁ ବଞ୍ଚାଇ ପାରିବେ ନାହିଁ, ତେବେ ଆପଣ ଗୁଣ୍ଡାଙ୍କୁ ଡାହାଣ ପଟ ରାସ୍ତାରେ ଝିଅଟି ଯାଇଛି ବୋଲି କହିବା ଆବଶ୍ୟକ। ପ୍ରକୃତରେ ମିଥ୍ୟା ଭାଷଣ ଦେଲେ ମଧ୍ୟ ସତ୍ୟ ଆଚରଣ ବୁଝାପଡ଼େ। ତେଣୁକରି 'ସତ୍ୟ'ର ଅର୍ଥ ନୁହେଁ ଯେ କେବଳ ସତ୍ୟ କଥା କହିବା। କାୟ ମନୋବାକ୍ୟରେ ସତ ଆଚରଣ ହିଁ ସତ୍ୟର ସାଧନା। ସତ୍ୟର ପଥ ଅନୁସରଣ କରୁଥିବା ବ୍ୟକ୍ତି ଅତ୍ୟନ୍ତ ସାହସୀ ଓ ଦୃଢ଼ମନା ହୋଇପାରିବେ। ଜୀବନରେ କୌଣସି କ୍ଷତି ତାଙ୍କୁ ବିଚଳିତ କରିପାରିବ ନାହିଁ।

ସତ୍ୟ ସାଧନ ନିମନ୍ତେ ପ୍ରତି କ୍ଷଣରେ ମନ ସାମାନ୍ୟ ମିଥ୍ୟାଗାମୀ ହେବା ମାତ୍ରେ ତାକୁ ବାରଣ କରିବା ଆବଶ୍ୟକ। ସତ୍ୟାନ୍ୱେଷୀ ହେଲେ କିପରି ଶାନ୍ତି, ସାହସ ଓ ସ୍ଥିରତା ମିଳିପାରୁଛି ଏବଂ ମିଥ୍ୟା ପଥରେ ଗଲେ କିପରି ଭୟ, କଷ୍ଟଦାୟକ ମାନସିକ ସ୍ଥିତି ଆସୁଛି, ତାହା ଦେଖିବା ଆବଶ୍ୟକ। ଦୁର୍ନୀତିଗ୍ରସ୍ତ ଲୋକ ଆତ୍ମସମ୍ମାନ ହୀନ ହୋଇ ଚୋର ଭଳି ଜୀବନ ବଞ୍ଚୁଛନ୍ତି। ଆବଶ୍ୟକ ସ୍ଥଳେ ଦଣ୍ଡ ଭୋଗିବା ସହ ନିଜର ପରିବାର ଓ କୁଟୁମ୍ବର ସମ୍ମାନ ସମାଜ ଆଗରେ ହରାଉଛନ୍ତି। ଠିକ୍ ରାସ୍ତାରେ ଚାଲୁଥିବା ବ୍ୟକ୍ତି ଗରିବ ହୋଇ ମଧ୍ୟ କିଭଳି ଚିନ୍ତାଶୂନ୍ୟ ଓ ଆତ୍ମସମ୍ମାନର ସହ ବଞ୍ଚି ପାରୁଛି, ତାହା ଅନୁଧ୍ୟାନ କରିବା ଆବଶ୍ୟକ। ଏସବୁ ବିଷୟକୁ ଧୈର୍ଯ୍ୟ ମାଧ୍ୟମରେ ମନରେ ପ୍ରତିଫଳିତ କଲେ, ଏହି ସ୍ୱଭାବ ଆପେ ମନର ଗଭୀର ସ୍ତରରେ ବସା ବାନ୍ଧିବା ସହ ସତ୍ୟ ପଥରେ ଚାଲିବା ନିମନ୍ତେ ଆଗ୍ରହ ବଢ଼ାଇବ। ମଣିଷର ଯେତେ ଧନ, ଦୌଲତ, ମାନ ସମ୍ମାନ ଥିଲେ ମଧ୍ୟ ସେ ଖାଇବା, ପିଇବା, ପିନ୍ଧିବା ସହ ନିଜ ସାମର୍ଥ୍ୟ (ଶାରୀରିକ ଓ ମାନସିକ) ଠୁ ବଳି ଅଧିକ ଭୋଗକରି ପାରିବ ନାହିଁ। ଏହାଛଡ଼ା ନିଜର ମୃତ୍ୟୁକୁ ଗୋଟେ କ୍ଷର ମଧ୍ୟ ଘୁଞ୍ଚାଇ ଦେଇ ପାରିବ ନାହିଁ। ତେଣୁ ଅନୈତିକ ପନ୍ଥାରେ ଧନ ସମ୍ପତ୍ତି ଠୁଳ କରିବାଠୁ ବଳି ମୁର୍ଖାମି ନାହିଁ। ମନୋଜୟ ନିମନ୍ତେ ମନର ପ୍ରତ୍ୟେକ ଦୁର୍ବଳତାକୁ ଦୂର କରିବା ଲାଗି ଚେଷ୍ଟା କରାଯାଇଥାଏ ଏବଂ ବ୍ୟକ୍ତି ମନୋଜୟ ନିମନ୍ତେ ୧ଭାଗ ଚେଷ୍ଟା କଲାବେଳକୁ ମନ ୨ଭାଗ ନିୟନ୍ତ୍ରଣ ହୋଇଥାଏ।

## ଦାନ୍ତମାଢ଼ିରୁ ରକ୍ତସ୍ରାବ



**ଦାନ୍ତମାଢ଼ିରୁ ରକ୍ତସ୍ରାବ ହାଲୁକା ଭାବେ ନେବା ଉଚିତ ନୁହେଁ । ପ୍ରାୟ ୬୦% ଲୋକ କେବେ ନା କେବେ ଏହି ସମସ୍ୟାରେ ପଡ଼ିଥାନ୍ତି । ପ୍ରତି ୩ଜଣଙ୍କ ମଧ୍ୟରୁ ଜଣେ ଏହି ସମସ୍ୟାକୁ ଖୁବ୍ ସାଧାରଣ ବୋଲି ଧରିନେଇଥାନ୍ତି । ଏଭଳି ସମସ୍ୟା ଉପୁଜିଲେ ଡେରି ନ କରି ଡାକ୍ତରୀ ପରାମର୍ଶ ନିଅନ୍ତୁ ।**

ଦାନ୍ତର ଯତ୍ନ ନେବାକୁ ଆମେ ଯେତେ ଗୁରୁତ୍ୱ ଦେଇଥାଉ, ଦାନ୍ତମାଢ଼ିରୁ ସାଧାରଣତଃ ସେତେଟା ଗୁରୁତ୍ୱ ଦେଇନଥାଉ । ଦନ୍ତାମାଢ଼ିରୁ ରକ୍ତସ୍ରାବ ହେବା ବା ବ୍ଲିଡିଙ୍ଗ ଗମ ଦେଖା ଦେଲେ ଏହା କେବଳ ଯେ ଦାନ୍ତମାଢ଼ି ରୋଗର ଲକ୍ଷଣ ବୋଲି ବୁଝାଯିବ ତା' ନୁହେଁ । ବରଂ ଏହା ଅନେକ ରୋଗର ସୂଚନା ଦେଇଥାଏ । ଏହା ସହ ଅନେକ ସମସ୍ୟା ଯଥା ପାଟି ଦୁର୍ଗନ୍ଧ, ଦାନ୍ତମାଢ଼ିଫୁଲା, ଦାନ୍ତ ହଲିବା, ପୀଡ଼ା ଆଦି ସମସ୍ୟା ଉପୁଜିଥାଏ । ଦାନ୍ତମାଢ଼ିରୁ ରକ୍ତ୍ରାବ ହେବାକୁ ହାଲୁକା ଭାବେ ନେବା ଉଚିତ ନୁହେଁ । ପ୍ରାୟ ୬୦% ଲୋକ କେବେ ନା କେବେ ଏହି ସମସ୍ୟାରେପଡ଼ିଥାନ୍ତି । ପ୍ରତି ୩ଜଣଙ୍କ ମଧ୍ୟରୁ ଜଣେ ଏହି ସମସ୍ୟାକୁ ସାଧାରଣ ଭାବେ ଗ୍ରହଣ କରିନିଅନ୍ତି । ସାଧାରଣତଃ ଦାନ୍ତମାଢ଼ି କନେକ୍ଟିଭ୍ ଟିସୁ ବା ସଂଯୋଗୀକରଣ ତନ୍ତୁ ଦ୍ୱାରା ସଂଘଠିତ ହୋଇଥାଏ । ଯେଉଁଠାରେ ପର୍ଯ୍ୟାପ୍ତ ମାତ୍ରାରେ ସୂକ୍ଷ୍ମ ରକ୍ତବାହୀ ନଳୀକା ସବୁ ସନ୍ନିବେଶିତ ହୋଇ ରହିଥାଆନ୍ତି । ଦୈନନ୍ଦିନ କାର୍ଯ୍ୟ ସମୟରେ ଏହା ବିଭିନ୍ନ କାରଣରୁ ଆଘାତପ୍ରାପ୍ତ ହୋଇଥାନ୍ତି । ଏବଂ ଏହା ଫାଟିଯାଇ ରକ୍ତସ୍ରାବ ହୋଇଥାଏ । ଯଥା-ବ୍ରସ୍ ଜୋରରେ ଘଷିବା, ଅତ୍ୟଧିକ ଗରମ ଜାତୀୟ ତରଳ ଖାଦ୍ୟ ଖାଇବା ଓ ଅନେକ ପ୍ରକାରର ସଂକ୍ରମଣ ଦ୍ୱାରା ଏହା ଆକ୍ରାନ୍ତ ହୋଇଥାଏ ତଥା ରକ୍ତସ୍ରାବ ଘଟିଥାଏ । ମୁଖ ଗହ୍ୱରର ଉପଯୁକ୍ତ ଯତ୍ନ ନ ନେବା ଦ୍ୱାରା, ରକ୍ତହୀନତା ବା ଆନିମିଆ, ରକ୍ତକର୍କଟ, ସିଷ୍ଟମିକ୍ ଲୁପସ ଏରିଦିମାଟସ୍ ଇତ୍ୟାଦି ରୋଗ କାରଣରୁ, କିଛି ନିର୍ଦ୍ଦିଷ୍ଟ ପ୍ରାକରର ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ, ହିମୋଫିଲିଆ, ଡାଇବେଟିସ୍, ଲିଭର ରୋଗ, ଜିଞ୍ଜିଭାଇଟିସ୍, ପେରିଓଡେଂାଟାଇଟିସ୍ ଆଦି ବିଭିନ୍ନ ରୋଗ ଯୋଗୁଁ, ଭିଟାମିନ୍ ବି - ୧୨ତଥା ଫଲିକ୍ ଏସିଡ୍ ଅଭାବରୁ ଦେଖା ଯାଉଥିବା ପ୍ଲେଟଲେଟର ଅଳ୍ପତା ଯୋଗୁଁ, ଭିଟାମିନ-କେ ର ଅଭାବ ଯୋଗୁଁ, ଗର୍ଭାବସ୍ଥା ବେଳେ ଘଟୁଥିବା ହରମୋନ ପରିବର୍ତ୍ତନ ଯୋଗୁଁ, ଡାଉନ ସିଣ୍ଡୋମ ଭଳି ରୋଗ ଇତ୍ୟାଦି କାରଣରୁ ଦାନ୍ତମାଢ଼ିରୁ ରକ୍ତସ୍ରାବ ହୁଏ । କାରଣ ଅନୁଯାୟୀ ଏହାର ଚିକିତ୍ସା ନିର୍ଦ୍ଧାରଣ କରାଯାଇଥାଏ । ଯଦି ଦାନ୍ତମାଢ଼ିରୁ ରକ୍ତ ବାହାରୁଛି, ତେବେ ବିଳମ୍ବ ନ କରି ତୁରନ୍ତ ଜଣେ ଅଭିଜ୍ଞ ଦନ୍ତ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ମୁଖଗହ୍ୱରରର ଉପଯୁକ୍ତ ଯତ୍ନ ନେବା ବା ସଠିକ୍ ଓରାଲ ହାଇଜିନ୍ ପାଳନ କରିବା ଅତ୍ୟନ୍ତ ଆବଶ୍ୟକ । ଭଲ ଭାବେ ଦିନକୁ ୨ଥର ବ୍ରସ୍ କରିବା ଆବଶ୍ୟକ । ଧୂମପାନ ବର୍ଜନ କରିବା ଉଚିତ । ଦାନ୍ତ ସନ୍ଧିରୁ ଖାଦ୍ୟ ଅଂଶ କାଢ଼ିବା ପାଇଁ ଡେଟାଲ ଫ୍ଲସ୍ ବ୍ୟବହାର କରନ୍ତୁ । କୁଟା କାଠି, ଗୁଟଖା ଜରି, ଟୁଥ ପିକ୍, କଲମର ମୁନ, ପିନ୍ କଂଟା, ଛୁଞ୍ଚି ଆଦି ବ୍ୟବହାର କରନ୍ତୁ ନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କେରଳରୁ ହିଁ ତୃତୀୟ ଲହର ସମ୍ଭାବନା...

ଦୁଇବର୍ଷ ହେଲା ବିଶ୍ୱତମାମ ସମସ୍ତଙ୍କ ପାଇଁ ଘୋର ଚିନ୍ତାର ବିଷୟ ହୋଇସାରିଥିବା କରୋନା ସଂକ୍ରମଣ ଏପର୍ଯ୍ୟନ୍ତ ପ୍ରାୟ ଛୟାଳିଶି ଲକ୍ଷ ଜୀବନ ନେଇସାରିଲାଣି । ପୃଥିବୀର ୨୨୦ ଦେଶରେ କରୋନାର ଦୁଇ ଦୁଇଟି ଲହର ଲାଗିରହିବା ଫଳରେ ସମସ୍ତେ ଏକପ୍ରକାର ଉପାୟଶୂନ୍ୟ ହୋଇପଡ଼ିଛନ୍ତି । ଭାରତ ବାହାରେ ଓ ଦେଶ ଭିତରେ ପାଞ୍ଚ ପ୍ରକାର ପ୍ରତିଷେଧକ ଟିକାର ବିକାଶ ଓ ପ୍ରୟୋଗ କେତେକ ମହଲରେ ଆଶ୍ୱସ୍ତି ଆଣି ଦେଇଥିଲା ବେଳେ ସମସ୍ତଙ୍କ ମନରେ ତୃତୀୟ ଲହର ଆତଙ୍କ ହେତୁ ବିଷମ ସ୍ଥିତି ଦେଖାଦେଇଛି । ତାହା ସହିତ କଥିତ ତୃତୀୟ ଲହର ଶିଶୁମାନଙ୍କ ପାଇଁ ଘାତକ ସାବ୍ୟସ୍ତ ହେବାର ଭୟ ସୂଚିତ କରୁଛି କି, ପିଲାମାନଙ୍କ ପାଇଁ ଫଳପ୍ରଦ ଟିକା ବାହାରିନଥିବାରୁ ତାହା ସେମାନଙ୍କ ପାଇଁ କେତେ ମାରାତ୍ମକ । ବିଦେଶରେ ଯାହା ଯେମିତି ସ୍ଥିତି ଅଛି, ଭାରତର କେତେକ ରାଜ୍ୟରେ ଶିଶୁମାନଙ୍କୁ ସଂକ୍ରମିତ କଲାପରେ ଜ୍ୱର, ଶ୍ୱାସକଷ୍ଟ ଭଳି ଲକ୍ଷଣ ଦେଖାଦେବା ଏବଂ କେତେକ ଶିଶୁଙ୍କର ମୃତ୍ୟୁ ହୋଇସାରିଛି । ସେମାନଙ୍କ ପାଇଁ ଫଳପ୍ରଦ ଜରୁରୀ ଚିକିତ୍ସା ବାହାରିନପାରିବା ସମସ୍ତଙ୍କ ପାଇଁ ଚିନ୍ତାର ଅବକାଶ ଆଣିଛି । ଯେଉଁ କେରଳରେ ପ୍ରଥମ କରୋନା ସଂକ୍ରମିତଙ୍କୁ ଠାବ କରାଯାଇଥିଲା, ସେହି ରାଜ୍ୟ ଏବେ ସମସ୍ତଙ୍କ ସକାଶେ ହୋଇଛି ଚିନ୍ତାର କାରଣ । ସଦ୍ୟତମ ତଥ୍ୟ କହୁଛି, ତମାମ ଦେଶରେ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ଓ ହାର ଯେତେ, ତାହାର ପ୍ରାୟ ସତୁରି ଭାଗ ହେଉଛି କେରଳରେ । ଏହାଠାରୁ ଭୟଙ୍କର ତଥ୍ୟ ବର୍ତ୍ତମାନ ପାଇଁ ଆଉ କ'ଣ ଥାଇପାରେ ? କିଛି ବର୍ଷ ତଳେ ଯେଉଁ 'ନିପା' ଭୂତାଣୁ ସେହି କେରଳରେ ଅନେକ ଜଣଙ୍କର ମୃତ୍ୟୁର କାରଣ ହୋଇଥିଲା, ତାହା ପୁଣି ମୁଣ୍ଡ ଟେକିବା ସମସ୍ତଙ୍କ ପାଇଁ ହୋଇଛି ବଡ଼ ମୁଣ୍ଡବିନ୍ଧାର କାରଣ । ବିଭିନ୍ନ ମହଲରୁ ବାରଣ ଭିତରେ କେଉଁ ବୁଦ୍ଧିରେ କେରଳ ସରକାର ରାଜ୍ୟରେ କରୋନା କଟକଣା କୋହଳ କରିଦେଲେ, ତାହା ବୁଝିବାକୁ କେହି ସକ୍ଷମ ହେଉନାହାଁନ୍ତି । ବକ୍ରିଦ୍ ସମୟରେ କେରଳ ସରକାର ଭିଡ଼ କଟକଣା ପାଇଁ ଅନୁମତି ଦେଇ ଭୂତାଣୁ ସଂକ୍ରମଣକୁ ଆମନ୍ତ୍ରଣ କରିବସିଲେ । କେନ୍ଦ୍ର ସରକାର ଦ୍ରୁତ ବର୍ଦ୍ଧିଷ୍ଣୁ ସଂକ୍ରମଣ ଦେଖି ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ସରଜମିନ୍ ଅନୁଧ୍ୟାନ ସକାଶେ ପଠାଇଥିଲେ । ମାତ୍ର ରାଜ୍ୟ ସରକାର ସଂକ୍ରମଣ ଉପରେ ଅଙ୍କୁଶ କଷିବା ଦିଗରେ ବିଳମ୍ବରେ ଯେତେ ଯାହା କରୁଥିଲେ ତହିଁରୁ କିଛି ଆଖିଦୃଶିଆ ସୁଫଳ ମିଳୁନାହିଁ । ଦୁଇ ଦୁଇଟି ଲହର ଅପସରିବାକୁ ବସିବା ବେଳେ ଡେଙ୍ଗୁ ଜ୍ୱର ମହାମାରୀ ରୂପ ଧାରଣ କରିବାକୁ ବସିଲାଣି । ବୃହତ୍ ରାଜ୍ୟ ଭିତରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଭଳି ରାଜ୍ୟରେ ଡେଙ୍ଗୁ ବ୍ୟାପକ ଓ ଘାତକ ହେଲାଣି । ଆମ ରାଜ୍ୟରେ ମଧ୍ୟ ଡେଙ୍ଗୁ ଜ୍ୱର ଆରମ୍ଭ କଲାଣି ତା'ର କାୟାବିସ୍ତାର । ପିଲାଠାରୁ ବଡ଼ ପର୍ଯ୍ୟନ୍ତ କାହାରିକୁ ଡେଙ୍ଗୁ ଛାଡୁନାହିଁ । ରକ୍ତକଣିକାରେ ସିଧା ବିଷାକ୍ତ ମଶା ଦ୍ୱାରା ଭୂତାଣୁ ସଂକ୍ରମିତ ହୋଇ ଯେଉଁଭଳି ମାରାତ୍ମକ ସ୍ଥିତି ସୃଷ୍ଟି କରୁଛି, ତାହା ଅଭାବନୀୟ । ଡେଙ୍ଗୁ ଜ୍ୱରର ଚିକିତ୍ସା କେବଳ ବ୍ୟବସାପେକ୍ଷ ନୁହେଁ, ସମସ୍ତଙ୍କ ଦ୍ୱାରା ଚିକିତ୍ସାର ପହଞ୍ଚ ଭିତରେ ନାହିଁ । ରକ୍ତକଣିକାରେ ପ୍ଲେଟଲେଟ୍ ମାତ୍ରା ଭୀଷଣ ମାତ୍ରାରେ ହ୍ରାସ ପାଇବା ଯୋଗୁଁ ରୋଗୀଙ୍କୁ ବଞ୍ଚାଇବା ଚିକିତ୍ସକଙ୍କ ସାଧ ବାହାରେ । ବିଭିନ୍ନ ଦିଗରୁ ବିଚାର କରି ଦେଖାଗଲେ କରୋନା, ଡେଙ୍ଗୁ, ନିପା ଭୂତାଣୁ ସଂକ୍ରମଣ ବଡ଼ ଚିନ୍ତାର କାରଣ ହୋଇଥିବାରୁ କିଭଳି ସ୍ଥିତିର ମୁକାବିଲା କରାଯାଇପାରିବ, ତାହା ବୃହତ୍ ପ୍ରଶ୍ନ ହୋଇ ଛିଡ଼ା ହୋଇଛି । କେବଳ କେରଳ ନୁହେଁ, ଅନ୍ୟ ରାଜ୍ୟ ସରକାରମାନେ ସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରିବାରେ ଅବହେଳା କରୁଛନ୍ତି, ତାହାକୁ ଜାତୀୟ ସ୍ୱାସ୍ଥ୍ୟ ନୀତିର ପରିପନ୍ଥୀ ବୋଲି ବିଚାର କରାଯିବ । ବୃହତ୍ ରାଜ୍ୟ ଭିତରେ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରରେ ଯଦିଓ ସଂକ୍ରମଣ ବିରୋଧରେ ବହୁ କିଛି କାର୍ଯ୍ୟ ହେଉଥିବାର ପ୍ରଚାରିତ ହେଉଛି, ସେହି ରାଜ୍ୟରେ ମୃତ୍ୟୁ ଓ ସଂକ୍ରମଣ ହାରରେ କାହିଁକି ବିରାମ ଚିହ୍ନ ଲାଗିପାରୁନାହିଁ ? ଦିଲ୍ଲୀ ସରକାର ବିଭିନ୍ନ ଉପାୟ କରି ସଂକ୍ରମଣର ମୁକାବିଲା କରିପାରିଛନ୍ତି, ଓଡ଼ିଶାରେ ଭୟାବହତାକୁ ଊଣା କରାଯାଇପାରିବାର ଦେଖାଯାଉଛି । ରାଜ୍ୟ କି' ଦେଶ ନୁହେଁ, ତମାମ୍ ବିଶ୍ୱବାସୀଙ୍କ ପାଇଁ ଭୟଙ୍କର ମହାବିପତ୍ତିର ସମ୍ମୁଖୀନ ହେବା ପାଇଁ ସକଳ ଶକ୍ତିକୁ ଜୁଟାଇବା ଲାଗି ପ୍ରକୃଷ୍ଟ ମୁହୂର୍ତ୍ତ ଉପସ୍ଥିତ ହୋଇଛି ।

# ଆସନ୍ନ ଆଶଙ୍କାରେ ଆତଙ୍କିତ ବିଶ୍ୱ

**ସୌମେନ୍ଦ୍ର ଜେନା**

ଆମେରିକାର ନୂଆ ରାଷ୍ଟ୍ରପତି ଜୋ ବାଇଡେନ ନିଜ ଦେଶର ସମ୍ମାନ ଓ ସମୃଦ୍ଧି କ୍ଷେତ୍ରରେ ଅଧିକ କାର୍ଯ୍ୟ କରିବେ ବୋଲି ଗତ ରାଷ୍ଟ୍ରପତି ନିର୍ବାଚନ ବେଳେ ଯେପରି ଖୁବ୍ ପ୍ରଚାର ଚାଲିଥିଲା ତାହା ଏବେ ଅଳ୍ପଦିନ ମଧ୍ୟରେ ଭୁଲ ପ୍ରମାଣିତ ହୋଇଛି । ଜୋ ବାଇଡେନ୍ ଗୋଟିଏ ପରେ ଗୋଟିଏ କରି ଯେଉଁ ନିଷ୍ପତ୍ତି ଅତିଶିଘ୍ର କାର୍ଯ୍ୟକାରୀ କରିବାକୁ ଚାହିଁଲେ ତାହା ତ୍ରୁଟିପୂର୍ଣ୍ଣ ଥିଲା ବୋଲି ଜଣାଗଲାଣି । ଯୁଦ୍ଧବିଧ୍ୱସ୍ତ ଆଫଗାନିସ୍ଥାନରୁ ସମସ୍ତ ସୈନ୍ୟ ଅପସାରଣ କରିବା ପରେ ଯେପରି ପରିସ୍ଥିତି ସୃଷ୍ଟି ହୋଇଛି ଆଗାମୀ ଦିନରେ ମଧ୍ୟପ୍ରାଚ୍ୟର ଇରାକରୁ ଚଳିତବର୍ଷ ଶେଷସୁଦ୍ଧା ସେମିତି ସେନା ଅପସାରଣ ପ୍ରସ୍ତାବ ରହିଛି, ଯାହା ଦ୍ୱିତୀୟ ଆଫଗାନିସ୍ଥାନ ହୋଇପାରେ । ଅତୀତରେ ୨୦୦୩ରୁ ୨୦୧୧ ମଧ୍ୟରେ ଆମେରିକା ସେନା ଆଇଏସ୍ ଏବଂ ଅନ୍ୟ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ବିରୋଧୀ ଲଢେଇ ସାରି ନିଜ ଦେଶକୁ ଫେରିବା ପରେ ପୁନର୍ବାର ୨୦୧୪ରେ ଇରାକକୁ ଫେରିବାକୁ ବାଧ ହୋଇଥିଲେ । ଇସଲାମିକ ଷ୍ଟେଟ ଇରାକ-ଲେଭାଣ୍ଟଗୋଷ୍ଠୀ ସିରିଆଠାରୁ ଇରାକର ପଶ୍ଚିମ ପ୍ରାନ୍ତରେ ଏଭଳି ହତ୍ୟାଲୀଳା କରିଥିଲେ ଯାହାପାଇଁ ଆମେରିକା ସେନାଙ୍କୁ ପୁଣିଥରେ ଫେରିବାକୁ ପଡିଥିଲା । ୧୩ ସେପ୍ଟେମ୍ବର ୨୦୦୭ରେ ତତ୍କାଳୀନ ଆମେରିକାର ରାଷ୍ଟ୍ରପତି ବୁଶ୍ ୧୬୮୦୦୦ ସେନା ଇରାକରେ ରହିଥିବା ପ୍ରକାଶ କରିଥିଲେ । ୨୦୦୮ ଶେଷ ବେଳକୁ ୧୪୬୦୦୦ସେନା ଇରାକରେ ଥିଲେ । ୩୧ ଡିସେମ୍ବର ୨୦୧୧ ସୁଦ୍ଧା ସବୁ ସୈନ୍ୟ ଆମେରିକାକୁ ଫେରିଯିବାର ବୁଝାମଣା ଇରାକ ସରକାରଙ୍କ ସହ ହୋଇଥିଲା । ତତ୍କାଳୀନ ଇରାକ ରାଷ୍ଟ୍ରପତି ନୁରି ଅଲ୍ ମାଲିକୀ ଏଥିପାଇଁ ଚାପ ସୃଷ୍ଟି କରିଥିଲେ । ତେବେ ଅପରେସନ ନିଉଡନ୍ ନାମରେ ଚାଲିଥିବା ସେହି ଅଭିଯାନ ୨୦୧୧ ବେଳକୁ ସରିବ ବୋଲି ଇରାକ ଏବଂ ଆମେରିକା ରାଷ୍ଟ୍ରପତିଙ୍କ ଦ୍ୱାରା ୧୨ଡିସେମ୍ବର ୨୦୧୧ରେ ହ୍ୱାଇଟ ହାଉସଠାରେ ଏକ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ଶେଷରେ ୧୮ ଡିସେମ୍ବର ୨୦୧୧ରେ ଆମେରିକାର ଅବଶିଷ୍ଟ ୫୦୦ ସେନା ଇରାକ ଛାଡିଥିଲେ । ହେଲେ ସେ ସମୟରେ ଆଜିର ଆଫଗାନିସ୍ଥାନ ପରି ସନ୍ତ୍ରାସବାଦୀମାନେ ପଡୋଶୀ ମୁସଲିମ ରାଷ୍ଟ୍ରର ସମର୍ଥନ ପାଇ ଖୁବ୍ ଶିଘ୍ର ଫେରି ହିଂସାର ତାଣ୍ଡବ ସୃଷ୍ଟି କରିଥିଲେ । ଫଳରେ ଆମେରିକା ସେନା ଇରାକକୁ ୨୦୧୪ରେ ଫେରିଥିଲେ । କିନ୍ତୁ ଇରାନ କର୍ତ୍ତୃପକ୍ଷ ଇରାକରେ ବିଦେଶୀ ସେନା ନ ରହିବା ଉଚିତ୍ ବୋଲି ତର୍କ ବାଢିଲେ । ଇରାକରେ ଇରାନ ସମର୍ଥିତ ସନ୍ତ୍ରାସବାଦୀ ଗୋଷ୍ଠୀ ଜେନେରାଲ ସୁଲେମାନୀଙ୍କ ମାର୍ଗଦର୍ଶନରେ ଅଧିକ ଆକ୍ରମଣ କରିବାପରେ ଆମେରିକା ପକ୍ଷରୁ ଡ୍ରୋନ ଆକ୍ରମଣ କରାଯାଇ ସୁଲେମାନୀଙ୍କୁ ହତ୍ୟା କରାଯାଇଥିଲା । ତାହା ବିରୋଧରେ ୮ ଜାନୁଆରୀ ୨୦୨୦ରେ ଇରାନ ପକ୍ଷରୁ ଅପରେସନ ସହିଦ ସୁଲେମାନୀ ଆରମ୍ଭ କରାଯାଇ ଇରାକରେ ଥିବା ଆମେରିକାର ସେନାବାହିନୀ ଉପରେ ରକେଟମାଡ କରାଯାଇଥିଲା ।୧୧ ଓ ୧୪ମାର୍ଚ୍ଚ ୨୦୨୦ରେ କଟାଇବ ହେଜବୋଲ୍ଲା ଗୋଷ୍ଠୀ ଆମେରିକା ସେନାଙ୍କ କ୍ୟାମ୍ପ ତାଜି ଉପରେ ଆକ୍ରମଣ କରିଥିଲେ । ଇରାନ ସମର୍ଥନରେ ଇରାକରେ ବିକ୍ଷୋଭ ହୋଇଥିଲା ଆମେରିକା ସେନାଙ୍କୁ ହଟାଇବା ପାଇଁ । ପରେ ସୁରକ୍ଷା କାରଣ ଦର୍ଶାଇ ନାଟୋ ଗୋଷ୍ଠୀର କାନାଡା, ଜର୍ମାନୀ, କ୍ରୋଏସିଆ, ସ୍ଲୋଭାକିଆର ସେନା ଇରାକ ଛାଡିଥିଲେ । କୋରୋନା ଯୋଗୁ ଆମେରିକାର ସେନାଙ୍କୁ ଫେରାଇ ନେବା ଉଦ୍ୟମ ସାମାନ୍ୟ ବିଳମ୍ବ ହୋଇଥିଲେ ହେଁ ଜାନୁଆରୀ ୨୦୨୧ ବେଳକୁ ମାତ୍ର ୨୫୦୦ ସେନା ଇରାକରେ ରହିଥିଲେ, ଯେଉଁମାନେ ଚଳିତ ବର୍ଷ ଶେଷସୁଦ୍ଧା ଫେରିବେ । ଏବେ ଆଶଙ୍କା ପ୍ରକାଶ ପାଉଛି ଯେ ଇରାକରୁ ସେନା ଫେରିବା ପରେ ଆଫଗାନିସ୍ଥାନ ପରି ଇରାକରେ ମଧ୍ୟ ସଂଘର୍ଷର ବାତାବରଣ ସୃଷ୍ଟି ହୋଇପାରେ । ଆଫଗାନିସ୍ଥାନରେ ଥିବା ଆଇଏସ୍ ଗୋଷ୍ଠୀ ଡିସେମ୍ବର ପରେ ଇରାକକୁ ଫେରି ସେଠାକାର ସହଯୋଗୀଙ୍କ ସହାୟତାରେ ତାଣ୍ଡବ ସୃଷ୍ଟି କରିବାର ଆଶଙ୍କା ପ୍ରକାଶ ପାଇଲାଣି । କାରଣ ଆଫଗାନିସ୍ଥାନରେ ତାଲିବାନ କ୍ଷମତାକୁ ଫେରିବାପରେ କେବଳ ଆଇଏସ୍ ନୁହେଁ ପୃଥିବୀରେ ଥିବା ପ୍ରାୟ ଦୁଇଶହ ଇସଲାମିକ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ଉତ୍ସାହ ବଢିଛି । ଗଣତନ୍ତ୍ରକୁ ହଟାଇ ଇସଲାମିକତନ୍ତ୍ର ପ୍ରତିଷ୍ଠା କରିବାକୁ ଏମାନେ ଆଗାମୀ ଦିନରେ ପୃଥିବୀର ବହୁ ଦେଶରେ ପ୍ରୟାସ କରିବେ । ସେହି କାର୍ଯ୍ୟରେ ଇସଲାମିକ ରାଷ୍ଟ୍ରଗୁଡିକର ପରୋକ୍ଷ ଓ ପ୍ରତ୍ୟକ୍ଷ ସମର୍ଥନ ରହିବ । ମୁସଲିମ ଗୁରୁମାନେ ଆଫଗାନିସ୍ଥାନପରି ଚୁପ୍ ରହି ମଉଜ କରିବେ । ସେମାନଙ୍କ ବୁଦ୍ଧିଜୀବୀ ନିରବ ରହି ସମର୍ଥନ କରିବେ, ଏଥିରେ ସନ୍ଦେହ ନାହିଁ । ପାକିସ୍ଥାନ, ତୁର୍କୀ ପରି ରାଷ୍ଟ୍ର ଏ ପ୍ରକାର ଅସ୍ଥିରତାରୁ ଆର୍ଥିକ ଲାଭ ଉଠାଇବାକୁ ଚେଷ୍ଟା କରିବେ । ପାକିସ୍ଥାନ ଆଫଗାନିସ୍ଥାନକୁ ସେନା, ଅଧିକାରୀ, ସନ୍ତ୍ରାସବାଦୀ, ଅସ୍ତ୍ରଶସ୍ତ୍ର ଯୋଗାଇ ତାଲିବାନଙ୍କ ଦକ୍ଷତାକୁ ବୃଦ୍ଧି କଲାପରି ପୃଥିବୀର ଭିନ୍ନ ଭିନ୍ନ ରାଷ୍ଟ୍ରରେ ଏମାନେ ଇସଲାମ ନାମରେ ଅସ୍ଥିରତା ସୃଷ୍ଟି କରି ସରକାରଙ୍କୁ ହଟାଇବା, ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟିପାଇଁ ଉଦ୍ୟମ କରିବେ । କାରଣ ପାକିସ୍ଥାନ ଆର୍ଥିକ ଚାପରେ ରହିଥିବା ହେତୁ ସନ୍ତ୍ରାସ ମାଧ୍ୟମରେ ନିଜର ଆଧିପତ୍ୟ ବୃଦ୍ଧି ପାଇଁ ପ୍ରୟାସ କରିବ ନିଶ୍ଚୟ । ସେମିତି ତୁର୍କୀ ଇସଲାମ ଜଗତରେ ଖଲିଫା ହେବାର ସ୍ୱପ୍ନ ଦେଖୁଛି । ମଧ୍ୟପ୍ରାଚ୍ୟର କାତାର, ସାଉଦିଆରବ, ଇରାନ ଆଦି ରାଷ୍ଟ୍ର ନିଜର ପ୍ରଭୁତ୍ୱ ବୃଦ୍ଧିପାଇଁ ପରୋକ୍ଷରେ କେଉଁଠି ସୁନ୍ନି ଓ କେଉଁଠି ସିହା ସନ୍ତ୍ରାସବାଦୀଙ୍କୁ ଅର୍ଥ, ଅସ୍ତ୍ରଶସ୍ତ୍ର, ସୁରକ୍ଷା, ପ୍ରଶିକ୍ଷଣ ଦେବାରେ ଲାଗିଛନ୍ତି । ବଙ୍ଗଳାଦେଶ, ଲେବାନନ୍ ଖୁବ୍ କମ ଦିନରେ ଏମାନଙ୍କ ଶିକାର ହେବେ ବୋଲି ସୂଚନା ମିଳିଲାଣି । ଆଫ୍ରିକାର ବୁର୍କିନା ଫାସୋ ଦେଶର ଉତ୍ତର ଭାଗରେ ଥିବା ଗୋର୍ଗାଜୀଠାରୁ ୨୫ କି.ମି ଦୂରରେ ସନ୍ତ୍ରାସବାଦୀଙ୍କ ଆକ୍ରମଣରେ ୪୭ ଜଣଙ୍କ ମୃତ୍ୟୁ ଅଗଷ୍ଟ ମାସରେ ଘଟିଛି । ୪ ଅଗଷ୍ଟରେ ନାଇଜର ସୀମାର ନିକଟବର୍ତ୍ତୀ ବୁର୍କିନା ଫାସୋ ମଧ୍ୟରେ ୧୫ ଯବାନ ୧୧ ନାଗରିକ ୪ ସେନା ସହଯୋଗୀ ସନ୍ତ୍ରାସବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିଲେ । ସେମିତି ୯ ଅଗଷ୍ଟ ଦିନ ମାଲି ସୀମାର କେଟବୁକିନା ଫାସୋ ଅନ୍ତର୍ଗତ ଅଞ୍ଚଳରେ ୧୨ ଯବାନଙ୍କର ମୃତ୍ୟୁ ହୋଇଥିଲା । ପଶ୍ଚିମ ଆଫ୍ରିକାର ଏହି ଦରିଦ୍ର ରାଷ୍ଟ୍ରରେ ୨୦୧୫ରୁ ଇସଲାମିକ ସନ୍ତ୍ରାସବାଦୀ ଗୋଷ୍ଠୀ ଆଇଏସ୍ (ଇଆଇ) ଏବଂ ଅଲ କାୟଦାର ଆକ୍ରମଣରେ ୧୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ୧୩ଲକ୍ଷ ଲୋକ ଭୟଭୀତ ହୋଇ ନିଜ ବାସସ୍ଥାନ ଛାଡିବାକୁ ବାଧ୍ୟ ହୋଇଛନ୍ତି । ୨୦୧୩ରେ ମୋଖତାର ବେଲମୋଖତାର ପରିଚାଳିତ ଅଲ୍-ମୁଲାଥାମୁନ ବାଟାଲିଅନ ସହ ତାହିଦ ୱାଲ ଜିହାଦ ଗୋଷ୍ଠୀର ମିଶ୍ରଣପରେ ଅଲ-ମୁରାବିଟୁନ ନାମରେ ଏହି ମିଳିତ ଗୋଷ୍ଠୀ ଉତ୍ତର ଓ ପଶ୍ଚିମ ଆଫ୍ରିକାରେ ଇସଲାମିକ ସନ୍ତ୍ରାସବାଦ ଜାରି ରଖିଛନ୍ତି । ନୀଳନଦୀର ଅବବାହିକାରୁ ଆଟଲାଣ୍ଟିକ ମହାସାଗର ପର୍ଯ୍ୟନ୍ତ ସରିଆ ଶାସନ ପାଇଁ ରକ୍ତପାତ ଜାରି ରଖିଛନ୍ତି । ୧୯୬୦ରୁ ସୋମାଲିଆରେ ଇସଲାମିକ ସନ୍ତ୍ରାସବାଦୀ ସକ୍ରିୟ ଥିଲାବେଳେ ୧୯୯୧ରୁ ଅଧିକ ଶକ୍ତିଶାଳୀ ହୋଇଥିଲେ । ନିକଟରେ ନିଉଜିଲାଣ୍ଡରେ ଶ୍ରୀଲଙ୍କାର ଜଣେ ମୁସଲିମ୍ ଯୁବକ ଆଇଏସ୍ ସହ ସଂପର୍କ ରଖି ପଶ୍ଚିମ ଅକଲାଣ୍ଡ ଅନ୍ତର୍ଗତ ଏକ ସୁପର ମାର୍କେଟରେ ଛୁରାମାଡ କରି ୬ଜଣଙ୍କୁ ଆହତ କରିଛି । ନିଉଜିଲ୍ୟାଣ୍ଡ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସଂପୃକ୍ତ ଆକ୍ରମଣକାରୀକୁ ଗୁଳିମାରି ହତ୍ୟା କରିଛନ୍ତି ।୨୦୧୯ରେ ଖ୍ରୀଷ୍ଟ ଚର୍ଚ୍ଚଠାରେ ଜଣେ ଅଷ୍ଟ୍ରେଲିୟ ବ୍ୟକ୍ତି ବେନ୍‌ଟନ ଏଚ.ଟାରାଣ୍ଟ ଦୁଇଟି ମସଜିଦ୍ ଉପରେ ଆକ୍ରମଣ କରି ୫୧ଜଣଙ୍କୁ ହତ୍ୟା କରିବା ସହ ୪୦ଜଣଙ୍କୁ ଆହତ କରିଥିଲା । ସେ ଇସଲାମିକ ସନ୍ତ୍ରାସବାଦ ବିରୋଧରେ ସେହି କାର୍ଯ୍ୟ କରିଥିଲା ବୋଲି କହିଥିଲେ ହେଁ ତାକୁ ଆଜୀବନ ଜେଲଦଣ୍ଡ ମିଳିଥିଲା । ଏବେ ସେଠାରେ ୟୁରୋପ ପରି ଏକାକୀ ଆକ୍ରମଣ ଘଟଣା ସରକାରଙ୍କ ଚିନ୍ତା ବଢାଇ ଦେଇଛି । (କ୍ରମଶଃ)

+ ଭାରତୀୟ ସମ୍ବାଦ ସେବା(ଭାସ୍)
ଭୁବନେଶ୍ୱର-୭୫୧୦୦୩

# ରାଷ୍ଟ୍ର ପାଇଁ କୃଷି ଓ କୃଷକ - ସୈନିକ



**ଶିବ ପ୍ରସାଦ ବାହିନୀପତି**

ପ୍ରତ୍ୟେକ ମଣିଷ ମାନଙ୍କର ଚଳିବା ପାଇଁ ଖାଦ୍ୟ,ବସ୍ତ୍ର ଓ ବାସଗୃହ ଯେପରି ନିତାନ୍ତ ଆବଶ୍ୟକ ସେମିତି ପ୍ରତ୍ୟେକ ରାଷ୍ଟ୍ର ପାଇଁ କୃଷକ ଓ ସୈନିକର ଆବଶ୍ୟକତା ନିହାତି ରହିଛି । ବାସଗୃହ ତ ପୂରା ରାଷ୍ଟ୍ରଟା ପଡ଼ିଛି; କିନ୍ତୁ ତା'ର ତତ୍ତ୍ୱାବଧାରକ ଏବଂ ବଞ୍ଚିବା ପାଇଁ ଖାଦ୍ୟ ଉତ୍ପାଦକ ନରହିଲେ ରାଷ୍ଟ୍ରର ସ୍ଥିତି ଅସମ୍ଭବ । ତେଣୁ ରାଷ୍ଟ୍ର ପାଇଁ ଏ ଦୁଇ ବ୍ୟକ୍ତି ନିତାନ୍ତ ଆବଶ୍ୟକୀୟ ମନେହୁଏ । ଆସନ୍ତୁ ଏହି ତିନୋଟି ଜିନିଷ ଉପରେ ଟିକେ ସମ୍ୟକ ଆଲୋଚନା କରିବା ।

ପ୍ରଥମେ ବିଚାରକୁ ନେବା ଖାଦ୍ୟ, ଯାହା ମଣିଷ ପାଇଁ ନିହାତି ଭାବେ ଦରକାର । ପୁରାଣର ଏକ ଉକ୍ତି ମନେପଡ଼େ -

'ଅନ୍ନ ବିହୁନେ ହଂସ ହାନି
ଯୋଗ ସାଧିବି କାହା ଘେନି ।'

ଏହି ପଦ୍ୟଟି ପ୍ରାଣୀ ପାଇଁ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ କଥା ସୂଚାଇଥାଏ । ପ୍ରତ୍ୟେକ ପ୍ରାଣୀ ପାଇଁ ଖାଦ୍ୟ ଅପରିହାର୍ଯ୍ୟ । ଯଦି ପ୍ରଶ୍ନ ଆସେ - 'ମଣିଷ ଖାଇବା ପାଇଁ ବଞ୍ଚେ କି ବଞ୍ଚିବା ପାଇଁ ଖାଏ ?' ତେବେ ମୁଁ କହିବି କି ମଣିଷ ବଞ୍ଚିବା ପାଇଁ ହିଁ ଖାଏ । ଆହାର ନଖାଇଲେ ମଣିଷ କ'ଣ, କୌଣସି ଜୀବଜଗତ ବି ତିଷ୍ଠି ପାରିବ ନାହିଁ । ନିଜ ଜୀବନ ଧାରଣ ପାଇଁ ମଣିଷଙ୍କୁ କାହାରି ନା କାହାରି ଉପରେ ନିର୍ଭର କରିବାକୁ ପଡ଼େ । ବିନା ନିର୍ଭରଶୀଳତାରେ କେହି କେବେ ବଞ୍ଚି ପାରିନି କି ବଞ୍ଚି ପାରିବନି । ଏଠି ବଞ୍ଚିବା ପାଇଁ ପ୍ରତ୍ୟେକ ପ୍ରାଣୀକୁ ଗୋଟିଏ ଜିନିଷ ଉପରେ ନିର୍ଭର କରିବାକୁ ପଡ଼େ, ସେ ହେଉଛି ଖାଦ୍ୟ । ଇତିହାସ କହେ, ମଣିଷ ପୂର୍ବେ ଯେବେ ବନବାସୀ ଥିଲା ସେବେ ମାଂସାହାରୀ ଥିଲା । କାରଣ ଶସ୍ୟ ଉତ୍ପାଦନର ପ୍ରଣାଳୀ ତାକୁ ଜଣା ନଥିଲା । ଏବେ କିନ୍ତୁ ସବୁ ଜାଣିବା ପରେ 'କର୍ମମୟ ଜୀବନ କର୍ମରେ ବିଲୀନ' ନୀତି ଅନୁସରଣରେ କାଳାତିପାତ କରୁଛି ।

ଖାଦ୍ୟ ଖାଇବାକୁ ହେଲେ ଖାଦ୍ୟ ଉତ୍ପାଦନ କରିବାକୁ ହେବ । ତେଣୁ କୃଷି ହେଉଛି ତା'ର ମାଧ୍ୟମ । କୃଷିକାର୍ଯ୍ୟକୁ ଅଣଦେଖା କରିବା ଅର୍ଥ କ୍ଷୁଧା ଯନ୍ତ୍ରଣାରେ ଆଉଟୁପାଉଟୁ ହୋଇ ପ୍ରାଣ ବିସର୍ଜିବା ସହିତ ସମାନ । ତେଣୁ ଏଠି କୃଷକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଜିକା ଦୁନିଆରେ ଖାଦ୍ୟ ସଂକଟ ବହୁଳ ମାତ୍ରାରେ ପରିଲକ୍ଷିତ । ଏହାର କାରଣ ଅନେକ ଥିଲେ ବି ମୁଖ୍ୟତଃ କୃଷିକାର୍ଯ୍ୟ ଉପରୁ ଆଖି ଫେରାଇ ନେବାଟା ପ୍ରଧାନ କାରଣ ; ଖାଦ୍ୟ ସମସ୍ୟା ସୃଷ୍ଟି ହୁଏ କେବଳ ଏହି କାରଣରୁ । ଆଉ ଏକ କାରଣ ହେଲା ଜନସଂଖ୍ୟା ବୃଦ୍ଧି । ଯେତିକି ପରିମାଣରେ ଜନସଂଖ୍ୟାରେ ବୃଦ୍ଧି ଘଟୁଛି, ସେତିକି ପରିମାଣରେ ତାଙ୍କର ଆବାସସ୍ଥଳୀରେ ବୃଦ୍ଧି ଘଟୁଛି; ଫଳତଃ ଚାଷଜମିର ସଂଖ୍ୟା ହ୍ରାସ ପାଉଛି । ଚାଷଜମିର ଅଭାବରୁ କୃଷିକାର୍ଯ୍ୟରେ ବ୍ୟାଘାତ; ଅର୍ଥାତ୍ କୃଷିଜାତ ଦ୍ରବ୍ୟର ପରିମାଣ ହ୍ରାସ ପାଉଛି । ଜମି ଥିଲେ ତ କୃଷି ହେବ; ଜମି ତ ନାହିଁ, କୃଷି କରିବେ କେଉଁଠି ? ତେଣୁ ସମସ୍ତେ କୃଷିରୁ ବିରତ ହୋଇ ବିଭିନ୍ନ ପ୍ରକାରର ବଣିଜ ଓ ଚାକିରୀ କ୍ଷେତ୍ରରେ ନିୟୋଜିତ ହେଉଛନ୍ତି । କୃଷକଙ୍କ ସଂଖ୍ୟା ଏବେ ହ୍ରାସ ପାଇବାରେ ଲାଗିଛି । କୃଷିଜାତ ଦ୍ରବ୍ୟ ହ୍ରାସର ଆଉ ଏକ କାରଣ ହେଲା ରାସାୟନିକ ସାରର ପ୍ରୟୋଗ । ସେତେବେଳର ଜୈବିକ ସାର ଓ କମ୍ପୋଷ୍ଟ ଖତ ଆଉ ନାହିଁ; ବିଷାକ୍ତ ହୋଇସାରିଛି ମାଟି । ଏବେ ଖାଦ୍ୟ ନାମରେ ବିଷ ଗୁଡ଼ାକୁ ଭୋକ ବିକଳରେ ଗିଳିବା ପାଇଁ ପଡୁଛି । ମାଟି ଏତେ ବିଷାକ୍ତ ହୋଇଯାଇଛି ଯେ, ସେଥିରେ ଆଉ ଅଙ୍କୁରୋଦଗମ ଠିକ୍ ଭାବରେ ହେଉନାହିଁ । ଯେଉଁ ମାଟିରେ ମହଣ ମହଣ ସୁନା ମିଳି ପାରୁଥିଲା, ଏବେ ସେ ମାଟିରେ କେବଳ ବିଷ ଫଳ ହିଁ ଫଳୁଛି । କୃଷିଜାତ ଦ୍ରବ୍ୟର ପରିମାଣ ହ୍ରାସ ହେତୁ ଦରଦାମ ବି ଆକାଶଛୁଆଁ । ବଣିକ ତ ମୁଣ୍ଡ ବୁଲାଇ ପଡୁଛି; ନିର୍ଦ୍ଧନ କଥା କହିଲେ ନସରେ । ଏସବୁ ପରେ ସରକାରଙ୍କ 'ଅନ୍ତୋଦ୍ୟ ଅନ୍ନ ଯୋଜନା' କୃଷି ହ୍ରାସ ପାଇଁ ବାଆକୁ ବତା । ଟଙ୍କିକିଆ ଚାଉଳର କରାମତି କୃଷି ମାରଣ ପାଇଁ ବେଶ ଉପଯୋଗୀ । ଏହି ଟଙ୍କିକିଆ ଚାଉଳ ପାଇଁ ତ ଲୋକେ ଚାଷବାସ ନକରି ଘରେ ବସି ଖାଇବାର ସୁଯୋଗକୁ ହାତଛଡ଼ା କରୁନାହାନ୍ତି । ମୂଳ ମଜୁରୀ କରିବାକୁ ବି ଜଣେ କେହି ଇଚ୍ଛୁକ ନୁହେଁ ।

ଏସବୁ ସତ୍ତ୍ୱେ ଏବେ ସରକାର କୃଷିକୁ ଦୃଷ୍ଟିରେ ରଖି ବିଭିନ୍ନ ଯୋଜନା ଲାଗୁ କରିଛନ୍ତି ସତ, ହେଲେ ସବୁ ଯୋଜନା ଫଳବତୀ ହୋଇପାରୁନାହିଁ । ହାଣ୍ଡିଏ ଅମୃତରେ ଟୋପାଏ ଜହର ଖସି ପଡ଼ିଲେ ଯେମିତି ହାଣ୍ଡିକ ଅମୃତ ତତକ୍ଷଣାତ ବିଷ ପାଲଟି ଯାଏ , ଠିକ୍ ସେମିତି ମାଟି ଗର୍ଭରେ ମୋଟା ଆକାରର ବିଷର ଚଟାଣ । ଜନସଂଖ୍ୟା ବି ନିୟନ୍ତ୍ରିତ ହୋଇପାରୁନାହିଁ । ଚାଷଜମି ଏପରିକି ମଶାଣି ଭୂଇଁ ବି ନିବାସସ୍ଥଳୀରେ ପରିଣତ । ବହୁ ସମସ୍ୟାର ଘେରରେ କୃଷି ଓ କୃଷକ । ନୀତି ନିର୍ଦ୍ଧାରକ ଓ କୃଷି ବିଶେଷଜ୍ଞ ମାନେ ଅନେକ ସମୟ କୃଷକ ଅପେକ୍ଷା କୃଷିକ୍ଷେତ୍ର ଉପରେ ଦୃଷ୍ଟି ନିକ୍ଷେପ କରିଥା'ନ୍ତି । ଜମି ଓ ଜଳ ଉତ୍ପାଦନ ବୃଦ୍ଧି ହେତୁ ଚାଷକାର୍ଯ୍ୟ କିଛି ପରିମାଣରେ ଚାଲିଛି , କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ ; ସମୁଦ୍ରକୁ ଶଙ୍ଖେ କହିଲେ କିଛି ଅତ୍ୟୁକ୍ତି ହେବନି । ଏହା କେବଳ ଚାଷୀ ଓ ତା'ର ପରିବାରର କଲ୍ୟାଣ ସାଧନ କରିବ; କିନ୍ତୁ ଚାଷୀ ପ୍ରତି ଉଦାସୀନ ରହି ଜନ କଲ୍ୟାଣରେ ଲଗି ପାରିବ ନାହିଁ । କୃଷି ସମ୍ପଦ , କୃଷି ଉପରେ ନିର୍ଭରଶୀଳ ହୋଇ ଜୀବିକା ନିର୍ବାହ କରୁଥିବା ପ୍ରତ୍ୟେକଙ୍କୁ ପ୍ରଭାବିତ କରେ । ଏଥିରୁ ଜଣାଯାଉଛି ରାଷ୍ଟ୍ର ପାଇଁ କୃଷି ଓ କୃଷକର ଆବଶ୍ୟକତା କେତେ ଅପରିହାର୍ଯ୍ୟ । 'ଖାଦ୍ୟ ଏବଂ ବସ୍ତ୍ର' - ଏ ଦୁଇଟି କୃଷିକାର୍ଯ୍ୟ ଦ୍ୱାରା ହିଁ ସମ୍ଭବ । ତେଣୁ ଏଠାରେ କୃଷକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ।

ଏବେ ଆଉ ଏକ ଦିଗକୁ ଦୃଷ୍ଟି ଦେବା ଉଚିତ୍ ; ତାହା ହେଉଛି ବାସଗୃହ । ପ୍ରତ୍ୟେକ ରାଷ୍ଟ୍ର ବାସିନ୍ଦାଙ୍କ ପାଇଁ ନିଜ ନିଜର ରାଷ୍ଟ୍ର ତାଙ୍କର ବାସଗୃହ ଏବଂ ରାଷ୍ଟ୍ରର ବାସିନ୍ଦାମାନେ ଗୋଟିଏ ପରିବାରର ଅଟନ୍ତି । ନିଜ ପରିବାରକୁ ସୁରକ୍ଷିତ ରଖିବା ପାଇଁ ଯେପରି ପରିବାରର ପ୍ରତ୍ୟେକ ସଦସ୍ୟ ତତ୍ପର ଥା'ନ୍ତି ; ଠିକ୍ ସେହିପରି ରାଷ୍ଟ୍ରକୁ ସୁରକ୍ଷିତ ରଖିବାକୁ ସୈନିକ ମାନେ ସଦାସର୍ବଦା ତତ୍ପର ରହିଥା'ନ୍ତି । ମୁଣ୍ଡ ଝାଳ ତୁଣ୍ଡେ ମାରି, ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ଅଗମ୍ୟ ପଥରେ ଜୀବନକୁ ପାଣି ଛଡ଼େଇ ନିଜ ପରିବାର ରୂପୀ ରାଷ୍ଟ୍ରକୁ ସୁରକ୍ଷାର ବଳୟ ଭିତରେ ବେଷ୍ଟନ କରି ରଖିଛନ୍ତି । ଦୁଷ୍ଟଶକ୍ତିର ନିପାତ କରିବାକୁ ଯାଇ କେତେବେଳେ ପରିବାରର ଦୃଷ୍ଟି ଆଢୁଆଳରେ ବିଲୀନ ହୋଇଯାଉଛନ୍ତି ତ କେତେବେଳେ ବିଜୟର ତିଳକ ଧାରଣ କରି ପରିବାର ପାଇଁ ଆଣିଦେଉଛନ୍ତି ଅହେତୁକ ଆନନ୍ଦ । ନିଜର ବାପା-ମାଆ, ଭାଇ-ଭଉଣୀ ଆଉ ସାଙ୍ଗସାଥି ଓ ଆତ୍ମୀୟ ସ୍ୱଜନଙ୍କଠାରୁ ଦୂରେଇ ରହି ସାରା ରାଷ୍ଟ୍ରର ସୁରକ୍ଷାରେ ତିଳ ତିଳ କରି ଦହି ଚାଲିଛନ୍ତି ନିଜ ଜୀବନକୁ । ଉତ୍କଳମଣି ଗୋପବନ୍ଧୁଙ୍କର ଏକ ଉକ୍ତି ମନେପଡ଼େ । ଯେତେବେଳେ ତାଙ୍କର ଏକମାତ୍ର ପୁଅକୁ ଜ୍ୱର ହୋଇଥାଏ ; ସେତେବେଳେ ବନ୍ୟା ଘେରରେ ପ୍ରପୀଡ଼ିତ ଜନତାଙ୍କୁ ସାହାଯ୍ୟ ଓ ସହଯୋଗର ହାତ ପ୍ରସାରିବା ପାଇଁ ଘରୁ ବାହାରି ଯାଆନ୍ତି ଗୋପବନ୍ଧୁ । ସ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ କହନ୍ତି - 'କୋଟିଏ ପୁତ୍ରଙ୍କର ପ୍ରାଣ ସଙ୍କଟରେ, ଗୋଟିଏ ପୁଅକୁ ଚାହିଁଲା ବେଳକୁ କୋଟିଏ ପ୍ରାଣ ଅକାଳରେ ଚାଲିଯିବ । 'ଠିକ୍ ସେମିତି ଏହି ସୀମା ସୁରକ୍ଷାକାରୀ ଅର୍ଥାତ୍ ରାଷ୍ଟ୍ରର ରକ୍ଷକ ଜଣେ ଜଣେ ଗୋପବନ୍ଧୁ ନୁହଁନ୍ତି କି? ନିଜର ଆତ୍ମୀୟ ସ୍ୱଜନଙ୍କୁ ବଳି ପକାଇ ରାଷ୍ଟ୍ର-ଜନତାଙ୍କ ପାଇଁ ଜୀବନୋତ୍ସର୍ଗ କରିଚାଲିଛନ୍ତି । ସେ ଥିଲେ ଦୀନବନ୍ଧୁ; ଏମାନେ ରାଷ୍ଟ୍ରବନ୍ଧୁ । ସେ ଥିଲେ ଉତ୍କଳର ମଣି; ଏମାନେ କ'ଣ ରାଷ୍ଟ୍ରମଣି ନୁହଁନ୍ତି କି ?

ମାଟିର ଶରୀରକୁ ମାଟି କରି, ଦେହର ସ୍ୱେଦ ନିର୍ଝରକୁ ଦେହରେ ବିଲୀନ କରି, ଖରା-ବର୍ଷା-ଶୀତର ପ୍ରକୋପ ସହି ଫସଲ ଉପୁଜାଉଥିବା ଚାଷୀ ଏବଂ ରକ୍ତକୁ ପାଣି ଫଟାଇ, ଦୁର୍ଗମ ପଥର ଯାତ୍ରୀ ସାଜି, ନିଜର ହସ - ଖୁସିକୁ ନିଜ ହାତରେ ଜଳାଞ୍ଜଳି ଦେଇ, ଜୀବନକୁ ବିପନ୍ନ କରି ଯେଉଁ କୃଷକ ଓ ସୈନିକ ଭାଇମାନେ ଆମକୁ ଖାଦ୍ୟ, ବସ୍ତ୍ର ଓ ସୁରକ୍ଷା ଯୋଗାଇ ଚାଲିଛନ୍ତି ; ସେମାନେ ଯୁଗେ ଯୁଗେ ଚିର ନମସ୍ୟ । ରାଷ୍ଟ୍ରର ପ୍ରଗତିରେ କାହାର କେତେ ଆବଶ୍ୟକତା ଥାଉ ନା କାହିଁକି ; କୃଷକ ଓ ସୈନିକର ଆବଶ୍ୟକତା ନିତାନ୍ତ ରହିଛି । ଧର୍ମ, ସତ୍ୟ ଓ ନ୍ୟାୟ ନିରପେକ୍ଷ କେବଳ ଏଇ ବ୍ୟକ୍ତି ଦ୍ୱୟ । ଏହାଙ୍କ ଭୂମିକା ଅପରିହାର୍ଯ୍ୟ ।

+ ସମ୍ପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର, କଣାସ, ପୁରୀ
(ମୋ) ୮୯୧୭୪୮୦୫୩୬

## କବିତା କୋଣାର୍କ



### ସେ

**ନୀଳିମା ନିବେଦିତା**

ସେ ଫୁଟାଏ ଉପଶମ ଫୁଲ
ମୋ ଦୁଃଖ ଗାଡ଼ିଆରେ
ସେ ମହକାଏ ସାନ୍ତ୍ୱନାର ବାସ
ମୋର ମନ ବଗିଚାରେ

ସେ ଓହ୍ଲାଏ ପାହାଚ ପାହାଚ କରି
ମୋ ଓଠ ଦେଇ
ନିବୁଜ ହୃଦୟ ଭିତରକୁ

ଫେରିଲାବେଳେ କଣ୍ଟ ଦେଇଯାଏ
ତା ଆଖି ଇଶାରାରେ
'ଆମ' ସମ୍ପର୍କର ନିବିଡ଼ତାକୁ

ସେ ଯେତେଥର
ସେ ବୋଲାଏ ତା ହୁଙ୍କାରରେ
ମୁଁ ସେତେ ସେତେ
ମନ ବଳାଏ ତା'ର ହେବାକୁ

ସେ ଯେବେବେଳେ
ଛନ୍ଦିଦିଏ ତା' ନିଜପଣ ମୋ ଚୁନୁରୀରେ
ମୁଁ ମୁଁ'ରୁ ଓହ୍ଲାଏ
ତା' ଛୁଆଁରେ ଆଉଥରେ ମୁଁ ହେବାକୁ

ବନ୍ଧା ହୁଏ ଲାଜ ମୋର
ତା ଓଠ ଯାବରେ
ଛନ୍ଦା ଥାଏ କଟି ମୋର
ତା ବାହୁ ବନ୍ଧନେ
ଠିକ୍ ଏବେଳେ ମୋବାଇଲ ଆଲର୍ମ
ବାଜେ
ଜାଣିବାକୁ ମିଳେ
ଥିଲି ମୁଁ ଏକ ମିଠା ସ୍ୱପ୍ନରେ !

+ କଳିଙ୍ଗ ବିହାର, ଭୁବନେଶ୍ୱର
(ମୋ) ୯୬୬୮୯୯୬୩୮୯

### ସବୁ ଯୁଗ ପରେ ମୋବାଇଲି ଯୁଗ

**ଅମରନାଥ ବାରିକ୍**



ଶରୀରର ଆଉ ଏକ ଭିନ୍ନ ଅଙ୍ଗ
ମୋବାଇଲି ସାଜି ଅଛି
ପିଲାଠୁଁ ବୟସ୍କ ସମସ୍ତଙ୍କ ପ୍ରିୟ
ପାଖେ ପାଖେ ରହିଅଛି ।

କେଲେଖେ କବିତା କିଏ ଶୁଣେ ଗୀତ
କିଏ ଖେଳୁଥାଇ ଖେଳ
କିଏ ପଢେ ପାଠ ଅନ୍ଲାଇନ୍ ରେ
କିଏ ଦେଖେ ଘଡି ବେଳ ।

କିଏ ଉଠାଉଛି ଛବି ଯେ କାହାର
କିଏ ଖୋଜେ କନ୍ୟା ବର
କିଏ ଦେଖୁଥାଏ ୟୁଟୁବ୍ ବସି
କିଏ ଶୁଣୁଛି ଖବର ।

ୱାଟ୍ସପ୍ ଦେଖେ ପ୍ରତି ମିନିଟି ରେ
ମେସେଜ କୁ ବାର ବାର
କିଏ ଖୋଲିଅଛି ଫେସ୍ ବୁକ୍ ପୁଣି
ଖୋଜିବାକୁ ସାଥି ତାର ।

କିଏ ଗପୁଥାଇ କାନରେ ଲଗାଇ
ଟିକ୍ ଟକ୍ କିଏ କରେ
ରାସ୍ତା ହେଉ ଅବା ଗାଡି ଘୋଡା ହେଉ
ଥାଇ ବିପଦ ସ୍ଥାନରେ ।

ଭିଡିଓ କଲିଙ୍ଗ୍ କରୁଥାଏ କିଏ
ଦିନ ହେଉ ଅବା ରାତି
ସବୁ ଏହିଥିରେ ଭରି ରହିଅଛି
ନାହିଁ ତା ବିନା ମୁକତି ।

କିଏ ଶୁଣୁ ଅଛି ଏଫ୍.ଏମ୍. ରେଡ଼ିଓ
ଦେଖେ କିଏ କ୍ୟାଲେଣ୍ଡର
କିଏ କରୁଥାଇ ହିସାବ କିତାବ
ଖୋଲି କାଲ୍କୁଲେଟର ।

କିଏ ପଠାଉଛି ପଇସା କାହାକୁ
କିଣା ବିକାର ବେପାର
ଆଉ ଲୋଡ଼ା ନାହିଁ ବ୍ୟାଙ୍କ ବଜାର
ସବୁ ଡିଜିଟାଲ୍ କର ।

+ ଯାଜପୁର, ମଙ୍ଗଳପୁର, କୟାଁ
ଓଡ଼ିଶା - ୭୫୫୦୧୧
(ମୋ)୯୫୪୦୩୦୮୦୯୫
(ନୂଆଦିଲ୍ଲୀ)

### ରିଲିଫ୍ ପାଇଁ ପଞ୍ଜିକରଣ

**ବିଶ୍ୱନାଥ ନାୟକ**



ବନ୍ୟା ଆସେ ପ୍ରତିବର୍ଷ ନଈରେ
ବିଷାଦ ଯୋଗର ଆତ୍ମପ୍ରତ୍ୟୟ ନେଇ
ନିଆଁ ଲଗାଏ ମୋ ମନରେ
ବାତ୍ୟା ଭାଂଗେ ଘର, ନଡା ଛପର,
ବତୀଖୁ, ତାରବାଡ,
ଝାଟିମାଟିର ସ୍ୱପ୍ନ ନେଇ
ଆଶା ମୋର ଉବୁଟୁବୁ ହୁଏ
ବାତ୍ୟା ବନ୍ୟା ପର ଦୃଶ୍ୟର ।

ନିଉଜ ରିପୋର୍ଟର
ମୋ ଘରର ଫାଂକା ଛପର,
ଅଧା ହସା ଚାଳଘର,
ମୋ ଭଂଗା କାନ୍ଥର ରଂଗକୁ
କ୍ୟାମେରା ରେ ତୋଳିଧରେ
ବାସୀ ଖବରର ଅନୁକଂପା ହୋଇ
ଭାଗବସାଏ ଆମ ଭାଗ୍ୟରେ ।।

ସାମାଜିକ ସେବା ସଂଗଠନର ସେବା
ଆମ ଦୁଃଖର ସେଲ୍ଫୀରେ
ଅପଲୋଡ୍ ହୁଏ
ଚାଉଳ, ଚୁଡା, ମୁଢୀ
ଆଳୁ, ପିଆଜର ବଦାନ୍ୟତା
ସେବା ପାଇଁ ପରିଚୟ ଖୋଜେ..।।

ମୋ ଚାଷ ଜମିରେ
ମାଡିବସେ ଲୁଣିଆ ଜୁଆର
ପ୍ରତିବର୍ଷ
ମାଇପି ପିଲା ଛୁଆ
ମୋର ଫୁଂଗୁଳା ହୁଅନ୍ତି
ବନ୍ୟା ବାତ୍ୟା ପରର
ଅନୁକମ୍ପାର ଶବ୍ଦ ହୋଇ..।।

ସରକାରୀ ଯୋଜନା
ଆସେ ଧିରେ ଧିରେ
ଆମ ଆଧାର କାର୍ଡ,
ଭୋଟର ପରିଚୟ ପତ୍ର ?
ସ୍ଥାୟୀ ଠିକଣାର ମାର୍ଫତରେ
ଗୋପବନ୍ଧୁଂକ କବିତାର ସ୍ୱର ହୋଇ
ଝୁଲିରହେ ଆମ ଭାଗ୍ୟ ସହ
ମୋ ଭଂଗା ଦରଜାରେ
ଉଈ ଖିଆ କାଗଜର
ରଂଗ ଫିକା ହେବା ଯାଏ ।।

ବନ୍ୟା ଫେରିଯାଏ,
ବାତ୍ୟା ଉଡିଯାଏ,
ଭବିଷ୍ୟତର ସ୍ୱପ୍ନ ସହ ମିଶି
ଏତିକି ବେଳେ ପଂଚାୟତ ଅଫିସ ଘରେ
ରିଲିଫ ପାଇଁ ତିଥି,
ବାର, ଦିନ ସ୍ଥିର ହୁଏ

ପଂଜିକରଣର ତାରିଖ ଆସେ
ରିଲିଫର ସହାୟତାର ଶବ୍ଦ ହୋଇ
କାଗଜ କଲମରେ ଶିଳାନ୍ୟାସ ନିଏ
ଯୋଜନା
ଅନୁକଂପାର ଆବେଗ ନେଇ
ଚାଷୀଟିଏ ବଂଚିବାକୁ ସଂଘର୍ଷ କରେ
ମାଟିର ମୋହକୁ ବୁଝୁବୁଝୁ
ପୁଣି ଏକ ବନ୍ୟା /ବାତ୍ୟା
ଠିଆ ହୁଏ ତା ବର୍ଷ ଯାକର
ସ୍ୱପ୍ନ ପଂଜିକୃତ ହୁଏ
ଉକୁଡି ଯିବାର ଆବେଗ ନେଇ...।।

+ ଶିକ୍ଷା ବିଭାଗ ଜେସିଓ
୧ ସିଗନାଲ ପ୍ରଶିକ୍ଷଣ କେନ୍ଦ୍ର,
ଜବଲପୁର(ମ.ପ୍ର)





## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

**ଭାଗ-୩୦**

ଏସବୁ ଭାବିଲେ ମୋତେ ଶକୁନି ମାମୁ ପ୍ରତି ସ୍ୱତଃ ଘୃଣା ଜାଗୁଥିଲା । ତାଙ୍କର କଥାବାର୍ତ୍ତା, ଚଳିଚଳଣ ରହସ୍ୟମୟ ଲାଗୁଥିଲା । ମୁଁ ତ ଠିକ୍ ବୁଝିପାରୁ ନଥିଲି, ମାତୁଳ ବାସ୍ତବରେ ନିଜ ଭାଗିନେୟର ହିତାକାଂକ୍ଷୀ କି ନୁହେଁ । ଆଉ ଯଦି ହିତାକାଂକ୍ଷୀ, ତେବେ ଉଭୟ ପରିବାର ମଧ୍ୟରେ ଏକତ୍ୱକୁ ଭାଂଗିବାର ଉଦ୍ୟମ କରୁଛନ୍ତି କାହିଁକି ? ଆଉ ମହାରାଜ । ସେ କିଭଳି ଅଭିଭାବକ, ମୁରବି, ଯିଏ ନିଜ ପରିବାର ମଧ୍ୟରେ ପକ୍ଷପାତ କରୁଛନ୍ତି । ସେ ପୁଣି କି ନ୍ୟାୟ ଦେବେ ନିଜ ପ୍ରଜାମାନଙ୍କୁ । କୁହାଯାଏ ରାଜା ସଦାସର୍ବଦା ପ୍ରଜାମାନଙ୍କ ପରାମର୍ଶକୁ ଗ୍ରହଣ କରି ରାଜକାର୍ଯ୍ୟ ଚଳାଏ । ଅଥଚ ନିଜ ଅନୁଜ ପୁତ୍ରମାନଙ୍କର ପ୍ରତି ପକ୍ଷପାତ ବିଚାର କରୁଛନ୍ତି କିପରି ? ତାଙ୍କର ଅନୁଜ ପାଣ୍ଡୁପୁତ୍ରମାନେ ଯେଉଁଠି ଜ୍ୟେଷ୍ଠତାତ କହି ମୁଣ୍ଡରେ ମୁଣ୍ଡାଇ ଧରିଛନ୍ତି । ସେଠାରେ ତାଙ୍କର ବିରୋଧାଭାସ ଏକପ୍ରକାର ଚକ୍ରାନ୍ତ ବ୍ୟତୀତ ଆଉ କ'ଣ ହୋଇପାରେ । ସେ କ'ଣ ତେବେ, କେବଳ ଦୃଷ୍ଟିରେ ଅନ୍ଧ ନୁହଁନ୍ତି, ତାଙ୍କର ଜ୍ଞାନ, ବୁଦ୍ଧି, ବିଚାର ସବୁ କିଛି ଅନ୍ଧ । ଶେଷରେ ସମସ୍ତ ବାଦବିବାଦର ସମାଧାନ ପାଇଁ ପିତାମହଙ୍କ ନିର୍ଦ୍ଦେଶରେ ଏକ ସର୍ବସାଧାରଣ ବୈଠକ ବସେ । ରାଜ ପାରିଷଦର ସମସ୍ତ କର୍ମକର୍ତ୍ତା ଏଥିରେ ଉପସ୍ଥିତ ରହି ଯୁଧିଷ୍ଠିରଙ୍କ ଯୁବରାଜ ପଦବିକୁ ସ୍ୱୀକୃତି ଦିଅନ୍ତି । ବାଧ୍ୟ ହୋଇ ମହାରାଜା ସର୍ମସମ୍ମତ ନିଷ୍ପତ୍ତିକୁ ମାନିନିଅନ୍ତି । ଏହାହିଁ ଦୁର୍ଯ୍ୟୋଧନ ଇତ୍ୟାଦିଙ୍କୁ ପାଣ୍ଡବ ବିଦ୍ୱେଷୀ ହେବାକୁ ସୁଯୋଗ ଦିଏ । କୁରୁ ପାଣ୍ଡବ ମଝିରେ ଛିଡ଼ା ହୋଇଯାଏ ଏକ ବିଭେଦମାନ ପାଚେରି ।

ତା ପରଠାରୁ ନିତିଦିନ ସେମାନଙ୍କ ମଧ୍ୟରେ ମନ୍ତ୍ରଣା ଚାଲେ । ପାଣ୍ଡବମାନଙ୍କ ବିରୋଧରେ ନାନାଦି କୁମନ୍ତ୍ରଣା ଚାଲେ । ମୋତେ ଯଦିଓ ସେଥିରେ ସାମିଲ୍ କରନ୍ତି । କିନ୍ତୁ ସେ ସବୁର ପକ୍ଷପାତୀ ହୋଇପାରେନା । ମୋ ମନରେ ଦ୍ୱନ୍ଦ୍ୱ ଜାଗେ । ନା ମୁଁ ମିତ୍ରଙ୍କୁ ସେଥିରୁ ମୁକ୍ତକରି ପାରିବି, ନା ନିଜେ ମଧ୍ୟ ମୁକ୍ତ ହୋଇ ପାରିବି । ଏତିକି ଜାଣିଥିଲି, ଏସବୁ ମନ୍ତ୍ରଣାର ବିରୋଧ କରିବା ଅର୍ଥ ଦୁର୍ଯ୍ୟୋଧନ ବିଦ୍ୱେଷୀ ହେବା । ତେଣୁ ପରିସ୍ଥିତିରେ ପଡ଼ି ନିରବ ରହୁଥିଲି ।

ଶେଷରେ ସବୁ ବିବାଦର ସମାଧାନ ହୋଇଯାଇ ଯୁଧିଷ୍ଠିର ହସ୍ତିନାପୁର ଯୁବରାଜ ପଦରେ ଅଭିଷିକ୍ତ ହେଲେ । ତା ପରଠାରୁ ଦୁର୍ଯ୍ୟୋଧନଙ୍କ ବିଦ୍ରୋହ ଆହୁରି ବିଷାକ୍ତ ହୋଇଗଲା । ତାଙ୍କର ମାନସିକ ପରିବର୍ତ୍ତନ ପାଇଁ ମୁଁ ଅନେକ ବୁଝାଇବାକୁ ଚେଷ୍ଟା କଲି । ଫଳ କିନ୍ତୁ ବିପରୀତ ହେଉଥିଲା । ଦିନକୁ ଦିନ ସେମାନଙ୍କ ମନ୍ତ୍ରଣା, ଷଡ଼ଯନ୍ତ୍ର ବଢ଼ିବଢ଼ି ଚାଲିଥିଲା । ଦୁର୍ଯ୍ୟୋଧନ ଚାହୁଁଥିଲେ ପାଣ୍ଡବଶୂନ୍ୟ ନିଷ୍କଟଙ୍କ ରାଜ୍ୟ । କିନ୍ତୁ, ଏହା କ'ଣ କେବେ ସମ୍ଭବ । ପାଣ୍ଡବମାନେ କେବଳ ମହାରାଜ ଧୃତରାଷ୍ଟ୍ରଙ୍କ ଅନୁଜ ପୁତ୍ର ନୁହଁନ୍ତି, ହସ୍ତିନାପୁର ସାମ୍ରାଜ୍ୟର ଏକ ଅଂଶୀଦାର ମଧ୍ୟ । ନିୟମ ଅନୁଯାୟୀ ଉଭୟଙ୍କ ସହମତିରେ ହସ୍ତିନାପୁର ସାମ୍ରାଜ୍ୟ ତିଷ୍ଠିରହିବ । ସେଠି ଦୁର୍ଯ୍ୟୋଧନଙ୍କ ଏଭଳି ହିଂସାନୀତି, ଛଳ, କପଟ ଘୋର ଅନ୍ୟାୟ । ସ୍ୱୟଂ ମହରାଜ ନିଜପୁତ୍ର ସପକ୍ଷରେ ରହି ଦୁର୍ଯ୍ୟୋଧନକୁ ଯେପରି ଆହୁରି ଉତ୍ସାହିତ କରୁଛନ୍ତି । ମୋତେ କାହିଁକି ଏସବୁ ବିଷୟକୁ ନେଇ କ୍ଷୋଭ ଜାଗୁଥିଲା ମନରେ । ମନେମନେ ଭାବୁଥିଲି ଏସବୁ ଠାରୁ ଯେତେ ଦୂରେଇ ରହିବି ସେତେ ମଂଗଳ ହେବ ।

ସେଦିନ ଦୁର୍ଯ୍ୟୋଧନ ମୋତେ ତାଙ୍କ ପାଖକୁ ଡକାଇଥିଲେ । ତାଙ୍କ ସହ ସାକ୍ଷାତ କରିବାକୁ କୌଣସି ନିର୍ଦ୍ଦିଷ୍ଟ ସମୟ, ଅସମୟ ନଥାଏ । ମୋତେ ଡକାଇଥିବାର କାରଣ ନ ଜାଣି ମଧ୍ୟ ମୁଁ ଦୁର୍ଯ୍ୟୋଧନଙ୍କ କକ୍ଷ ଭିତରକୁ ପ୍ରବେଶ କଲି । ଲକ୍ଷ୍ୟକଲି, କିଛି ଗୋଟେ ନିର୍ଦ୍ଦିଷ୍ଟ ବିଷୟକୁ ନେଇ ସେଠାରେ ଆଲୋଚନା ହେଉଥିଲା । ମାତୁଳ ଶକୁନି, ଦୁଃଶାସନ, ଦୁର୍ଯ୍ୟୋଧନ ଇତ୍ୟାଦି ପରସ୍ପର ଆଲୋଚନାରତ ଥିଲେ । ମୋତେ ଦେଖି ସମସ୍ତେ ସମ୍ଭାଷଣ ଜଣାଇ ଆସନ ଗ୍ରହଣ କରିବାକୁ ଅନୁରୋଧ କଲେ । ସେମାନଙ୍କ କଥାବାର୍ତ୍ତାରୁ ଜାଣିପାରିଲି, ନିକଟରେ ପାଣ୍ଡବମାନଙ୍କୁ ସେମାନଙ୍କ ମାତାଙ୍କ ସହ ପୂଜାର୍ଚ୍ଚନା ନିମନ୍ତେ ବାରୁଣାବନ୍ତକୁ ପଠାଯିବ ।

ବାରୁଣାବନ୍ତ, ହସ୍ତିନାପୁରର ଛୋଟ ଏକ ରାଜ୍ୟ । ସେଠାରେ ପ୍ରତିବର୍ଷ ଏକ ମେଳା ଅନୁଷ୍ଠିତ ହୁଏ । ହସ୍ତିନାପୁର ରାଜ୍ୟରୁ କେହି ନା କେହି ପ୍ରତିବର୍ଷ ସେଠିକୁ ଯାଇ ସେହି ମେଳା ପରିଚାଳନା କରନ୍ତି । ଆବଶ୍ୟକୀୟ ଖର୍ଚ୍ଚ ହସ୍ତିନାପୁର ରାଜକୋଷ ବହନ କରିଥାଏ । ଏଥର କିନ୍ତୁ ସେ ମେଳା ନିମନ୍ତେ ପାଣ୍ଡବମାନଙ୍କୁ ଦାୟିତ୍ୱ ଦିଆଯିବ । ସେମାନେ ତାଙ୍କ ମାତା କୁନ୍ତୀଦେବୀଙ୍କ ସହ ସେଠାରେ ଅବସ୍ଥାନ କରିବେ । ପାଣ୍ଡବମାନେ ସହଜେ ତ ଧର୍ମବନ୍ତ । ତାଛଡ଼ା ସେମାନଙ୍କ ମାତା କୁନ୍ତୀଦେବୀ ପୂଜା, ଯଜ୍ଞ କର୍ମ ଅନୁଷ୍ଠାନ ପ୍ରତି ବିଶେଷ ଆଗ୍ରହୀ । ତେଣୁ ଏ ପ୍ରସ୍ତାବ ଗ୍ରହଣ କରିନେବାରେ ବିଶେଷ କିଛି ଅସୁବିଧା ହେବନି । ମହାରାଜଙ୍କୁ ସେଥିପାଇଁ ପରାମର୍ଶ ଦିଆଯିବ । କାରଣ ମହାରାଜଙ୍କ ବିନା ଆଦେଶରେ କିଛି ବି ରାଜ୍ୟରେ ହେବାର ସମ୍ଭବ ନୁହେଁ । ମୁଁ ପ୍ରଥମେ ପ୍ରଥମେ କିଛି ବି ବୁଝିପାରୁ ନଥିଲି । ଏମିତି ଏକ ଘଟଣା ପଛରେ କୌରବ ମାନଙ୍କର ଲାଭ କ'ଣ ? ସେମାନଙ୍କୁ କି ଫାଇଦା ମିଳିବ ? ପାଣ୍ଡବମାନେ ବାରୁଣାବନ୍ତ ଯାଇ ପୂଜାର୍ଚ୍ଚନା କରିବେ । ଆଉ ଏମାନେ ରହିବେ ହସ୍ତିନାପୁରରେ । ପରେ ତ ଉଭୟ ଏକାଠି ହେବେ । ତେଣୁ ଏମିତି କ'ଣ ଅଭିସନ୍ଧି ରହିଛି ଯେ, ସେମାନଙ୍କୁ ଅଳ୍ପ କିଛିଦିନ ପାଇଁ ଅଲଗା କରିଦେଇ ଦୁର୍ଯ୍ୟୋଧନ ପକ୍ଷ ଆନନ୍ଦ ପାଇବେ । ପରେ କିନ୍ତୁ ମୋ ଆଗରେ ସବୁକଥା ସ୍ପଷ୍ଟ ହୋଇଗଲା । ଏହାମୂଳରେ ଏକ ବିରାଟ ଷଡ଼ଯନ୍ତ୍ର ଯେ କାର୍ଯ୍ୟ କରୁଛି ଏହା ବୁଝିବାକୁ ମୋତେ ଆଉ ବେଶି ସମୟ ଲାଗିଲାନି । ସେ ଷଡ଼ଯନ୍ତ୍ର କିନ୍ତୁ ଯେତିକି କଠୋର ସେତିକି ନିର୍ଦ୍ଦୟ ଥିଲା । ପୂଜାର୍ଚ୍ଚନା କରିବା ଅବକାଶରେ ବାରୁଣାବନ୍ତରେ ଏକ ଜତୁଗୃହ ନିର୍ମାଣ କରାଯିବ । ପାଣ୍ଡବମାନେ ସେମାନଙ୍କ ମାତାଙ୍କ ସହ ସେହି ଜତୁଗୃହରେ ରହିବେ । ଲାଖ, ଛଣ, ଜଉରେ ନିର୍ମିତ ସେ ପ୍ରାସାଦ ବାହାରକୁ ଅତ୍ୟନ୍ତ ଲୋଭନୀୟ ଦେଖାଯାଉଥିଲେ ମଧ୍ୟ ସେଠାରେ ଅବସ୍ଥାନ କରିବା ବିପଦପୂର୍ଣ୍ଣ । ତେଣୁ ପାଣ୍ଡବମାନେ ସେଠାରେ ଅବସ୍ଥାନ କରୁଥିବା ସମୟରେ ସୁବିଧା ସୁଯୋଗ ଦେଖି ପୁରୋଚନ ସେ ପ୍ରାସାଦରେ ଅଗ୍ନିସଂଯୋଗ କରିଦେବ । ଆଉ ପଞ୍ଚପାଣ୍ଡବ ସେମାନଙ୍କ ମାତାଙ୍କ ସହ ସେଠାରେ ଜୀବନ୍ତ ପୋଡ଼ି ମରିଯିବେ । କେହି ବି ଜାଣିପାରିବେ ନାହିଁ । ଆଉ ପାଣ୍ଡବଶୂନ୍ୟ ହେବ ହସ୍ତିନାପୁର । ଏସବୁ ଯୋଜନାର ପ୍ରାଥମିକ ପ୍ରସ୍ତୁତି ଶେଷକରି ସଫଳତାର ସ୍ୱପ୍ନରେ ଦୁର୍ଯ୍ୟୋଧନ ପକ୍ଷ ବିଭୋର ହୋଇ ଉଠୁଥିଲେ । ମୋତେ କିନ୍ତୁ ଏସବୁ ପ୍ରତି ଘୋର ବିତୃଷ୍ଣା ଜାତ ହେଉଥିଲା । ଦୁର୍ଯ୍ୟୋଧନଙ୍କ ପ୍ରସ୍ତାବରେ ମୁଁ ଏକମତ ହୋଇପାରୁ ନଥିଲି ।

ହୋଇପାରେ ମୁଁ ଅର୍ଜୁନ ବିଦ୍ୱେଷୀ । ତଥାପି ପାଣ୍ଡବମାନେ ଯେ କେବେ, କେଉଁଠି ବିପଦରେ ପଡ଼ନ୍ତୁ, ତାହା ମୁଁ ଆନ୍ତରିକ ଭାବେ ଚାହୁଁ ନଥିଲି । କାରଣ ବୀରର ଲକ୍ଷଣ ବୀରୋଚିତ କାର୍ଯ୍ୟ କରିବା । ଶତ୍ରୁ ସହ ସାମନାସାମ୍ନି ଲଢ଼ି ବୀରତ୍ୱ ପ୍ରଦର୍ଶନ କରିବା । କୁଚକ୍ରାନ୍ତ, ଷଡ଼ଯନ୍ତ୍ର କରି ସଂପୂର୍ଣ୍ଣ ନିଶ୍ଚିହ୍ନ କରିବା ଜଣେ ବୀରପାଇଁ ଲଜ୍ଜାକର ଘଟଣା ଛଡ଼ା ଆଉ କ'ଣ ହୋଇପାରେ । ପଞ୍ଚପାଣ୍ଡବଙ୍କୁ ଚକ୍ରାନ୍ତ କରି ହତ୍ୟା କରିବାରେ ମୋର କ'ଣ ଲାଭ ହେବ । ବରଂ ଅନେକ କ୍ଷତି ହେବ । କାରଣ ମୁଁ ଅର୍ଜୁନଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ବଞ୍ଚି ରହିବାକୁ ଚାହେଁ । ଅଥଚ ଦୁର୍ଯ୍ୟୋଧନ ଇତ୍ୟାଦି ଏସବୁ ହୀନଚକ୍ରାନ୍ତ ଯେ କେତେ ଘୃଣ୍ୟ, ଏହା ମୁଁ ବେଶ୍ ଭଲଭାବେ ବୁଝି ପାରୁଥିଲି । ଇଚ୍ଛା ହେଉଥିଲା, ମିତ୍ର ଦୁର୍ଯ୍ୟୋଧନଙ୍କୁ ବୁଝାଇ ସୁଝାଇ ଏସବୁରୁ କ୍ଷାନ୍ତ କରିବାକୁ ପରାମର୍ଶ ଦେବି । କିନ୍ତୁ ମିତ୍ର ଯେ ମାମୁଙ୍କ ମାୟାଜାଲର ଫାଶରେ ଛନ୍ଦିହୋଇ ପଡ଼ିଛନ୍ତି । ତାଙ୍କୁ ସେଥିରୁ ମୁକୁଳାଇବା ଏତେ ସହଜ ନୁହେଁ । ସବୁ ପରିସ୍ଥିତିରେ ମୋର ନିରବ ରହିବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ ।

\- ଅଠେଇଶ -

ଅନନ୍ତ ସମୟର ଗତି । କାହାକୁ ଅପେକ୍ଷା କରେନାହିଁ । ଅବିରତ ଗଡ଼ି ଚାଲିଥାଏ ।

ପାଣ୍ଡବମାନଙ୍କ ବାରୁଣାବନ୍ତ ଯିବାର କିଛିଦିନ ଅତିବାହିତ ହୋଇଗଲାଣି । କୁଚକ୍ରୀ ଗୋଷ୍ଠୀଙ୍କ



ମନରେ ଶାନ୍ତି ନାହିଁ । ଦିନକୁ ଦିନ ଅସ୍ଥିର ହୋଇ ଉଠୁଛନ୍ତି । ଏ ପର୍ଯ୍ୟନ୍ତ କାହିଁକି କିଛି ସମ୍ବାଦ ଆସୁନି ।

ଶେଷରେ ଦୂତ ଆସି ଖବର ଦେଲା, ବାରୁଣାବନ୍ତ ନଗରୀ ଜଳିଯାଇଛି । ପାଣ୍ଡବମାନେ ମାତା କୁନ୍ତୀଙ୍କ ସହ ଜଳି ଯାଇଛନ୍ତି । କେହି ହେଲେ ଜୀବିତ ନାହାଁନ୍ତି ।

ହସ୍ତିନାପୁର ରାଜଭବନର ଅନ୍ତେବାସୀ ମାନଙ୍କ ମଧ୍ୟରେ ହାହାକାର, ଆକୁଳ କ୍ରନ୍ଦନ । ସ୍ତବ୍ଧ ହୋଇଯାଇଛି ସମଗ୍ର ନଗର । କ୍ରମେକ୍ରମେ ସମ୍ବାଦଟା ବ୍ୟାପିଗଲା ସମଗ୍ର ଜନପଦ ଅଞ୍ଚଳକୁ । ବାସ୍ତବିକ ଖୁବ୍ ଦୁଃଖଦ ଥିଲା ସେ ଖବର । ପ୍ରଥମରୁ ମୋର ସନ୍ଦେହ ଥିଲା । କେବଳ ମୋ ମନରେ କାହିଁକି, ସମସ୍ତଙ୍କ ମନରେ ମୋରି ଭଳି ସନ୍ଦେହ । ସନ୍ଦେହର ବଳୟ ମଧ୍ୟରେ ସମସ୍ତେ ସନ୍ଦିହାନ । ତଥାପି ଏହା ବି ନିଃସନ୍ଦେହରେ କୁହାଯାଇପାରେ ଯେ, ଏହାପଛରେ ଏକ ହୀନଚକ୍ରାନ୍ତ କାର୍ଯ୍ୟ କରୁଥିଲା । ଷଡ଼ଯନ୍ତ୍ର ଚାଲିଥିଲା । ସାରା ହସ୍ତିନାପୁରର କୋଣ ଅନୁକୋଣରୁ ଭାସିଆସୁଛି କ୍ରନ୍ଦନର ରୋଳ । ବିଶେଷକରି ଏହି ସ୍ୱରର ତୀବ୍ରତା ବେଶି ଭାଗ ରହିଛି ଦୁର୍ଯ୍ୟୋଧନଙ୍କ ଉଆସରେ । ମାମୁ ଶକୁନି, ଦୁର୍ଯ୍ୟୋଧନ, ଦୁଃଶାସନ ପ୍ରଭୃତି ଭାଇମାନେ ଛାତିଫଟାଇ ଚିତ୍କାର କରି କାନ୍ଦୁଛନ୍ତି । ମୋତେ କିନ୍ତୁ ଏସବୁ ଅକୃତ୍ରିମ ଭ୍ରାତୃପ୍ରେମ ଘୃଣା ଲାଗୁଥିଲା । ଛି ଛି ରାଜ୍ୟଲାଭ ପାଇଁ ଦୁର୍ଯ୍ୟୋଧନଙ୍କ ଏ କି ହୀନ ପିପାସା ।

ଓଃ ଏତେ ଅଧର୍ମ ଲୀଳା ଚାଲିଛି ଏଠି । ଅଥଚ ଏହା ହସ୍ତିନାପୁର ରାଜଭବନକୁ ଗ୍ରାସ କରୁନାହିଁ କାହିଁକି ?

ସମସ୍ତଙ୍କ ମୁହଁରେ ଗୋଟିଏ କଥା । ଏ ଅଗ୍ନିଦାହ କେବେବି ଆକସ୍ମିକ ନୁହେଁ, ବରଂ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର । ପାଣ୍ଡବମାନଙ୍କୁ ସମୂଳେ ବିନାଶ କରିବା ପାଇଁ ଏକ ଅମାନବୀୟ ହତ୍ୟାକାଣ୍ଡ । ମୁଁ ଖାଲି ଏତିକି ଭାବୁଥିଲି, ଦୁର୍ଯ୍ୟୋଧନ ଯଦି ଏସବୁର ମୂଳରେ ତେବେ ଏ ଦୁଃସାହସ ତାର ହେଲା କେମିତି ? କେବଳ ତ ପାଣ୍ଡବମାନେ ନୁହଁନ୍ତି ସେମାନଙ୍କ ସହ ସେମାନଙ୍କ ମାତା ମଧ୍ୟ । ତଥାପି ମିତ୍ର ଦୁର୍ଯ୍ୟୋଧନଙ୍କୁ ମୁଁ କ୍ଷମା କରିପାରୁ ନଥିଲି । ଭାବୁଥିଲି ମିତ୍ରତା ପ୍ରତି ଏ ମଧ୍ୟ ଏକ ଶକ୍ତ ଆଘାତ । କାରଣ ମୁଁ ଏସବୁ ଷଡ଼ଯନ୍ତ୍ରର ପକ୍ଷପାତୀ ନୁହେଁ । ମୁଁ ବୀର । ବୀର ପରି ବଞ୍ଚିବାକୁ ଚାହେଁ । ମିଥ୍ୟା, ଅନୀତି, ଦୁରାଚାର ମୋ ଚରିତ୍ର ବିରୁଦ୍ଧ । କିନ୍ତୁ ଏସବୁ କେମିତି, କିପରି ଯେ ଘଟିଗଲା । ସେଥିପାଇଁ ମୁଁ ନିଜକୁ ବୁଝାଇ ପାରୁ ନଥିଲି । ନିଜକୁ ମଧ୍ୟ ଦୋଷୀ ଦୋଷୀ ମନେ କରୁଥିଲି । ହଁ ଦୁର୍ଯ୍ୟୋଧନଙ୍କ ସହ ମିତ୍ରତା କରି ମୁଁ କିଛି ଭୁଲ୍ କରିନି ତ ?

ଶେଷରେ ଏହାର ଏକ ସନ୍ତୋଷଜନକ ସମାଧାନ ପାଇଁ ମହାରାଜ ନିଜେ ରାଜପ୍ରାସାଦ ବାହାରକୁ ଆସିଲେ । ଅଶ୍ରୁ ଛଳଛଳ ହୋଇ ପ୍ରଜାମାନଙ୍କୁ କହିଲେ "ହେ ମୋର ପ୍ରିୟ ପ୍ରଜାଗଣ, ଆଜି ଆମପାଇଁ ଏକ ଦୁଃଖର ଦିନ । ମୋର ଅନୁଜପୁତ୍ର ପାଣ୍ଡବମାନେ ତାଙ୍କ ମାତା କୁନ୍ତୀଙ୍କ ସହ ଆକସ୍ମିକ ଅଗ୍ନିରେ ଜଳି ମୃତ୍ୟୁବରଣ କରିଛନ୍ତି । ତେଣୁ ଆମର ତାଙ୍କ ପାଇଁ ଶୋକପାଳନ କରିବା ଉଚିତ ।"

ପ୍ରଜାମାନଙ୍କ ପକ୍ଷରୁ ଏ ନେଇ ଘୋର ଆପତ୍ତି ଉଠିଲା ।

ନା ନା ମହାରାଜ । ଆମେ ଏହାକୁ ମାନିନେଇ ପାରିବୁନି । ସେମାନଙ୍କ ମୃତ୍ୟୁ ହୋଇନି ବରଂ କୁହନ୍ତୁ, ସେମାନଙ୍କୁ ହତ୍ୟା କରାଯାଇଛି । ଆଉ ଏସବୁ ଷଡ଼ଯନ୍ତ୍ରକାରୀ ମାନଙ୍କୁ ତୁରନ୍ତ ଶାସ୍ତିବିଧାନ କରନ୍ତୁ ।

ପୁତ୍ର ସ୍ନେହରେ ଅନ୍ଧ ମହାରାଜ ଧୃତରାଷ୍ଟ୍ର ବେଶ୍ ବୁଝିପାରୁଥିଲେ ପ୍ରଜାମାନଙ୍କ ସନ୍ଦେହ କେଉଁଠି ? କିନ୍ତୁ ସେ କ'ଣ ନିଜ ପ୍ରିୟ ପୁତ୍ର ଦୁର୍ଯ୍ୟୋଧନଙ୍କୁ ଅବା ଶାଳକ ଶକୁନିଙ୍କୁ ଦଣ୍ଡବିଧାନ କରିପାରିବେ । ତେଣୁ ସମସ୍ତ ବିଷୟକୁ ଏଡ଼ାଇଦେଇ କହିଲେ ଠିକ୍‌ଅଛି, ଏ ସମସ୍ତ ବିଷୟରେ ଉପଯୁକ୍ତ ଅନୁସନ୍ଧାନ ପରେ ଅପରାଧିଙ୍କ ପ୍ରତି ଉପଯୁକ୍ତ ଦଣ୍ଡବିଧାନ କରାଯିବ । ମହାରାଜଙ୍କ କଥାଶୁଣି କିଛି ସମୟ ପାଇଁ ପରିସ୍ଥିତି ଶାନ୍ତ ହୋଇଗଲା । ସମସ୍ତେ ଆପଣା ଆପଣା ସ୍ଥାନକୁ ବାହୁଡ଼ିଗଲେ ।

ନିରବରେ ଏସବୁ ଘଟଣାକୁ ମୁଁ ଲକ୍ଷ୍ୟ କରୁଥିଲି । ବାସ୍ତବରେ ମୁଁ ଏସବୁର ସପକ୍ଷବାଦୀ ନଥିଲି । ଇଚ୍ଛା ହେଉଥିଲା ପ୍ରତିବାଦ କରିବାକୁ । ମାତ୍ର ମୁଁ ଯେ ଏଠି ଦୁର୍ଯ୍ୟୋଧନଙ୍କ ମିତ୍ରତା ଡୋରରେ ବନ୍ଧା । ଅଧର୍ମ ପକ୍ଷକୁ ସମର୍ଥନ କରିବାକୁ ମୁଁ ତେଣୁ ବାଧ୍ୟ । ମନ ଭିତରେ କିନ୍ତୁ ଆନ୍ଦୋଳିତ ହେଉଥିଲା କ୍ରୋଧ, ଘୃଣା ଓ ବିରକ୍ତି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

# ଅର୍ଜିତ କର୍ମ ହିଁ ଆମପାଇଁ ନିର୍ଦ୍ଧାରିତ ଯୋଜନା

**ଶ୍ୱେତା ରାଉତ୍**

## ସମ୍ପର୍କର ରଙ୍ଗ



ଜଣେ ବ୍ୟକ୍ତି ନିଜ ପୁଅର ସୁନ୍ଦର ଭବିଷ୍ୟତ ପାଇଁ ଦିନରାତି ପରିଶ୍ରମ କରି ପୁଅକୁ ମଣିଷ କଲେ । ପୁଅ ଇଂଲଣ୍ଡରେ ଗୋଟେ ବଡ ଚାକିରି ପାଇଲା । ବ୍ୟକ୍ତି ଜଣକ ପୁଅର ସଫଳତାରେ ଖୁବ୍ ଖୁସି ହେଉଥିଲେ ଏବଂ ପୁଅ ବିବାହ ପରେ ସ୍ତ୍ରୀ ପିଲାକୁ ନେଇ ଇଂଲଣ୍ଡରେ ରହିଲା । ଇଂରାଜୀରେ ଅନର୍ଗଳ କଥା କହୁଥିବା ନାତୁଣୀ କଥା ସମସ୍ତଙ୍କୁ କହି ବ୍ୟକ୍ତି ଜଣକ ଖୁବ୍ ଖୁସି ହେଉଥିଲେ । ସବୁଦିନ ଫୋନ୍‌ରେ ବହୁତ ଗପୁଥିଲେ । ହଠାତ୍ ଦିନେ ବ୍ୟକ୍ତି ଜଣକ ଦେଖନ୍ତି ତାଙ୍କ ପତ୍ନୀ ଅସୁସ୍ଥ ହୋଇ ତଳେ ପଡିଛନ୍ତି । ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପାଖକୁ ନେଇଗଲେ ଏବଂ ସେଠି ଜଣାପଡିଲା ପତ୍ନୀଙ୍କର ଦୁଇଟି କିଡନୀ ନଷ୍ଟ ହୋଇଯାଉଛି ଏବଂ ବଞ୍ଚିବାର ସମୟ ଖୁବ୍ କମ୍ । ଏକଥା ସେ ପୁଅକୁ ଫୋନ୍‌ରେ ଜଣାଇ କହିଲେ ମାଆକୁ ଇଂଲଣ୍ଡ ନେଇ ଭଲ ଚିକିତ୍ସା କରିବାକୁ । କିନ୍ତୁ ସେତେବେଳେ କରୋନା ପାଇଁ ଫ୍ଲାଇଟ୍ ବନ୍ଦ୍ ଥିଲା ଏବଂ ଆନ୍ତର୍ଜାତୀୟ ଗମନାଗମନ ପାଇଁ କଟକଣା ଥିଲା, ତେଣୁ ପୁଅ ଆସିପାରିଲା ନାହିଁ । କିଛି ଦିନ ପରେ ପତ୍ନୀଙ୍କର ମୃତ୍ୟୁ ହୋଇଗଲା । ବ୍ୟକ୍ତି ଜଣକ କୋହଭରା କଣ୍ଠରେ ପୁଅକୁ ଫୋନ୍ କଲେ ମାଆ ଚାଲିଗଲା ବୋଲି । ପୁଅ ସେତେବେଳେ ସ୍ତ୍ରୀ, ପିଲାକୁ ଧରି ଗାଡି ଚଳେଇ ବଜାର ଯାଉଥିଲେ । ବାପାଙ୍କଠୁ ଏ ଦୁଃଖଦ ଖବର ଶୁଣି ଚମକି ପଡିଲେ ଏବଂ ଅନ୍ୟମନସ୍କ ହୋଇ ଗାଡି ଚଲେଇବା ବେଳେ ଆଉ ଗୋଟେ ଗାଡି ସହିତ ଧକ୍କା ହେଲା ଏବଂ ସ୍ତ୍ରୀ ପିଲା ସହିତ ପୁଅର ବି ମୃତ୍ୟୁ ହୋଇଯାଇଥିଲା ।

ଏ କ୍ଷୁଦ୍ର ଗଳ୍ପଟି ଏଥିପାଇଁ କହିଲି, ଜଣେ ବ୍ୟକ୍ତି ନିଜ ପିଲାପାଇଁ କାହିଁ କେତେ ଯୋଜନା କରିଥାଏ ସୁଖ ସୁବିଧାରେ ରହିବାକୁ । ସେ କଣ ଜାଣିଥାଏ ଏ ଧରାପୃଷ୍ଠରେ କାହାର ସମୟ କେତେଦିନ ପାଇଁ ! ଯଦି ଜାଣିପାରନ୍ତା ଅନ୍ତତଃ ସବୁ ସମ୍ପର୍କକୁ ଏମିତି ହାତଛଡା କରନ୍ତା ନାହିଁ । ଯୋଜନା ତ ଆମେ ଅନେକ କରନ୍ତି କିନ୍ତୁ ଈଶ୍ୱରଙ୍କ ଯୋଜନା କ'ଣ ଥାଏ ଆମେ ଜାଣନ୍ତି ନାହିଁ । କାରଣ ଈଶ୍ୱର ସବୁବେଳେ ଆମର ପୂର୍ବ ଅର୍ଜିତ କର୍ମ ଦେଖି ଯୋଜନା କରିଥାନ୍ତି । ଏଥିପାଇଁ କେବେ ଈଶ୍ୱରଙ୍କୁ ଦାୟୀ କରିବା କଥା ନୁହେଁ, 'ଈଶ୍ୱର ମୋ ସହିତ ଏମିତି କାହିଁକି କଲେ' ? ଈଶ୍ୱର କାହା ପାଇଁ କିଛି କରନ୍ତି ନାହିଁ, କେବଳ ଆମ କର୍ମ ଅନୁସାରେ ପ୍ରାରବ୍ଧ ନିର୍ଦ୍ଧାରଣ କରନ୍ତି ।

ଯେତେବେଳେ ଧୃତରାଷ୍ଟ୍ରଙ୍କର ଶହେ ପୁତ୍ରଙ୍କ ମୃତ୍ୟୁ ହେଲା, ସେ ବ୍ୟାକୁଳ ହୋଇ କୃଷ୍ଣଙ୍କୁ ପ୍ରଶ୍ନ କଲେ 'ହେ ମାଧବ ମୁଁ ଏମିତି କି ପାପ କରିଛି ଯେ ମୋର ଶହେ ପୁତ୍ରଙ୍କୁ ହରେଇଲି,ଏତେ ଅଭାଗା ଯେ ଏ ଅନ୍ଧ ଆଖି ଯୋଗୁଁ ସେମାନଙ୍କ ମଲାମୁହଁ ବି ଦେଖି ପାରିଲି ନାହିଁ' ? କୃଷ୍ଣ କହିଲେ ଏହା ତୁମର ଶହେ ଜନ୍ମ ପୂର୍ବର କର୍ମଫଳ ମହାରାଜ, ତୁମେ କେବଳ ପ୍ରାରବ୍ଧ ଭୋଗୁଛ । ଆଶ୍ଚର୍ଯ୍ୟ ହୋଇ ଧୃତରାଷ୍ଟ୍ର ପୁଣି ପଚାରିଲେ 'ଯଦି ଶହେ ଜନ୍ମ ତଳେ ମୁଁ କିଛି ତୃଟି କରିଛି ତେବେ ଶହେ ଜନ୍ମ ଭିତରେ ଦଣ୍ଡ ନପାଇ ଏବେ କାହିଁକି ଏ ଦଣ୍ଡ ଭୋଗୁଛି' ? କୃଷ୍ଣ, ଧୃତରାଷ୍ଟ୍ରଙ୍କୁ ତାଙ୍କର ପୂର୍ବ କର୍ମ ଦେଖିବାକୁ କିଛି ସମୟ ପାଇଁ ଦିବ୍ୟଦୃଷ୍ଟି ଦେଲେ ଏବଂ କହିଲେ 'ତୁମେ ଶହେ ଜନ୍ମ ପୂର୍ବରୁ ଏକ ବିଖ୍ୟାତ ଶିକାରୀ ଥିଲ । ଏକଦା ଜଙ୍ଗଲରେ ଏକ ବଡ ବୃକ୍ଷରେ ଅନେକ ପକ୍ଷୀ ବସିଥିଲେ ଓ ତୁମେ ଜ୍ୱଳନ୍ତ ଜାଲ କ୍ଷେପଣ କରି ଶହେଟି ପକ୍ଷୀଙ୍କୁ ମାରି ଦେଇଥିଲ । ଯେଉଁ ଗୋଟେ ପକ୍ଷୀ ମୃତ ପକ୍ଷୀମାନଙ୍କୁ ଦେଖି କାନ୍ଦୁଥିଲା ତୁମେ ତା ଆଖିକୁ ତୀର ମାରି ଅନ୍ଧ କରି ଦେଇଥିଲ' । ତୁମର ଏ ପାପକର୍ମ ଏତେ ଜଘନ୍ୟ ଥିଲା ଯେ ତାର ଦଣ୍ଡ ଭୋଗିବାକୁ ତୁମ ଶହେ ପୁତ୍ରଙ୍କ ମୃତ୍ୟୁ ଜରୁରୀ ଥିଲା । ଶହେ ପୁତ୍ରର ପିତା ହେବା କେବଳ ସୁକର୍ମ ବା ବରଦାନ ଯୋଗୁଁ ସମ୍ଭବ ହୋଇଥାଏ । ତୁମକୁ ସେ ବରଦାନ ପ୍ରାପ୍ତ କରିବା ପାଇଁ ଶହେ ଜନ୍ମ ଲାଗିଗଲା । ତୁମର ସଞ୍ଚିତ ସୁକର୍ମ ଆଧାରରେ ଏହି ଜନ୍ମରେ ରାଜା ହେବାର ସୌଭାଗ୍ୟ ଏବଂ ଶହେ ପୁତ୍ରର ପିତା ହେବା ସମ୍ପୂର୍ଣ୍ଣ ହେଲା । ତେଣୁ ଯେତେବେଳେ ତୁମେ ଶହେ ପୁତ୍ରର ପିତା ହେଲ ସେତେବେଳେ ହିଁ ତୁମ ପ୍ରାରବ୍ଧ କୁକର୍ମର ଦଣ୍ଡ ଭୋଗିଲ ଏବଂ ଏ ଅନ୍ଧତ୍ୱ ହିଁ ତୁମେ ସେ ପକ୍ଷୀକୁ ତୀରମାରି ଅନ୍ଧ କରିବାର ପରିଣାମ' ।

ତେଣୁ ଆମେ ସମସ୍ତେ ଜାଣି ରଖିବା ଉଚିତ୍, ଆମେ ନିଜ ସୁଖ ସୁବିଧା ପାଇଁ ଯେତେ ଯୋଜନା କଲେ ବି ଆମେ ଜାଣନ୍ତି ନାହିଁ ଆମ ଯୋଜନାକୁ ପଣ୍ଡ କରି ଈଶ୍ୱର କାହା ପାଇଁ କଣ ଯୋଜନା କରିଥାନ୍ତି । କାରଣ ଆମ ଅର୍ଜିତ କର୍ମ ହିଁ ଆମପାଇଁ ନିର୍ଦ୍ଧାରିତ ଯୋଜନା ।

- ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ଆଜିର କବିତା

## ଚିତ୍ର ଆମ ସମୟର ...

**ପୁଷ୍ପାଞ୍ଜଳି ପଣ୍ଡା**



କେମିତି ଗ୍ରହଣ କରିହେବ ଯେ !
ହୃଦୟ ବିଦାରି ହୋଇଯାଉଛି
ଦୁଃଖରେ ଫାଟିଯାଉଛି ଛାତି ।
ମାଟିର ବୁକୁଫଟା ବିଳାପ
ପୁଅ ପାଇଁ , ସ୍ୱାମୀ ପାଇଁ ,
ଝରୁଥିବା ଅବିଶ୍ରାନ୍ତ ଲୁହର ଝରଣା,
ପରିବାର ଶୂନ୍ୟ ମଣିଷଟିର
ଶୂନ୍ୟ ଆଖିର ବିକଳ ଦୃଷ୍ଟି ।
ଏଠି, ସେଠି, ସବୁଠି ଏବେ
ଛେଉଣ୍ଡ ହେବାର,
କଥାକୁହା କରୁଣ ଚିତ୍ର, ଆମ ସମୟର ।
ଓହୋଃ, ପ୍ରାଣଟା କାନ୍ଦିଉଠୁଛି ।
ଚିହ୍ନା ଅଚିହ୍ନା ସଭିଙ୍କପାଇଁ ।
ସତରେ ଏ ମହାମାରୀ
ସବୁକଣ ଦେବସାରି
ଜୀବନର ଶେଷ ଆଶା ଭରସାର
ଡାଳଖଣ୍ଡେ ଭାଙ୍ଗି ଯିବ
ଏମିତି ଶହ ଶହ କରି !!!
ଅଦୃଶ୍ୟ ଶତ୍ରୁରର କେତେ ଅହନ୍ତା ସତେ !
ଆତ୍ମା ପ୍ରଳାପ କରୁନି, ସତ ବଖାଣୁଛି ।
ସତେକଣ ବଞ୍ଚିବାକୁ
ସଂଘର୍ଷ ଓ ସଂଘାତର ବେଳ
ସତେ କଣ ସରି ସରି ଆସୁଛି....!!
ଏ କି ବିଡ଼ମ୍ବନା !
କଳକଳ ଛଳଛଳ ଧାବମାନ ଜୀବନର ଚକ୍ର
ଏମିତି ସ୍ଥିର, ନିଶ୍ଚଳ ହେଇଯିବ !!
ଭୀତତସ୍ତ ସୂର୍ଯ୍ୟାଲୋକ, ଚନ୍ଦ୍ରାଲୋକ
ଅନନ୍ତ ବକ୍ଷରେ ସତେ ଲୁଚିଯିବ !!
ଉଜୁଡି ଗଲାଣି ପରା ହସର ଫସଲ,
ଛିନ୍ନ ଭିନ୍ନ ସ୍ୱପ୍ନର ମହଲ
ଏଇ ଅଛି ଏଇ ନାହିଁ ଖେଳରେ
ମସଗୁଲ୍ ମୃତ୍ୟୁର ତାଣ୍ଡବ ।
ହେ ମହାପ୍ରୁ, କେବେ ଆଉ
ଏ ଦୁଃଖ ଘୁଞ୍ଚିବ ?
ରୋଗମୁକ୍ତ, ହସଯୁକ୍ତ ମଣିଷର ,
ପ୍ରିୟ ପରିଜନର ମୁହଁ
ଏ ଆଖି ଦେଖିବ !!!
ରୋଗଗ୍ରସ୍ତ, ଦୁଃଖ ଗ୍ରସ୍ତ ବିଶ୍ୱ ଜୀବନକୁ
ରୋଗମୁକ୍ତ, କୃପାଯୁକ୍ତ କର ହେ ମାଧବ ॥

+ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

## ଅବଶୋଷ....

**ପୁଷ୍ପାଞ୍ଜଳି ମିଶ୍ର**



ମୁଁ ଯେବେ ଏକା ଥିଲି
ନିଜକୁ ଅସହାୟ ଭାବୁଥିଲି
ଆଉ ଭାବିଥିଲି
ସାଥିଟିଏ ଆସିଗଲେ
ମିଶିଯିବୁ, ହଜିଯିବୁ
ଗାଇଯିବୁ ଆକାଶର
ବିଷାଳ ବକ୍ଷରେ ...ହେଲେ
ସମ୍ପୂର୍ଣ୍ଣ ବିପରୀତ ହେଲା
ସବୁ କିଛି ଓଲଟ ପାଲଟ
ହୋଇଗଲା
ଧିରେ ଧିରେ ସବୁ ବଦଳିଗଲା
ଦେହରେ ଆଉ ମନରେ
ଅନେକ କ୍ଷୁଧା
ହୃଦୟଟା ଅବଶ ଲାଗୁଥିଲା
କାନ୍ଦୁଥିଲା, ଜଳୁଥିଲା
ବେଦନା ଭରା କଣ୍ଠରେ
ଆଖିର ଲୁହ ସବୁ ଟୋପା ଟୋପା
ହୋଇ ଝରି ଯାଉଥିଲା
ନା କହାର ହାତ ଥିଲା
ପୋଛିବାକୁ ନା କାହାର ମମତା
ଖାଲି ସ୍ୱାର୍ଥ ଆଉ ସ୍ୱାର୍ଥ
ମିଛ ଅଭିନୟ
ନାଁ ଥିଲା ଭଲ ପାଇବା ନାଁ
ସମବେଦନା
ଏକି ପ୍ରହେଳିକାମୟ
ବୁଝିବାଟା ବୋଧେ
ଡେରି ହୋଇଗଲା
ଅନେକ ଦୂର ଚାଲି ଗଲାଣି
ଆଉ ମାତ୍ର ଅଳ୍ପ ବାକି
ଆଉ ସେହି ଅଧେକ
ଜଳନ୍ତା ଜୁଇରେ
ଆପଣେଇ ନେବି
ଡରିବି ବା କାହିଁକି
ଆସୁ ଯେତେ ବାଧା ବିଘ୍ନ
ବଂଚିବା ତ ସହଜ ହୋଇ ଗଲାଣି
ଆପଣେଇ ନେଇଛି ସେହି
ନୀରବ ଆଉ ନିସ୍ତବ୍ଧ ଇଲାକାକୁ
ସମ୍ପର୍କକୁ ରଙ୍ଗ ଦେଉଥିବା
ନୂତନ ପଥକୁ
ବେଶ୍ ଖାଲି ଅପେକ୍ଷା ଆଉ
ଏକ ସୁନ୍ଦର ଭାବପୂର୍ଣ୍ଣ
ମୁହୂର୍ତ୍ତ କୁ
ଯେଉଁଠି ନ ଥିବ କିଛି ଆଶା
ଆଉ ଦୁଃଖ କି ଯନ୍ତ୍ରଣା
ଖାଲି ଯାହା ମୁଠା ମୁଠା ପାଉଁଶ
ଅବଶୋଷର ଜୁଇରେ ।

+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୧୨୧

# ଭୁବନେଶ୍ୱର ବିଶ୍ୱସ୍ତରୀୟ ରେଳ ଷ୍ଟେସନର ବିକାଶରେ ବିଳମ୍ବକୁ ନେଇ ବିଧାନସଭାରେ ପ୍ରଶ୍ନ

ଭୁବନେଶ୍ୱର,୮/୯ (ନି.ପ୍ର): ଭୁବନେଶ୍ୱର ବିଶ୍ୱସ୍ତରୀୟ ରେଳ ଷ୍ଟେସନର ବିକାଶରେ ବିଳମ୍ବ ହେବାକୁ ନେଇ ଆଜି ବିଧାନସଭାରେ ପ୍ରଶ୍ନ ଉଠିଛି । ପ୍ରଶ୍ନୋତର କାର୍ଯ୍ୟକ୍ରମ ବେଳେ ଏ ସମ୍ପର୍କିତ ପ୍ରଶ୍ନ ଉପରେ ଆଲୋଚନା ବେଳେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ଏହି ପ୍ରକଳ୍ପରେ ହେଉଥିବା ବିଳମ୍ବ ନେଇ ପ୍ରଶ୍ନ ଉଠାଇବା ସହ ରାଜ୍ୟ ଓ କେନ୍ଦ୍ର ସରକାରକୁ କାଠଗଡାରେ ଠିଆ କରାଇଥିଲେ । ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା ଏହି ପ୍ରକଳ୍ପରେ ହେଉଥିବା ବିଳମ୍ବର କାରଣ ସମ୍ପର୍କରେ ଅବଗତ କରାଇବା ସହ ସେ ସବୁ କୁ ଦୂର କରି ପ୍ରକଳ୍ପ କାମ କ୍ଷିପ୍ର ଗତିରେ ଚାଲୁଛି ବୋଲି ଗୃହକୁ ସୂଚନା ଦେଇଥିଲେ । ସେ କହିଥିଲେ ଯେ ସ୍ମାର୍ଟସିଟି ମିସନ ଅନ୍ତର୍ଗତ ଭୁବନେଶ୍ୱର ବିଶ୍ୱସ୍ତରୀୟ ରେଳ ଷ୍ଟେସନର ବିକାଶ କରାଯାଉଛି । ପ୍ଲାଟଫର୍ମ ନଂ ୧ ଓ ୬ ପାଖରେ ଖାଲିଥିବା ଜମି ଅଧିଗ୍ରହଣ ଆରମ୍ଭ ହୋଇଛି । ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ କରିବା ପାଇଁ ବାରମ୍ବାର ଦାବି କରିବା ସତ୍ୱେ ବି ରେଳ ବିଭାଗ ପକ୍ଷରୁ କୌଣସି ଉତର ମିଳିନାହିଁ । ତେଣୁ ରାଜ୍ୟ ସରକାର ନିଜସ୍ୱ ଅର୍ଥରେ ଷ୍ଟେସନର ବିକାଶ ପାଇଁ ନିଷ୍ପତି ନେଇଛନ୍ତି । କୋଭିଡ ସ୍ଥିତି, ଜମି ଅଧିଗ୍ରହଣ, ରେଳ ବିଭାଗର କ୍ଲିଅରାନ୍ସ ପାଇଁ କାର୍ଯ୍ୟରେ ବିଳମ୍ବ ହୋଇଛି । ସେ କହିଛନ୍ତି ଯେ ଷ୍ଟେସନ ନିକଟରେ ଏକ ୧୯ ମହଲା ବିଲ୍ଡିଂ ହେବ । ମଲ୍ ଓ ମାର୍କେଟ କମ୍ପ୍ଲେକ୍ସ ଭଳି ଅତ୍ୟାଧୁନିକ ବ୍ୟବସ୍ଥା ରହିବ । ବିଲ୍ଡିଂ ନିର୍ମାଣ ପାଇଁ ବିମାନ ବନ୍ଦର କର୍ତୃପକ୍ଷଙ୍କ କ୍ଲିଅରାନ୍ସ ଆବଶ୍ୟକ ଥିବା ବେଳେ ତାହା ମିଳି ସାରିଛି । ପ୍ଲାନ୍ ଓ ଡିଜାଇନ୍ ବି ଶେଷ ହୋଇଛି । ରେଳ ଷ୍ଟେସନର ପ୍ଲାଟଫର୍ମକୁ ରେଳ ବିଭାଗ ବିକାଶ କରିବ ଓ ପାରିପାର୍ଶ୍ୱିକ ଭିତିଭୂମି ବିକାଶ କରିବେ ରାଜ୍ୟ ସରକାର ।

# ନିଜ ମିଛ ଲୁଟ୍‌ର ଜାଲରେ ନିଜେ ଫଶିଗଲା ସେଲ୍‌ସ ମ୍ୟାନ୍

ଭୁବନେଶ୍ୱର,୮/୯ (ନି.ପ୍ର): ନକଲି ଲୁଟ୍, ଅସଲି ଗିରଫ । ନିଜ ମିଛ ଲୁଟ୍‌ର ଜାଲରେ ନିଜେ ଫଶିଗଲା ସେଲ୍‌ସ ମ୍ୟାନ୍ । ମହାଙ୍ଗା ହେଲା ଥାନାରେ ମିଛ ଅଭିଯୋଗ । ଭୁବନେଶ୍ୱର ଚନ୍ଦକା ପୁଲିସ ମିଛ ଲୁଟ୍ ଅଭିଯୋଗ କରିଥିବା ଘରୋଇ ଫାଇନାନ୍ସ ସଂସ୍ଥାର ଜଣେ ସେଲ୍‌ସ ମ୍ୟାନ୍‌କୁ ଗିରଫ କରିଛି । ଘରୋଇ ଫାଇନାନ୍ସ ସଂସ୍ଥାରେ ଟଙ୍କା କଲେକ୍ଟ କରୁଥିଲେ ଜଣେ ଯୁବକ । ହେଲେ ଥରେ ସେ ଲକ୍ଷେ ୮୦ ହଜାର ଟଙ୍କା କଲେକ୍ଟ କରି ଫେରୁଥିବା ବେଳେ ଲୁଟ୍ ହୋଇଥିଲା । ଦୁଇ ଜଣ ଯୁବକ ଲୁଟ୍ କରିଥିବା ସେ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗକୁ ଭିତ୍ତିକରି ଘଟାଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ସେଲ୍‌ସ ମ୍ୟାନ୍‌ଙ୍କ କଥାରେ ତଳମେଳ ରହିନଥିଲା । ତେଣୁ ଅଭିଯୋଗ କରିଥିବା ବ୍ୟକ୍ତିଙ୍କ ଉପରେ ପୁଲିସର ସନ୍ଦେହ ଆଖି ଯାଇଥିଲା । ପରେ ପୁଲିସ ତାଙ୍କୁ ଗିରଫ କରିଛି । ଖୋଳତାଡ ବେଳେ ଜଣାପଡ଼ିଛି, କଲେକ୍‌ସନ କରିଥିବା କିଛି ଟଙ୍କାକୁ ସେ ତିନ୍ ପତା ଜୁଆ ଅନ୍‌ଲାଇନ୍ ଗେମ୍‌ରେ ଉଡାଇ ଦେଇଥିଲା । ଆଉ କିଛି ଟଙ୍କା ପାଖରେ ରଖିଥିଲା । ମିଛ ଲୁଟ୍ ଦିନ ଟଙ୍କା ହଡ଼ପ କରିବାର ଅଭିନବ ଯୋଜନା କରିଥିଲା ଅଭିଯୁକ୍ତ । ହେଲେ ତା'ର ଏହି ଯୋଜନା ତାକୁ ଶେଷରେ ଗିରଫ କରିଦେଇଛି ।

# ରାଜ୍ୟରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ ପ୍ରକ୍ରିୟାରେ ବିଳମ୍ବ ଓ ଅନ୍ୟ ସମସ୍ୟାକୁ ନେଇ ବିଧାନସଭାରେ ଉଦ୍‌ବେଗ

ଭୁବନେଶ୍ୱର,୮/୯ (ନି.ପ୍ର): ରାଜ୍ୟରେ ପାନୀୟଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ତଥା ନିର୍ମାଣ ସମୟରେ ପାନୀୟ ଜଳ ପାଇଁ ଅସୁବିଧା ଭୋଗୁଥିବା ଲୋକ ମାନଙ୍କ ପାଇଁ ନୂତନ ବୋରିଂ ବ୍ୟବସ୍ଥା କରା ନ ଯାଉଥିବା ନେଇ ଆଜି ବିଧାନସଭାରେ ଉଦବେଗ ପ୍ରକାଶ ପାଇଛି । ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଏ ସମ୍ପର୍କିତ ପ୍ରଶ୍ନ ଆଲୋଚନା ବେଳେ ୭୨ ଜଣ ବିଧାୟକ ଆଲୋଚନା ପାଇଁ ଚାହିଁଥିଲେ । ଗୃହର ଉଦବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବିଧାନସଭା ପରେ ବିଧାୟକ ମାନଙ୍କୁ ଡାକି ଜିଲ୍ଲା ବାରୀ ବୈଠକ କରି ଏହି ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଲୋଚନା ବେଳେ ଗୃହରେ ପଂଚାୟତିରାଜ ମନ୍ତ୍ରୀ ଉତରରେ କହିଛନ୍ତି, ରାଜ୍ୟରେ ୯୦ ଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି । କୌଣସି ପାନୀୟ ଜଳ ପ୍ରକଳ୍ପ କରିବା ପୂର୍ବରୁ ପ୍ରଥମେ ଆରଡବ୍ଲୁଏସଏସ ଯାଇ ସର୍ଭେ କରନ୍ତି ଏବଂ ପରେ କୌଣସି ଏକ କନ୍ସଟାଲିସକୁ ଷ୍ଟଡ଼ି କରିବାକୁ ଦିଆଯାଇ ଥାଏ । ଏହା ପରେ ଆମେ ଟେଣ୍ଡର କରି କାର୍ଯ୍ୟ ଆରମ୍ଭ କରିଥାଉ । ସବୁ ପ୍ରକଳ୍ପ ସ୍ୱଚ୍ଛତାର ଶହ କାର୍ଯ୍ୟକାରୀ ହେଉଛି ମାତ୍ର ୪ ରୁ ୫ ପାଂଚ ମାସ ସମୟ କେଉଁଠି ଟିକିଏ ବିଳମ୍ବ ହେଉଛି । ତେବେ ଉଭୟ ଶାସକ ଓ ବିରୋଧୀ ଦଳର ୭୨ ଜଣ ସଦସ୍ୟ ଏହି ବିଷୟରେ ଆଲୋଚନା ପାଇଁ ଚାହୁଁଥିବାରୁ ମନ୍ତ୍ରୀଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ ।

# ମାସ୍କ ନ ପିନ୍ଧିଥିଲେ ସ୍କୁଲ ଭିତରକୁ ପଶି ପାରିବେନି ଛାତ୍ରଛାତ୍ରୀ: ଗଣଶିକ୍ଷା ବିଭାଗ ପକ୍ଷରୁ ଗାଇଡ଼ଲାଇନ୍ ଜାରି

ଭୁବନେଶ୍ୱର,୮/୯ (ନି.ପ୍ର): ପିଲାମାନଙ୍କୁ ଏଣିକି ସ୍କୁଲ ପରିସରରେ ବାଧ୍ୟତାମୂଳକ ଭାବେ ମାସ୍କ ପିନ୍ଧିବାକୁ ହେବ । ମାସ୍କ ପିନ୍ଧି ନଥିଲେ ସ୍କୁଲ ଭିତରକୁ ପ୍ରବେଶ କରିପାରିବେ ନାହିଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୀକ୍ଷା ପରେ ଗଣଶିକ୍ଷା ବିଭାଗ ପକ୍ଷରୁ ଗାଇଡ଼ଲାଇନ ଜାରି ହୋଇଛି । ପୂର୍ବ ଗାଇଡ଼ଲାଇନ ସହ ଅନ୍ୟ ଗାଇଡ଼ଲାଇନକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଡିଇଓମାନଙ୍କୁ ଲେଖାଯାଇଥିବା ଚିଠିରେ କୁହାଯାଇଛି ଯେ ସବୁ ପିଲା ଯେପରି ମାସ୍କ ପିନ୍ଧି କ୍ୟାମ୍ପସକୁ ଆସିବେ, ସେ ନେଇ ସ୍କୁଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବେ । ବିନା ମାସ୍କରେ କାହାରିକୁ ବି କ୍ୟାମ୍ପସକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ । କରୋନା ମୁକାବିଲା ତଥା ପରିଚାଳନା ପାଇଁ ବିଦ୍ୟାଳୟ ଉନ୍ନୟନ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯିବ । ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କର ଥର୍ମାଲ ସ୍କ୍ରିନିଂ ସହ ହାତକୁ ବିଶୋଧନ କରିବାର ବ୍ୟବସ୍ଥା କରାଯିବ । ଥଣ୍ଡା, କାଶ ଭଳି ସାମାନ୍ୟ ଲକ୍ଷଣ ଦେଖାଦେଲେ ଶିକ୍ଷକ ଓ ଛାତ୍ରଛାତ୍ରୀ ବିଦ୍ୟାଳୟ ଆସିପାରିବେ ନାହିଁ । ଏଥିସହ ବ୍ଲକ୍ ରିସୋର୍ସ ସେଣ୍ଟର କୋର୍ଡିନେଟର (ବିଆରସିସି) ଓ କ୍ଲଷ୍ଟର ରିସୋର୍ସ ସେଣ୍ଟର କୋର୍ଡିନେଟର (ସିଆରସିସି) ପର୍ଯ୍ୟାୟକ୍ରମେ ବିଦ୍ୟାଳୟ ବୁଲି ତଦାରଖ କରିବେ । ଶ୍ରେଣୀଗୃହ ଶିକ୍ଷାଦାନ ତଥା ଅଫ୍‌ଲାଇନ୍ ପାଠପଢ଼ା ଆରମ୍ଭ ହୋଇଥିଲେ ମଧ ଅନ୍‌ଲାଇନ୍ ପାଠପଢ଼ା ଜାରି ରହିବ । ବିଦ୍ୟାଳୟ ଆସିବାକୁ ଛାତ୍ରଛାତ୍ରୀଙ୍କୁ ସ୍କୁଲ କର୍ତ୍ତୃପକ୍ଷ ବାଧ୍ୟ କରିପାରିବେ ନାହିଁ ।

# ମୂର୍ତ୍ତିର ଉଚ୍ଚତା ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ପୋଲିସ୍ କମିଶନରଙ୍କୁ ସାକ୍ଷାତ କଲା ଭୁବନେଶ୍ୱର ଭଷାଣୀ ସମିତି

ଭୁବନେଶ୍ୱର,୮/୯ (ନି.ପ୍ର): କରୋନା ସମୟରେ କଟକଣାକୁ ଆଖିଆଗରେ ରଖି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନରେ ଆଘାତ ନଦେଇ ମା' ଦୁର୍ଗାଙ୍କ ଦର୍ଶନ କରିବା ସହିତ ପ୍ରତିମୂର୍ତି ନିର୍ମାଣ ଓ ଉଚ୍ଚତା ଉପରେକଟକଣା ନଲଗାଇବା ପାଇଁ ଭୁବନେଶ୍ୱରରେ ଥିବା ଦୁର୍ଗାପୂଜା ସମିତିମାନଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଭଷାଣୀ ଉତ୍ସବ ସମିତି ମାଧ୍ୟମରେ ଆଜି ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ସାକ୍ଷାତ କରି ଆଲୋଚନା କରିଛି । ମନ୍ଦିରକୁ ପ୍ରବେଶ ପାଇଁ ଅନୁମତି ଦିଆଯାଇଥିବା ଢାଂଚାରେ ଦୁର୍ଗାପୂଜା ମଣ୍ଡପମାନଙ୍କରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନର ସୁଯୋଗ ଦେବା ପାଇଁ କମିଟି ଅନୁରୋଧ କରିବା ସହିତ ଦାବି କରିଛି । ଏହି ପ୍ରତିନିଧି ମଣ୍ଡଳିରେ ଭୁବନେଶ୍ୱର ଭଷାଣୀ ଉତ୍ସବ ସମିତିର ସାଧାରଣ ସମ୍ପାଦକ ହରିଶ ପ୍ରସାଦ ରଥ, ଉପ ସଭାପତି ସୁରେଶ ଚନ୍ଦ୍ର ରାଉତରାୟ ଓ ଦିଲ୍ଲୀପ ଦାଶଶର୍ମା, ଝାରପଡ଼ା ଦୁର୍ଗାପୂଜା ସମିତିର ସାଧାରଣ ସମ୍ପାଦକ ଧରଣୀଧର ଜେନା ଓ ଭୀମଟାଙ୍ଗୀ ଦୁର୍ଗାପୂଜା ସମିତି ପକ୍ଷରୁ ସନତ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ମୋ ସାଇକେଲ ଚୋରି ହୋଇନିକି କି କବାଡ଼ିଆଙ୍କୁ ବିକ୍ରି ହୋଇନି : ମନ୍ତ୍ରୀ

ଭୁବନେଶ୍ୱର,୮/୯ (ନି.ପ୍ର): ୨୦୧୮ରେ ଭୁବନେଶ୍ୱର ସ୍ମାର୍ଟସିଟି ମିଶନ ଅନ୍ତର୍ଗତ ମୋ ସାଇକେଲ ଯୋଜନାରେ ୨୦୦୦ ସାଇକେଲ କିଣାଯାଇଥିଲା । ୩ ଟି ସଂସ୍ଥା ଠାରୁ ସରକାର ଗୋଟା ପିଛା ୨୫ ହଜାର ଟଙ୍କା ଦରରେ ଏହି ସାଇକେଲ କିଣିଥିଲେ । ବର୍ତମାନ ସେଥିମଧ୍ୟରୁ ହଜାରେ ଟି ସାଇକେଲ କାର୍ଯ୍ୟକ୍ଷମ ଥିବା ବେଳେ ବାକି ହଜାରେ ସାଇକେଲର ମରାମତି ଓ ରକ୍ଷଣାବେକ୍ଷଣା ଚାଲିଛି । ୨ ଟି ସଂସ୍ଥାକୁ ସାଇକେଲର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି ଏବଂ ଏଥିପାଇଁ ୬୦ ଲକ୍ଷ ଖର୍ଚ୍ଚ ହୋଇଛି । କୌଣସି ସାଇକେଲ ଚୋରି ହୋଇନିକି କି କବାଡ଼ିଆଙ୍କୁ ବିକ୍ରି କରାଯିବାର ତଥ୍ୟ ହସ୍ତଗତ ହୋଇନି ବୋଲି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ଜଣାଇଛନ୍ତି । କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ମୋ ସାଇକେଲ ସମ୍ପର୍କିତ ପ୍ରଶ୍ନର ଉତରରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି ।

# ଅଭିନବ ଉପାୟରେ ବିଧାନସଭା ଆଗରେ ଗର୍ଜିଲେ ଗାଁସାଥୀ (ମେଟ୍): ମାଗିଲେ ନିଜର ହକ୍

ଭୁବନେଶ୍ୱର,୮/୯ (ନି.ପ୍ର): ରାଜ୍ୟ ବିଧାନସଭା ଆଗରେ କିଛି ଅଭିନବ ଉପାୟରେ ନିଜର ୫ ଦଫା ଦାବିକୁ ଉପସ୍ଥାପିତ କରିଛି ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶ । ଉକ୍ତ ସଂଘର ରାଜ୍ୟ ସଂଗଠକ ଲକ୍ଷ୍ମୀଧର ବିଶ୍ୱାଳ ଓ ସୌଭାଗ୍ୟ ମିଶ୍ରଙ୍କ ନେତୃତ୍ୱରେ ଗାଁସାଥୀ (ମେଟ୍) ସଂଘର ସହସ୍ରାଧିକ ବ୍ଲକ ଓ ଜିଲ୍ଲା ସଂଗଠକମାନେ କିଛି ଅଭିନବ ଉପାୟରେ ଭୁବେନଶ୍ୱର ଲୋୟର ପିଏମ୍‌ଜିସ୍ଥିତ ଧାରଣାସ୍ଥଳରେ ଆନ୍ଦୋଳନ କରିଛନ୍ତି । ଗାଁସାଥୀ ସଂଗଠକମାନେ ମାଗୁଛା, ଚିରାଲୁଗା ଇତ୍ୟାଦି ବସ୍ତ୍ର ପରିଧାନ କରି ହାତରେ ଭିକ୍ଷା ଥାଳ ଧରି ରାଜ୍ୟ ସରକାରଙ୍କ ନିକଟରେ ନିଜର ହକ୍ ମାଗିଛନ୍ତି । ସଂଘର ପ୍ରମୁଖ ରାଜ୍ୟସ୍ତରୀୟ ଦାବିଗୁଡିକ ଗ୍ରାମୀଣସ୍ତରରେ ଗାଁସାଥୀ (ମେଟ୍)ଙ୍କ ବିଭିନ୍ନ ଯୋଜନାରେ ପର୍ଯ୍ୟାପ୍ତ କାର୍ଯ୍ୟ ଯୋଗାଣ ସହିତ ସର୍ବନିମ୍ନ ୮ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ, ଗାଁସାଥୀ (ମେଟ୍)ଙ୍କ ବିପକ୍ଷରେ ହୋଇଥିବା ୩ଟି ସରକାରୀ ଚିଠି ((କ) ପଂଚାୟତିରାଜ ବିଭାଗର ଚିଠି ନଂ ୧୨୧୩୦ ତା ୨୯.୭.୨୧, (ଖ) ସେହି ବିଭାଗ ଚିଠି ନଂ-୧୩୪୨୩, ତା ୧୭.୮.୨୧ ଏବଂ (ଗ) ରାଜ୍ୟ ମିଶନଶକ୍ତି ବିଭାଗର ଚିଠି ନଂ-୩୫୨ ତା ୧୯.୮.୨୧କୁ ତୁରନ୍ତ ପ୍ରତ୍ୟାହାର), ରାଜ୍ୟରେ ନ୍ୟାୟ ଆଶାୟୀ ସମସ୍ତ ଗାଁସାଥୀ (ମେଟ୍)ମାନଙ୍କୁ ୨୦ ହଜାରରୁ ଉର୍ଦ୍ଧ୍ୱ କୋଭିଡ଼ ସହାୟତା ରାଶି ପ୍ରଦାନ, ରାଜ୍ୟ ପ ାୟତିରାଜ ବିଭାଗର ଚିଠି ନଂ-୯୪୦ ତା ୧୧.୧.୧୯ ଓ ଏହାର ଏକାଧିକ ରିମାଇଣ୍ଡର ଅନୁଯାୟୀ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଗାଁସାଥୀ (ମେଟ୍)ମାନଙ୍କୁ ମାସିକ ସର୍ବନମ୍ନ ୧୦ ଦିନ ଓ ବର୍ଷକୁ ଅତି କମ୍‌ରେ ୧୦୦ ଦିନର ଗ୍ୟାରେଡ଼ କାର୍ଯ୍ୟ, ଉଚିତ ସରକାରୀ ପ୍ରାପ୍ୟ ସହିତ ପ୍ରଦାନ, ନଚେତ୍ ବେକାରୀ ଭ ାର ବ୍ୟବସ୍ଥା ଏବଂ ରାଜ୍ୟରେ ମନରେଗାରେ କାର୍ଯ୍ୟରତ ସମସ୍ତ ଜବକାର୍ଡ଼ଧାରୀ ପରିବାରମାନଙ୍କୁ ବର୍ଷକୁ ୧୦୦ଦିନ କାର୍ଯ୍ୟ ପରିବର୍ତେ ୨୦୦ ଦିନର କାର୍ଯ୍ୟ ଯୋଗାଣ ଓ ଦିନକୁ ୨୧୫ ଟଙ୍କା ପରିବର୍ତେ ୩୦୦ ଟଙ୍କା ମଜୁରୀ ପ୍ରଦାନ ଆଦି ଦାବି ନେଇ ଆଜି ସଂଘ ଆନ୍ଦୋଳନ କରିଛି । ଏଠାରେ ସୂଚନାଯୋଗ୍ୟ ଯେ, ଗାଁସାଥୀ (ମେଟ୍)ମାନେ ଚଳିତ ବିଧାନସଭା ଆରମ୍ଭରୁ ସେମାନଙ୍କ ନିଜ ନିଜ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଗଣଧାରଣା ଓ ଆନ୍ଦୋଳନ କରି ଜିଲ୍ଲାପାଳମାନଙ୍କ ଜରିଆରେ ରାଜ୍ୟର ମୁଖ୍ୟମନ୍ତ୍ରୀ, ମହାମହୀମ ରାଜ୍ୟପାଳ ଓ ଅନ୍ୟ ପଦାଧିକାରୀଙ୍କୁ ସ୍ମାରକ ପତ୍ର ଦେଇ ସାରିବା ପରେ ବିଧାନସଭା ଆଗକୁ ଆସି ଆନ୍ଦୋଳନ କରିଛନ୍ତି ବୋଲି ଶ୍ରୀମାନ ବିଶ୍ୱାଳ ଗଣମାଧ୍ୟମକୁ ଜଣାଇଛନ୍ତି । ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ/ବିଧାୟିକାମାନେ ବିଧାନସଭାରେ ସେମାନଙ୍କ ପ୍ରସଙ୍ଗରେ ସ୍ୱର ଉତୋଳନ ପାଇଁ ସଂଘ ନିବେଦନ ଜଣାଇଛି । ଗତ ୨ ବର୍ଷ ମଧ୍ୟରେ ବାରମ୍ବାର ଚିଠି ପରେ ଚିଠି କରି ସେମାନଙ୍କ କାର୍ଯ୍ୟକୁ ଏସ୍.ଏଚ୍.ଜି (ସ୍ୱୟଂ ସହାୟକ ଗୋଷ୍ଠୀ)ର ସଭ୍ୟାମାନଙ୍କୁ ପ୍ରଦାନ କରିବା ପାଇଁ ରାଜ୍ୟ ପଂଚାୟତିରାଜ ବିଭାଗ ଉଦ୍ୟମ କରୁଥିବା ପ୍ରସଙ୍ଗକୁ ସାମୂହିକ ଭାବେ ନିନ୍ଦା କରାଯାଇଛି । ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଗାଁସାଥୀ ସଂଗଠକ ଶ୍ରୀମାନ ବିଶ୍ୱାଳ, ଶ୍ରୀ ସୌଭାଗ୍ୟ କୁମାର ମିଶ୍ର, ରବିନ୍ଦ୍ର ଗୌଡ଼, କୁଳମଣି ମେଂଟା, ସୁଧାଂଶୁ ଶତପଥୀ, ଓଁକାରନାଥ ପାଢୀ, ଉମେଶ ମୁଣ୍ଡା, ଫଂଟୁ ନାୟକ, ସଞ୍ଜୟ ଶଗଡ଼ିଆ, ଅରବିନ୍ଦ ପଟେଲ, ଦୟାନିଧି ପଶାୟତ, କରୁଣା ବାଗ, ବିନୋଦ ସାହୁ ଓ ଅନ୍ୟମାନେ ମିଳିତଭାବେ ଜଣାଇଛନ୍ତି । ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗାଁସାଥୀ ସଂଗଠକ ଅନ୍ୟ ଏକ ହଜାରରୁ ଉର୍ଦ୍ଧ୍ୱ ଉପସ୍ଥିତ ଥିଲେ ।

# ରାଜସ୍ୱ ମନ୍ତ୍ରୀଙ୍କ ବିରୁଦ୍ଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଲେ ନରସିଂହ

ଭୁବନେଶ୍ୱର,୮/୯ (ନି.ପ୍ର): ଚାଷୀ ଆତ୍ମହତ୍ୟା ପ୍ରସଙ୍ଗରେ ମିଥ୍ୟା ତଥ୍ୟ ଦେଇ ଗୃହକୁ ଭ୍ରମିତ କରିଥିବା ଅଭିଯୋଗ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ବିରୁଦ୍ଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ଏହାର ଜାଂଚ କରି ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି । ଶ୍ରୀ ମିଶ୍ର ଗୃହରେ କହିଛନ୍ତି ଯେ ବଲାଙ୍ଗିର ଜିଲ୍ଲାର ତୁରେଇକଲା ବ୍ଲକରେ ଜଣେ ଚାଷୀ ଆତ୍ମହତ୍ୟା କରିଥିବା ନେଇ ସେ ଗୃହରେ ସୂଚନା ଦେଇଥିଲେ । ଗତ ଶୁକ୍ରବାର ଦିନ ଏ ସମ୍ପର୍କରେ ସେ ସୂଚନା ଦେଇଥିଲେ । ତେବେ ରାଜସ୍ୱ ମନ୍ତ୍ରୀ ଏହାକୁ ଅସ୍ୱୀକାର କରି ଦେଇଥିଲେ । ସେ ଜାଣି ଶୁଣି ମିଥ୍ୟା ତଥ୍ୟ ଆଧାରେର ଭ୍ରମିତ କରିବାକୁ ଚେଷ୍ଟା କରିଛନ୍ତି । ତାଙ୍କ ପାଖରେ ଏ ସମ୍ପର୍କିତ ପ୍ରମାଣ ରହିଛି ।

# ୩ ବର୍ଷରେ ୨୮୨ ହାତୀ, ୧୭ ବାଘ ମୃତ୍ୟୁବରଣ କରିଛନ୍ତି

ଭୁବନେଶ୍ୱର,୮/୯ (ନି.ପ୍ର): ୨୦୧୮ରୁ ଏବେ ପର୍ଯ୍ୟନ୍ତ ରାଜ୍ୟରେ ବିଗତ ୩ ବର୍ଷରେ ୨୮୨ ହାତୀଙ୍କ ମୃତ୍ୟୁ ହୋଇଛି । ସେହିପରି ଗତ ୩ ବର୍ଷରେ ୧୭ ବାଘଙ୍କ ମୃତ୍ୟୁ ହୋଇଛି । ବିଧାୟକ ଗଣେଶ ରାମ ସିଂ ଖୁଂଟିଆଙ୍କ ପ୍ରଶ୍ନର ଉତରରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ସୂଚନା ଦେଇଛନ୍ତି । ୨୦୧୮ରେ ୯୩ଟି, ୨୦୧୯ରେ ୮୨ଟି, ୨୦୨୦ ରେ ୭୭ ଓ ୨୦୨୧ ଅଗଷ୍ଟ ଯାଏଁ ୩୦ଟି ହାତୀଙ୍କର ମୃତ୍ୟୁ ହୋଇଛି । ଯେଉଁଥିରେ ୭ଟି ହାତୀ ଶିକାରରେ ପ୍ରାଣ ହରାଇଥିବା ବେଳେ ବିଦ୍ୟୁତ ଆଘାତରେ ୪୩, ରେଳ ଦୁର୍ଘଟଣାରେ ୧୩, ରାସ୍ତା ଦୁର୍ଘଟଣାରେ ୪, ବିଭିନ୍ନ ରୋଗରେ ପଡି ୧୦୧, ପ୍ରାକୃତିକଜନିତ ୩୪, ଅନ୍ୟାନ୍ୟ ଦୁର୍ଘଟଣା କାରଣରୁ ୫୯ଟି ହାତୀ ମୃତ୍ୟୁବରଣ କରିଥିବା ବେଳେ ୨୧ଟି ହାତୀର ମୃତ୍ୟୁର କାରଣ ଜଣାପଡିନାହିଁ । ସେହିଭଳି ୨୦୧୮ରୁ ଏବେ ଯାଏଁ ମୋଟ ୧୭ଟି ବାଘ ପ୍ରାଣ ହରାଇଛନ୍ତି । ଯେଉଁଥିରେ ୧୫ଟି କଳରାପତରିଆ ବାଘଙ୍କର ଜୀବନ ଯାଇଥିବା ବେଳେ ୨ଟି ମହାବଳ ବାଘର ମୃତ୍ୟୁ ହୋଇଛି । ଗୋଟିଏ ମହାବଳ ବାଘ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଥିବା ବେଳେ ଅନ୍ୟ ବାଘଟି ରୋଗରେ ମୃତ୍ୟୁବରଣ କରିଛି । ଅନ୍ୟପଟେ ୫ଟି କଳରାପତରିଆ ବାଘ ଶିକାରରେ ମରିଥିବା ବେଳେ ରେଳ ଦୁର୍ଘଟଣାରେ ୧, ପ୍ରାକୃତିକ ଉପାୟରେ ୨, ଅନ୍ୟାନ୍ୟ ରୋଗରେ ୪ କଳରାପତରିଆ ବାଘଙ୍କର ଜୀବନ ଯାଇଛି । ସେହିଭଳି ୩ଟି କଳରାପତରିଆ ବାଘର ମୃତ୍ୟୁର କାରଣ ଜଣାପଡିନାହିଁ ।

# ରାଜ୍ୟରେ ୪ ଜିଲ୍ଲାରୁ ୭୦%ରୁ ଅଧିକ ସଂକ୍ରମଣ

ଭୁବନେଶ୍ୱର,୮/୯ (ନି.ପ୍ର): ରାଜ୍ୟରେ ଏବେ ଯେତେ ଚିକିତ୍ସାଧୀନ ରୋଗୀ ରହିଛନ୍ତି, ତାହାର ୭୦ ପ୍ରତିଶତ ଆକ୍ରାନ୍ତ କେବଳ ୪ଟି ଜିଲ୍ଲାର । ଏଥିରେ ଖୋର୍ଦ୍ଧାରୁ ସର୍ବାଧିକ ୪୭ ପ୍ରତିଶତ, କଟକ ୧୩, ବାଲେଶ୍ୱର ୬ ଓ ଯାଜପୁର ଜିଲ୍ଲାରୁ ୪ ପ୍ରତିଶତ ଚିକିତ୍ସାଧୀନ ରୋଗୀ ଅଛନ୍ତି । ଅନ୍ୟ ଜିଲ୍ଲାରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ଯଥେଷ୍ଟ କମ୍ ବୋଲି ସ୍ୱାସ୍ଥ୍ୟ ବିଭାଗର ସୂଚନାରୁ ସ୍ପଷ୍ଟ ହୋଇଛି । ରାଜ୍ୟରେ ବଳକା ଜିଲ୍ଲାରେ ସଂକ୍ରମଣ ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଥିବା ବେଳେ ଏହି ୪ ଜିଲ୍ଲାରେ ଅନ୍ୟ ଜିଲ୍ଲା ତୁଳନାରେ ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହିଛି ।

ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୩୮ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିରେ ୯୩ ଜଣ ୧୮ ବର୍ଷରୁ କମ୍ ବୟସର ପିଲା ରହିଛନ୍ତି । କଟକ ଜିଲ୍ଲାରେ ଦୌନିକ ସଂକ୍ରମଣ ଶହେରୁ ତଳକୁ ଖସି ଆସିଛି । ହେଲେ ଖୋର୍ଦ୍ଧା ଜିଲ୍ଲାରେ ଏହା ପୂର୍ବଭଳି ବଳବତ୍ତର ରହିଛି । ଖୋର୍ଦ୍ଧରୁ ୨୪୫, କଟକ ୬୬, ବାଲେଶ୍ୱର ୩୩, ଯାଜପୁର ୩୨, ଜଗତସିଂହପୁର-ମୟୂରଭଞ୍ଜ ୨୨ ଲେଖାଏ, ପୁରୀ ୧୮, କେନ୍ଦ୍ରାପଡ଼ା-ସୁନ୍ଦରଗଡ଼ ୧୫ ଲେଖାଏଁ, କେନ୍ଦୁଝର ୧୪ ଓ ଷ୍ଟେଟ୍ ପୁଲରୁ ୫୨ଜଣଙ୍କୁ ଚିହ୍ନଟ କରାଯାଇଛି । ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୧୦ଲକ୍ଷ ୧୨ହଜାର ୮୦୫କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି, ରାଜ୍ୟରେ



ଭେଣ୍ଟିଲେଟରରେ କୌଣସି ଶିଶୁ ନାହାନ୍ତି । ଅଧିକାଂଶ ଶିଶୁ ସ୍ୱଳ୍ପ ସଂକ୍ରମିତ ହେଉଛନ୍ତି । ତେଣୁ ହସ୍ପିଟାଲରେ ଆଡମିସନ କମ୍ ରହିବା ସହିତ କମ୍ ସଂଖ୍ୟାରେ ଶିଶୁ ଗୁରୁତର ହେଉଛନ୍ତି । ତେଣୁ କୋଭିଡ୍ ନିୟମାବଳୀକୁ ଲୋକମାନଙ୍କୁ ମାନିବାକୁ ପଡ଼ିବ ବୋଲି ଅଧିକାରୀଜଣକ ସୂଚନା ଦେଇଛନ୍ତି । ରାଜ୍ୟରେ ଆଉ ୭ଜଣ କରୋନାରେ ପ୍ରାଣ ହରାଇଛନ୍ତି । ମୃତକଙ୍କ ମଧ୍ୟରେ ଅନୁଗୁଳ, କଟକ, ଖୋର୍ଦ୍ଧାରୁ ୨ ଲେଖାଏଁ ଓ ପୁରୀରେ ଜଣେ ପ୍ରାଣ ହରାଇଛନ୍ତି । ରାଜ୍ୟରେ ସମୁଦାୟ ମୃତ୍ୟୁ ସଂଖ୍ୟା ୮୦୬୨କୁ ବୃଦ୍ଧି ପାଇଛି । ଆଉ ୮୦୧ଜଣ କରୋନା ରୋଗୀ ସୁସ୍ଥ ହୋଇଛନ୍ତି । ଫଳରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୬୦୯୯କୁ ଖସି ଆସିଛି ।

# ଖରସ୍ରୋତା ଆନ୍ଦୋଳନ ପ୍ରସଙ୍ଗରେ ସରକାରଙ୍କ ଉପରେ ବର୍ଷିଲେ ନରସିଂହ ମିଶ୍ର

ଭୁବନେଶ୍ୱର,୮/୯ (ନି.ପ୍ର): ବିଧାନସଭାରେ ଖରସ୍ରୋତା ଆନ୍ଦୋଳନ ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଜଳସମ୍ପଦ ବିଭାଗର ବିନା ଅନୁମୋଦନରେ ପ୍ରକଳ୍ପ ଚାଲିଛି । ସେଠି ଏହାକୁ ନେଇ ଆନ୍ଦୋଳନ ଜାରି ରହିଛି । ସେଠି ପୋଲିସ ଲଗାଇ ଯେଉଁଭଳି ପ୍ରକଳ୍ପ ଚାଲିଛି, ତାହା ତାଲିବାନ ଶାସନ ଭଳି । କେନ୍ଦ୍ରାପଡା ରେ ଆନ୍ଦୋଳନ କରୁଥିବା ଦୁଇ ହଜାର ଲୋକଙ୍କ ନାମରେ ମାମଲା ରୁଜୁ କରିବା ସହ ଶତାଧିକ ଲୋକଙ୍କୁ ପୋଲିସ୍ ଗିରଫ କରିଛି । ଖରସ୍ରୋତା ନଦୀଜଳ ଘରୋଇ କମ୍ପାନୀକୁ ଦେବା ପ୍ରତିବାଦ ରେ ଏହି ଲୋକ ଆନ୍ଦୋଳନ କରୁଥିଲେ । ପୋଲିସ ମାତ୍ରାଧିକ କାର୍ଯ୍ୟନୁଷ୍ଠାନ ପାଇଁ ଆଇନଶୃଙ୍ଖଳା ପେଇସ୍ଥିତି ସୃଷ୍ଟି ହୋଇଛି । ସେପଟେ ଗୃହରେ ଜବାବ ରଖି ଆଜି ବିଧାୟକ ପ୍ରତାପ ଦେବ କହିଛନ୍ତି ଜଳସମ୍ପଦ ବିଭାଗର ଅନୁମୋଦନ ରହିଛି । ପୋଲିସ କିଛି ଭୁଲ କରିନି । ପ୍ରକଳ୍ପ ସମ୍ପର୍କରେ ବିଭ୍ରାନ୍ତ କରି ଆନ୍ଦୋଳନ କରାଯାଉଛି । ଏବେ ଘରେ ଘରେ ପାଣି ପହଂଚାଇବା ପାଇଁ ଉଦ୍ୟମ କରାଯାଉଛି ।

# ବିଧାନସଭାରେ ଦୂର୍ଗା ପୂଜାକୁ ଠିକ୍ ଭାବେ ପାଳନ କରିବାକୁ ଦିଆଯିବା ଦାବି

ଭୁବନେଶ୍ୱର,୮/୯ (ନି.ପ୍ର): କରୋନା ନାମରେ ଚଳିତ ବର୍ଷ ମଧ୍ୟ ମା' ଦୁର୍ଗାଙ୍କ ପ୍ରତିମୂର୍ତିକୁ ଚାରିଫୁଟ ମଧ୍ୟରେ ରଖିବା ଓ ବିନା ଭକ୍ତରେ ପୂଜା କରା ଯିବାକୁ ରାଜ୍ୟ ସରକାରଙ୍କ ଦ୍ୱାରା ଜାରୀ କରା ଯାଇଥିବା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରି ସଠିକ ଭାବେ କରୋନା କଟକଣା ମଧ୍ୟରେ ପୂଜା ପାଳନ କରିବାକୁ ବିଧାନସଭାରେ ଦାବି ହୋଇଛି। ବିଧାନସଭାରେ ଏହି ପ୍ରଶ୍ନ ଉଠାଇ କଟକ ବାରବାଟି ବିଧାୟକ ମୋହମ୍ମଦ ମୋକିମ କହିଛନ୍ତି ଯେ କଟକ ଶହର ହଜାରେ ବର୍ଷ ପୁରୁଣା ସହର । କେବଳ କଟକ ନୁହେଁ ରାଜ୍ୟର ବିଭିନ୍ନ ଅଂଚଳରେ ଦୁର୍ଗା ପୂଜା ଧୁମଧାମରେ ପାଳନ ହୋଇଥାଏ । ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ଦୂର୍ଗା ପୂଜାକୁ ନେଇ ଯେଉଁ ଗାଇଡଲାଇନ ଜାରୀ କରା ଯାଇଛି ତାହା ଧର୍ମୀୟ ଭାବନାକୁ ଆଘାତ ଦେଉଛି । ଏହାକୁ ପ୍ରତ୍ୟାହାର କରି କରୋନା କଟକଣା ମଧ୍ୟରେ ଦୂର୍ଗାପୂଜା ପାଳନ କରିବାକୁ ଅନୁମତି ଦେବାକୁ ବାଚସ୍ପତି ରୁଲିଂ ଦେବା ପାଇଁ ସେ ଦାବି କରିଥିଲେ । କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ମଧ୍ୟ ଏହି ପ୍ରଶ୍ନ ଉଠାଇଥିଲେ ।

# ୱାନ୍ ନେସନ, ୱାନ୍ ରାସନ: ରାଜ୍ୟ ଭିତରେ ଲାଭାନ୍ୱିତ ହୋଇଛନ୍ତି ୩୦ ହଜାର

ଭୁବନେଶ୍ୱର,୮/୯ (ନି.ପ୍ର): 'ୱାନ୍ ନେସନ୍, ୱାନ୍ ରାସନ୍' ଯୋଜନାରେ ରାଜ୍ୟ ଭିତରେ ୩୦ ହଜାର ଏବଂ ରାଜ୍ୟ ବାହାରେ ୧୨୩ ଜଣ ପ୍ରବାସୀ ଶ୍ରମିକ ଲାଭାନ୍ୱିତ ହୋଇଛନ୍ତି । ସେହିପରି ବାହାର ରାଜ୍ୟର ମାତ୍ର ୨୬ ଜଣ ଓଡ଼ିଶାରୁ ରାସନ ପାଇଥିବା ସୂଚନା ଦେଇଛି ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ । ତେବେ ଇଣ୍ଟରନେଟ୍ ସମସ୍ୟା ଯୋଗୁଁ ୧୩ ଲକ୍ଷରୁ ଉର୍ଦ୍ଧ୍ୱ ରାସନ କାର୍ଡଧାରୀ ଏହାର ସୁବିଧା ନେଇପାରିବେ ନାହିଁ । ୨୦୨୦ ମସିହା ନଭେମ୍ବର ମାସରୁ 'ୱାନ୍ ନେସନ୍ ୱାନ୍ ରାସନ୍' ନୀତି ଗ୍ରହଣ କରିଥିଲେ ମଧ ଜୁଲାଇ ୨୯ ତାରିଖରେ ଏହି ନୀତି କାର୍ଯ୍ୟକାରୀ କରିଥିଲେ ଓଡ଼ିଶା ସରକାର । ଏହି ନୂତନ ବ୍ୟବସ୍ଥା ଅନୁଯାୟୀ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ରାସନକାର୍ଡଧାରୀ ପୂର୍ବରୁ ରହିଥିବା ବ୍ୟବସ୍ଥା ଅନୁଯାୟୀ କେବଳ ଅଧିଗୃହୀତ କେନ୍ଦ୍ରରେ ରାସନ ପାଇବେ ନାହିଁ; ବରଂ ଯେଉଁଠି ରହିଲେ ମଧ ନିଜ ଘରୋଇ କାର୍ଡ ଦେଖାଇ ରାସନ ନେଇ ପାରିବେ । ଏଥିରେ କେବଳ ଗୋଟିଏ ସର୍ତ୍ତ ରହିଛି ଯେ ତାଙ୍କ ମୂଳ ରାସନ କେନ୍ଦ୍ରଟି 'ୱାନ୍ ନେସନ୍ ୱାନ୍ ରାସନ୍' ଯୋଜନାର ଅଧିଗୃହୀତ ହୋଇଥିବା ଆବଶ୍ୟକ । ବର୍ତ୍ତମାନ ରାଜ୍ୟର ଅଧିଗୃହୀତ କେନ୍ଦ୍ରରେ 'ୱାନ୍ ନେସନ୍ ୱାନ୍ ରାସନ୍'ର ବୋର୍ଡ ଲଗାଯାଇଛି ।

ରାଜ୍ୟରେ ସମୁଦାୟ ୧୨ହଜାର ୨୧୨ଟି ରାସନ କେନ୍ଦ୍ର ରହିଛି । ଯେଉଁଥିରୁ ସମୁଦାୟ ୯୨ ଲକ୍ଷ ୭୭ ହଜାର ରାସନକାର୍ଡ ଧାରୀ ଖାଦ୍ୟ ସୁରକ୍ଷା ଯୋଜନାର ଅନ୍ତର୍ଭୁକ୍ତ । 'ୱାନ୍ ନେସନ୍ ୱାନ୍ ରାସନ୍'ରେ ଆଧାର କାର୍ଡ ଯାଞ୍ଚର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏଥିପାଇଁ ରାସନକାର୍ଡଧାରୀ ଯେଉଁ କେନ୍ଦ୍ରର ଥାଆନ୍ତି ତାର ଇଣ୍ଟରନେଟ କାର୍ଯ୍ୟକ୍ଷମ ହେବା ଆବଶ୍ୟକ । ଏଥିଯୋଗୁଁ ଯେଉଁ ରାସନ କେନ୍ଦ୍ରରେ ଇଣ୍ଟରନେଟ୍ ସୁବିଧା ନାହିଁ, ସେହି କେନ୍ଦ୍ରକୁ ଏହି ଯୋଜନାରୁ ବାଦ ଦିଆଯାଇଛି । ଅର୍ଥାତ ୧୦ ହଜାର ୫୭୮ କେନ୍ଦ୍ରର ୭୯ ଲକ୍ଷ୬୦ ହଜାର ହିତାଧିକାରୀ ଏହି ଯୋଜନାର



ଲାଭ ନେଇପାରିବେ । କିନ୍ତୁ ଅପହଞ୍ଚ ଇଲାକାର ୨ହଜାରରୁ ଅଧିକ କେନ୍ଦ୍ରର ୧୩ ଲକ୍ଷ ହିତାଧିକାରୀଙ୍କୁ ଏହାର ଲାଭ ମିଳିବାକୁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ । ହିତାଧିକାରୀ ଯେଉଁ ରାଜ୍ୟରୁ ରାସନ୍ କ୍ରୟ କରିବେ ସେଠାରେ ଯେଉଁ ଖାଦ୍ୟ ବିକ୍ରୟ ବ୍ୟବସ୍ଥା ରହିଛି, ତାହା ପାଇବେ ।

## ଜାତୀୟ ପୁଷ୍ଟିକର ସପ୍ତାହ ଓ ରାଷ୍ଟ୍ରୀୟ ପୋଷଣ ମାସ ପାଳନ

ଜଳେଶ୍ୱର, ୦୮/୯(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ହାତିଗଡ ଅଂଗନୱାଡି କେନ୍ଦ୍ରରେ ଜାତୀୟ ପୁଷ୍ଟିକର ସପ୍ତାହ ଓ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇ ଯାଇଛି । ସିଡିପିଓ ନିହାରିକ ମହାନ୍ତି ମୁଖ୍ୟ ଅତିଥି ଓ ସରପଂଚ ବିଜୟ ବେହେରା ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କାଳିକ ପଂଚାୟତର ପୂର୍ବତନ ସରପଂଚ ଗଂଗାଧର ଦାସ ସଭାପତିତ୍ୱ କରିଥିଲେ । ସୁପର ଭାଇଜର ବୈଜୟନ୍ତି ମୁଦୁଲି, ଚଂଚଳା ବାରିକ, କନକଲତା ବାରିକ, ସାବିତ୍ରୀ ମହାନ୍ତି ସୁକାନ୍ତି ସିଂ ପ୍ରମୁଖ ଯୋଗ ଦେଇ ଗର୍ଭବତୀ ନାରୀ ଓ କିଶୋରୀ ମାନଙ୍କ ଲାଗି ପୃଷ୍ଟିକର ଖାଦ୍ୟ ସଂପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସୁଜାତା ବାରିକ, ମନୋସୀନି ଜେନା, ଭାରତୀ ପାତ୍ର, ହାସିନା ସାହୁ, ସୁଶାନ୍ତି ମୁର୍ମୁ, ମେରି ହଂସଦା, ସବିତା ଦାସ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ମୁରଲୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା

ପୁରୀ,୦୮/୦୯ (ନି.ପ୍ର): ପରମ୍ପରା ଅନୁଯାୟୀ ଭାଦ୍ରବ ଶୁକ୍ଳ ପ୍ରତିପଦା ତିଥିରେ ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ସଂପନ୍ନ ହୋଇଛି । ସନ୍ଧ୍ୟାଧୂପ ପରେ ମଦନମୋହନ ସିଂହାସନ ଉପରକୁ ବିଜେକରି ଆଜ୍ଞାମାଳ ପାଇବା ପରେ ନାଟପା ମନ୍ଦିରର ଖଟ ଉପରକୁ ବିଜେ କରିଥିଲେ । ଏହାପରେ ମାଟିମଣ୍ଡପସାହିର ଲୋକମାନେ ମଦନମୋହନଙ୍କ ଛାମୁରେ ଦାବାଗ୍ନି ପ୍ରସ୍ତାବ କରିଥିଲେ । ଶୀତଳ ଭୋଗ ଓ ବନ୍ଦାପନା ପରେ ମଦନମୋହନ ବାହୁଡା ବିଜେ କରିଥିଲେ ।

# ହାତିକୋଟ ଶାଳ ଜଙ୍ଗଲ କଟା ଘଟଣା : ତଦନ୍ତ ରିପୋର୍ଟରେ ଶହେରୁ ଉର୍ଦ୍ଧ ଶାଳଗଛ କଟା ଯାଇଥିଲେବି କାର୍ଯ୍ୟାନୁଷ୍ଠାନ ଶୂନ



ବାରିପଦା,୦୮/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବାରିପଦା ବ୍ଲକ ଅନ୍ତର୍ଗତ ହାତିକୋଟ ଗ୍ରାମପଂଚାୟତର ଆହାରି ଗ୍ରାମରେ ଏକ ଖେଳପଡିଆ ନିର୍ମାଣ ନାମରେ ଗ୍ରାମ ମୁଣ୍ଡରେ ଥିବା ସଂରକ୍ଷିତ ଶାଳ ଜଂଗଲରୁ ୧୦୦ରୁ ଉର୍ଦ୍ଧ ଶାଳଗଛ ବେଆଇନ ଭାବରେ କାଟି ଦିଆଯାଇଛି । ବାରିପଦା ବନଖଣ୍ଡ ଅନ୍ତର୍ଗତ ବାରିପଦା ରେଂଜର ହାତିକୋଟ ସଂରକ୍ଷିତ ଜଂଗଲରୁ କଟାଯାଇ ଥିବା ଏହି ଶାଳ ଜଂଗଲରେ ୧୦୦ରୁ ଉର୍ଦ୍ଧ ଶାଳଗଛ କଟାଯିବାର ୪/୫ ଦିନ ପର୍ଯ୍ୟନ୍ତ ବନ ବିଭାଗ ପାଖରେ ଖବର ନଥିବା ବେଳେ, ଘଟଣା ବାବଦରେ ଗତ ୨୬ ତାରିଖ ଦିନ ଗଣ ମାଧ୍ୟମରେ ଖବର ପ୍ରକାଶନ ହେବା ପରେ ବାରିପଦା ଡିଏଫଓ ସନ୍ତୋଷ କୁମାର ଯୋଶୀ ଘଟଣାର ତଦନ୍ତ ପାଇଁ ଏସିଏଫ ଦିଲ୍ଲିପ କୁମାର ବାରିକ ଓ ରେଞ୍ଜର ଲକ୍ଷ୍ମୀଧର ବେହେରାଙ୍କୁ ଦାୟୀତ୍ୱ ଦେଇଥିଲେ । ତେବେ ତଦନ୍ତ ମୁତାବକ ସଂରକ୍ଷିତ ଜଂଗଲରୁ ୧୦୦ରୁ ଉର୍ଦ୍ଧ ଦାମୀ ଶାଳଗଛ କଟା ଯାଇଥିବା ବେଳେ, ଗଛ ଗୁଡିକ କିଏ କାଟିଛି ତାହା ମଧ ବନ ବିଭାଗ ସୂଚନା ପାଇଛି । ତଦନ୍ତ ରିପର୍ଟ ଦୀର୍ଘଦିନ ହେଲା ଡିଏଫଓଙ୍କ ଠାରେ ଦାଖଲ କରାଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ହେଉନି । ଏବାବଦରେ ବାରିପଦା ବନାଂଚଳ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କୁ ପଚାରିବାରୁ ତଦନ୍ତ ସରିଛି ଗଛକାଟିଥିବା ଲୋକଙ୍କୁ ଏବେ ବିଭାଗ ପଛରୁ ଠାବ କରାଯାଉଛି । ଖୁବଶୀଘ୍ର ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ତେବେ ବନ ବିଭାଗ ୧୦୦ରୁ ଉର୍ଦ୍ଧ ଗଛକଟାଯିବା ଘଟଣାର ୧୫ ଦିନ ବିତିବାକୁ ବସିଥିବା ବେଳେ, ବନ ବିଭାଗ ତଦନ୍ତ ସାରିଦେଇ ଦୋଷୀଙ୍କୁ ତୁରନ୍ତ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେହି ସ୍ଥାନରେ ବନ ବିଭାଗ ଗତ ୬ ତାରିଖ ସୋମବାର ଦିନ ଚାରାରୋପଣ କରି ବାହାବା ନେବା ଘଟଣାକୁ ସହଜରେ ହଜମ କରିପାରୁ ନାହାନ୍ତି ବୁଦ୍ଧିଜିବୀ ଓ ପରିବେଶବିତ । ଜନୈକ ପ୍ରତିପତିଶାଳୀ ଟିମ୍ବର ବ୍ୟବସାୟୀ ଙ୍କ ଯୋଜନା ମୁତାବକ ବନ ବିଭାଗର କିଛି ଅଧିକାରୀ ଓ କର୍ମଚାରୀ ଏବଂ ସ୍ଥାନୀୟ କିଛି ଗ୍ରାମବାସୀଙ୍କ ଜାଣତରେ ଏହି ଜଙ୍ଗଲ କଟା କାର୍ଯ୍ୟ କରାଯାଇଥିବାର ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ବନ ବିଭାଗ ସ୍ଥାନୀୟ କିଛି ବ୍ୟକ୍ତି ଗଛ କଟାରେ ସାମିଲଥିବା କହୁଥିବା ବେଳେ, ସେମାନଙ୍କୁ ବାନ୍ଧିଲେ କାଳେ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ନାମ ପଦାକୁ ଆସିବ ସେହି ଭୟରେ କାର୍ଯ୍ୟାନୁଷ୍ଠାନ ନେବାରେ ବନ ବିଭାଗ ଅହେତୁକ ବିଳମ୍ବ ପ୍ରଦର୍ଶନ କରୁଥିବାର ମଧ ଚର୍ଚ୍ଚା ହେଉଛି । ତେବେ ବନ ବିଭାଗ ତୁରନ୍ତ ଦୋଷୀ ମାନଙ୍କୁ ଠାବ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ ଜୋରଧରିଛି ।

# ବିପଦ ସଂକେତ ଉପରେ ପ୍ରଭାହିତ ଜଳକା- ଭେଡିବନ୍ଧ ଦୁର୍ବଳ ଓ ଆତଙ୍କିତ ଗ୍ରାମବାସୀ

ବସ୍ତା,୦୮/୦୯ (ନି.ପ୍ର): ଲଘୁଚପ ଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲା ବସ୍ତାବ୍ଲକ ବାହାର୍ଦା.ମଥାନୀ କୁଡିଆପଞ୍ଚାୟତ ମଧଦେଇ ପ୍ରବାହିତ ହେଉଛି ଜଳକା ନଦୀ , ।ମଥାନୀ ଛକ ନିକଟରେ ଥିବା ଇରିଗେସନ ଡିପାଟ ମେଣ୍ଟ ର ବିପଦ ସଙ୍କେତ ୫.୫୦ ମିଟର ଥିବାବେଳେ ଆଜି ସନ୍ଧ୍ୟା୬ ଟାରେ ୫,୮୯ମିଟରରେ ଜଳସ୍ତର ପ୍ରବାହିତ ହେଉଛି , ଯାହାଫଳରେ ବନ୍ୟା ଆସଙ୍କା କରାଯାଇଛି , ଗତ ଦୁଇ ଦିନ ଧରି ବର୍ଷା ଲାଗି ରହିଥିବାବେଳେ ନଦୀର ଉପର ମୁଣ୍ଡ ଯଥା ମୟୁରଭଞ୍ଜର ବାରିପଦା ସୂଳିଆପଦା ମାଣତିର ମାଣିଦା ରାସଗୋବିନ୍ଦପୁର ରେ ପ୍ରବଳ ବର୍ଷା ହୋଇଥିବାବେଳେ ସିଧା ସଳଖ ଏଇ ନଦୀରେ ସମସ୍ତ ବର୍ଷାପାଣି ଆସୁଥିବାଯୋଗୁ ଜଳକାରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ଯଦି ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ ତାହାହେଲେ ବସ୍ତା ବ୍ଲକର ମଥାନି ବାହାର୍ଦା , ଦୁଧହଂସା , ସଦାନନ୍ଦପୁର , ବରୁଣଗଡିଆ , ଚକୁରାଇ , ଦରଡା , ଗଡ଼ପଦା,ରାଉତପଡା ସମେତ ସଦର ବ୍ଲକର ୨ ଟି ପଞ୍ଚାୟତ ପ୍ରଭାବିତ ହେବାର ଅନୁମାନ କରାଯାଇଛି । ତେବେ ବିଶେଷକରି ବାହାର୍ଦା, ମଥାନୀ ପଞ୍ଚାୟତର କେତୋଟି ଗାଁ ତଳତାପଣ୍ଡା, ମେଳକ, ପେଗରପଡା, ଧଳସାହି, ମଥାନୀ ସାମଲସାହି, ମହାପାତ୍ରସାହି, ସାନଖୁଡି, ଶିବଗଡିଆ, ଲକ୍ଷ୍ମଣପଡା, ଦାସ ସାହି, ସରକାସାହି, ବଡଖୁଡି ଗାଁର ଦୁଇପାର୍ଶ୍ୱ ଭେଡି ବନ୍ଧ ସ୍ଥାନେସ୍ଥାନେ ଦୁର୍ବଳ ହୋଇପଡିଛି । ଦିର୍ଘଦିନରୁ ବାଲି ବସ୍ତା କରି ଆକଟ କରାଯାଇଥିଲା । ହେଲେ ଏବେ ସେହି ସ୍ଥାନ ଗୁଡିକ ଦୁର୍ବଳ ଅବସ୍ଥାରେ ରହିଛି । ନଦୀର ପାଣିସ୍ତର ବଢିଲେ ବାହାଲ ବା ଭେଡିବନ୍ଧ ଭାଙ୍ଗିଲେ ବହୁ ଧନଜିବନ ନଷ୍ଟ ହେବ ବୋଲି ଅଞ୍ଚଳ ବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ତେବେ ବିଭାଗୀୟ ଅଧିକାରୀ ଯଥାଶୀଘ୍ର ପଦକ୍ଷେପ ନେବାପାଇଁ ଗ୍ରାମବାସୀଦାବୀ କରିଛନ୍ତି ।

## ବର୍ଷାରେ ଭୁଷୁଡିଲା ଘର : ପର ଓଳି ଏକମାତ୍ର ଭରସା

ଜଳେଶ୍ୱର,୦୮/୦୯ (ନି.ପ୍ର): ଗତ ୨ ଦିନ ଧରି ବାଲେଶ୍ୱର ଜିଲାର ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଥିବାରୁ କେତେକ ସ୍ଥାନରେ ଅଘଟଣ ଘଟିଛି । ସେଥିରେ ୪ଟି ଘର ଭୁଷୁଡି ଯାଇଥିବା ଜଣାଯାଇଛି । ଫଳରେ ସେମାନେ ଅନ୍ୟଲୋକଙ୍କ ଚାଳିଆରେ ବାସ କରିବାକୁ ବାଧ୍ୟ ହେଉଛନ୍ତି । ଗତ ସୋମବାର ଠାରୁ ତୁହାକୁତୁହା ଲଘୁଚାପ ବର୍ଷା ଲାଗି ରହିଛି । ବର୍ଷା ଫଳରେ ଜଳ ନିଷ୍କାସିତ ହୋଇନପାରି ବିଭିନ୍ନ ସ୍ଥାନରେ ଘର ଓ ଦାଣ୍ଡ ଦୁଆର ବୁଡିଯାଇଛି । ଲଗାଣ ବର୍ଷାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗାଁର ମହାଦେବ ପାତ୍ରଙ୍କ ଘର ଭୁଷୁଡି ଯାଇଛି । ୪ ସଦସ୍ୟ ପିଶିଷ୍ଟ ପରିବାରର ଲୋକେ ବର୍ତ୍ତି ଯାଇଥିବା ବେଳେ ବହୁ ଆସବାପତ୍ର ମାଟିତଳେ ପୋତି ଯାଇଛି । ଫଳରେ ତାଙ୍କର ବ୍ୟାପକ କ୍ଷତି ଘଟିଛି । ସେହିପରି ବର୍ତ୍ତନା ପଂଚାୟତର ଖରିଦା ଗାଁର ରବିନ୍ଦ୍ର ମହାଳିକଙ୍କର ୨ମହଲା ମାଟିଘର ଭୁଷୁଡି ଯାଇଛି । ଆଜି ଦ୍ୱି ପ୍ରହରରେ ବର୍ଷା ଚାଲିଥିବା ବେଳେ ଘରଟି ଭୁଷୁଡି ପଡିଥିଲା । ଦିନବେଳା ଯୋଗୁଁ ଘରେ କେହି ନଥିବାରୁ ପରିବାରଲୋକେ ଆହତ ହୋଇନଥିବା ବେଳେ ଘରର ସମସ୍ତ ଆସବାପତ୍ର ନଷ୍ଟ ହୋଇଛି । ଏପରିକି ଘରୁ ଚାଉଳ, ଧାନ, ଲୁଗାପଟା ଉଦ୍ଧାର କରିବା ସମ୍ଭବ ହୋଇପାରିନାହିଁ । ଏ ସମ୍ପର୍କରେ ୨ଟି ପରିବାର ସ୍ଥାନୀୟ ରାଜସ୍ୱ ନିରିକ୍ଷକଙ୍କୁ ସବିଶେଷ ଲିଖିତ ଜଣାଇଛନ୍ତି । ସେହିପରି ନଛିମପୁର ଗାଁର କୃପାସିନ୍ଧୁ ପାତ୍ର ଓ ଲାଙ୍ଗୁଡସାହି ଗାଁର ଗୋପାଳ ଜେନାଙ୍କ ଘର ମଧ୍ୟ ବର୍ଷାଯୋଗୁଁ ଭୁଷୁଡି ଯାଇଛି । ବର୍ଷାବେଳେ ଅନ୍ୟତ୍ର ଯାଇପାରିନଥିଲେ ମଧ୍ୟ ପରିବାରବର୍ଗ ପଡୋଶୀଙ୍କ ଘରେ ମୁଣ୍ଡ ଗୁଞ୍ଜୁଛନ୍ତି । ଅସ୍ଥାୟୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପିସିସି କମିଟି ଗଠିତ....

୩ଜଣ ମହିଳାଙ୍କୁ ସାମିଲ କରିଛି । ସେହିପରି ୨୦ଜଣ ସାଧାରଣ ସମ୍ପାଦକ ହେଲେ – ସତ୍ୟପ୍ରକାଶ ନାୟକ, କିଶୋର ଜେନା, ଜାନକୀବଲ୍ଲଭ ପଟ୍ଟନାୟକ, ରବିନ୍ଦ୍ର ମଲ୍ଲିକ, ସଂଗ୍ରାମ ମିଶ୍ର, ରାଜକିଶୋର ଷଡ଼ଙ୍ଗୀ, ଅରନ୍ଦମ ସର୍ଖେଲ(ବାପି), ରଜତ ଚୌଧୁରୀ, ଲଲାଟେନ୍ଦୁ ମହାପାତ୍ର, ବିଶ୍ୱଭୂଷଣ ଦାସ, ବିସ୍ମୟ ମହାପାତ୍ର, ସମରେନ୍ଦ୍ର ମିଶ୍ର, ନାରାୟଣ ଜେନା, ମମତା ମାଢ଼ୀ, ଚିନ୍ମୟସୁନ୍ଦର ଦାସ, ରବି ରାୟ, ଆଲୋକ ମିଶ୍ର, ଅସରଫ ଅଲ୍ଲୀ, ସତ୍ୟଶିବ ଦାସ ଓ ଅଶୋକ କୁମାର ଦାସ ରହିଛନ୍ତି । ସେହିପରି ୪୬ଜଣ ସମ୍ପାଦକ ହେଲେ, ବିପ୍ଲବ ଚୌଧୁରୀ, ହେମରାଜ ବାଗ, ନଳିନୀ ସ୍ୱାଇଁ, ମାନସ ଆଚାର୍ଯ୍ୟ, ଦିଲ୍ଲୀପ ବେହେରା, ପ୍ରିୟଜିତ୍ ରାୟ, ଦରିଦ୍ର ନାରାୟଣ ନାୟକ, ସଞ୍ଜୟ ଅଧିକାରୀ, ଅର୍ଚ୍ଚନା ନନ୍ଦୀ,ସତ୍ୟାୟନ ମିଶ୍ର, ସଂଗ୍ରାମ ଦାସ, ସୁବ୍ରତ ମହାପାତ୍ର, ପଦ୍ମାକର ଗୁରୁ, ମହମ୍ମଦ ସବୀର, ନିସାର ଅହମ୍ମଦ, ଶମ୍ଭୁ ପାଣିଗ୍ରାହୀ, ଚନ୍ଦ୍ରଶେଖର ପରିଡ଼ା, ଗୌର ନାୟକ, ତରୁଣ ମାଝୀ, ଶଶୀଭୂଷଣ ପାତ୍ର, ମନୋଜ ସାହୁ, ମନୋଜ ବିଶ୍ୱାଳ, ପ୍ରଭାସ୍କର ମହାପାତ୍ର, ହୁସେନ୍ ଖାନ, ଦୁଲାଲ ପ୍ରଧାନ, ଶ୍ରୀୟା ମହାନ୍ତି, ସୁକାନ୍ତି ଦାସ, ଉମେଶ ଜେନା, ଅମୀୟ ପାଣ୍ଡବ, ଦୁର୍ଗା ପାଢ଼ୀ, ସନ୍ତୋଷ ନନ୍ଦ, ଲିଙ୍ଗରାଜ ସାହୁ, ସସ୍ମିତ ଦେହୁରୀ, ପ୍ରଦୀପ ମହାପାତ୍ର, ସୁରେଶ ପାଣିଗ୍ରାହୀ, ପ୍ରତିମା ମଲ୍ଲିକ, ମହେନ୍ଦ୍ର ନାୟକ, ବିଜୟ ଚାଉଲିଆ, ସିମାଚଳ ଉଲାକା, କୃଷଚନ୍ଦ୍ର ନେପାକ, ମଧୁସ୍ମିତା ସେଠୀ, ମୁକେଶ ଜୈନ, କୈଳାସ ମୁଖୀ, ସୂର୍ଯ୍ୟକାନ୍ତ ବାଗ, ସରୋଜ ପ୍ରଧାନ ଓ ବିଜନ ନାୟକଙ୍କୁ ସାମିଲ କରାଯାଇଛି । କାର୍ଯ୍ୟକାରିଣୀରୁ ଚିରଞ୍ଜୀବୀ ବିଶ୍ୱାଳବାଦ୍ ପଡ଼ିଥିବାବେଳେ ଜଗତସିଂହପୁର ଜିଲ୍ଲାରୁ ନିରଞ୍ଜନଙ୍କ ଟିମରେ ୨ଜଣ ସାଧାରଣ ସମ୍ପାଦକ ଓ ୩ଜଣ ସମ୍ପାଦକଙ୍କୁ ସାମିଲ କରାଯାଇଛି । ଚିରଞ୍ଜୀବୀଙ୍କ ଭାଇ ରଞ୍ଜୀବଙ୍କୁ ମଧ କୌଣସି ପଦପଦବୀ ମିଳିନାହିଁ ।

# ରାଜଧାନୀରେ ୨୪ ଘଂଟାରେ ୨୨୧ ପଜିଟିଭ୍

ଭୁବନେଶ୍ୱର,୦୮/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ବୁଧବାର ଦିନ ଆଉ ୨୨୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୪୮ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୫୧ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୪୭ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଲୋକାଲ ମାମଲା ମଧ୍ୟରୁ ପଟିଆରୁ ସର୍ବାଧିକ ୧୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ନୟାପଲ୍ଲୀ ରୁ ୧୬ ଜଣ , ଝାରପଡାରୁ ୯ ଜଣ, ଚନ୍ଦ୍ରଶେଖରପୁରରୁ ୭ ଜଣ, ପୋଖରୀପୁଟରୁ୬ ଜଣ , ଖଣ୍ଡଗିରି, ଓଲ୍ଡ ଟାଉନ୍ , ଶୈଳଶ୍ରୀବିହାର ଓ ଲକ୍ଷ୍ମୀସାଗର ରୁ ୫ ଜଣ ଲେଖାଏଁ, ଜାଗମରା, ହଂସପାଳ, ଘାଟିକିଆ , ୟୁନିଟ୍ ୯ ଓ ରସୁଲଗଡ ରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୮୫୩୨ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୪୩୮୭ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୩୧୧୭ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୧୦୦୭ କୁ ବୃଦ୍ଧି ପାଇଛି ।

# ସୁପ୍ରିମକୋର୍ଟର ଆଦେଶ : ଟ୍ରେନ୍ ଯଦି ୪ଘଂଟା ଲେଟ୍ ହୁଏ ଯାତ୍ରୀଙ୍କୁ ମିଳିବ କ୍ଷତିପୂରଣ

ନୂଆଦିଲ୍ଲୀ,୦୮/୦୯ (ନି.ପ୍ର): ସୁପ୍ରିମକୋର୍ଟ କହିଛନ୍ତି ଯେ ଟ୍ରେନ୍ର ଲେଟ୍ ହେବା ଉପରେ ରେଲୱେ ଯାତ୍ରୀମାନଙ୍କୁ କ୍ଷତିପୂରଣ ଦେବାକୁ ପଡ଼ିବ । ଜଷ୍ଟିସ୍ ଏମ୍ଆର୍ ଶାହଙ୍କ ଖଣ୍ଡପୀଠରେ ଶୁଣାଣୀରେ କହିଛନ୍ତି ଯେ ସାର୍ବଜନିକ ପରିବହନକୁ ନିଜ କ୍ଷେତ୍ରରେ ରହିବାକୁ ହେବ ଏବଂ ପ୍ରତିଯୋଗିତାରେ ରହିବା ଦରକାର ତେବେ ନିଜକୁ ସୁଧାରିବାକୁ ପଡ଼ିବ । ବିଳମ୍ବିତ ଟ୍ରେନ୍ କୁ ନେଇ ଏକ ମାମଲାରେ ଯାତ୍ରୀଙ୍କୁ ୩୦ ହଜାର ଟଙ୍କାର କ୍ଷତିପୂରଣ ଦେବାପାଇଁ କୋର୍ଟ ଆଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଯାତ୍ରୀମାନଙ୍କ ସମୟ ବହୁତ ମୂଲ୍ୟବାନ ଅଟେ । ଟ୍ରେନ୍ ଲେଟ୍ କାରଣ ପାଇଁ କେହି ନା କେହି ଉତରଦାୟୀ ଅଟନ୍ତି । ଲୋକ ଶାସନ ଏବଂ ପ୍ରଶାସନର ଦୟା ଉପରେ ନିର୍ଭର କରିପାରିବେ ନାହିଁ । ଏହି ଆବେଦନ ସଞ୍ଜୟ ଶୁକ୍ଲା ଦାୟର କରିଥିଲେ । ସଞ୍ଜୟ ଶୁକ୍ଲା ନିଜ ପରିବାର ସହ ୧୧ ଜୁନ୍, ୨୦୧୬ ଦିନ ଆଜମେର-ଜାମ୍ମୁ-ଏକ୍ସପ୍ରେସ୍ରେ ଯାତ୍ରା କରୁଥିଲେ । ଟ୍ରେନ୍ ସକାଳ ୮.୧୦ରେ ଜାମ୍ମୁରେ ପହଂଚିବାର ଥିଲା କିନ୍ତୁ ଏହା ୧୨ଟାରେ ପହଂଚିଥିଲା । ତାଙ୍କୁ ମଧ୍ୟାହ୍ନ ୧୨ଟାରେ ଫ୍ଲାଇଟ୍ରେ ଜାମ୍ମୁରୁ ଶ୍ରୀନଗର ଯିବାର ଥିଲା । ଏହି ଡେରି କାରଣରୁ ତାଙ୍କର ଫ୍ଲାଇଟ୍ ମିସ୍ ହୋଇଗଲା ଏବଂ ତାଙ୍କ ପରିବାରକୁ ଟ୍ୟାକ୍ସିରେ ଜାମ୍ମୁରୁ ଶ୍ରୀନଗର ଯିବାକୁ ପଡ଼ିଥିଲା ।

# ଜନ୍ମମାଟିରେ ନାଟ୍ୟଶ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ଭଦ୍ରକ,୦୮/୦୯ (ନି.ପ୍ର): ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ନାଟ୍ୟଶ୍ରୀ ନିର୍ମଳ ଚନ୍ଦ୍ର ରାଉତଙ୍କୁ ତାଙ୍କ ଜନ୍ମ ମାଟି ନିଜ ଗ୍ରାମ କଲେଇରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶତାଧିକ ଯୁବ, ବୟୋଜ୍ୟେଷ୍ଠ ପୁଷ୍ପମାଲ୍ୟ, ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ବିଜୁ ଜନତା ଦଳର ଯୁବ ସମ୍ପାଦକ ତାପସ ରାୟ, ଶିକ୍ଷକ ସଂଘ ନେତା ବାବୁଲା ରାଉତ, ଅଭିନେତା ନିରନ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଶ୍ରୀ ରାଉତ କହିଥିଲେ କି ମଣିଷ ଜୀବନକାଳ ମଧରେ ଯେତେ ଆଗକୁ ଆଗେଇ ଥିଲେ ବି ଗାଁ ମାଟିକୁ ଦିନେ ଦିନେ ଯେତେବେଳେ ଫେରିଆସେ ସେତେବେଳେ ଗାଁ ମାଟିର ମହକ ତାର ପୁରୁଣା ସ୍ମୃତି ସବୁକୁ ଉଦ୍‌ଜୀବିତ କରାଇଥାଏ । ନିଜ ଗାଁ ମାଟିରେ ପଞ୍ଚାୟତବାସୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ଅତ୍ୟନ୍ତ ଗୌରବର ବିଷୟ ବୋଲି ବକ୍ତାମାନେ କହିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଯାତ୍ରା ମହାସଂଘର ପୁରୋଧା ଭଦ୍ରକ କଳାକାର ମଞ୍ଚର ସମ୍ପାଦକ କାଳିନ୍ଦି ମଲ୍ଲିକ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ବାରିକ, ସମାଜସେବୀ ଜଗନ୍ନାଥ ବେହେରା, ନୀର ସ୍ୱାଇଁ, ଶଶଧର ନାୟକ, ଶିକ୍ଷକ ସଂଘ ନେତା ଭାସ୍କର ନାୟକ, ସାମ୍ବାଦିକ ସୌମ୍ୟକାନ୍ତ ରାଉତରାୟ, ବିଜୁ ଜନତା ଦଳର ଯୁବନେତା ସୁଶାନ୍ତ ପାତ୍ର, ପପୁ ପାଣି, ଶ୍ରକାନ୍ତ ଓଝା, ଉତ୍ତମ ସ୍ୱାଇଁ, ସଂଗ୍ରାମ କେଶରୀ ସ୍ୱାଇଁ, ପ୍ରଶାନ୍ତ ରାଉତ, ସୁଜିତ ବେହୁରିଆ, ଅଭିଷେକ ନାୟକ, ମନୋଜ ପୁହାଣ, ନଟବର ମହାକୁଳ, ନିରାକାର ଜେନା, ଅମରେଶ ମଲ୍ଲିକ, ପୀତାମ୍ବର ମହାରଣା, ନିରଞ୍ଜନ ବେହେରା, ବିଶ୍ୱଜିତ୍ ପାତ୍ର, ମୃତ୍ୟୁଞ୍ଜୟ ମହାନ୍ତି, ପଦ୍ମ ପଙ୍କଜ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସୁଶ୍ରୀ ପ୍ରିୟଦର୍ଶିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରବଳ ବର୍ଷାରେ ବୁଡିଲା ଡ୍ରେନ : ଦୋକାନ ଘରେ ପଶିଗଲା ପାଣି

ବାଲିଆପାଳ,୦୮/୦୯ (ନି.ପ୍ର): ବେଙ୍ଗାପସାଗରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆଜି ବାଲିଆପାଳ ଅ ଳରେ ପ୍ରବଳ ବର୍ଷା ଲାଗିରହିଛି ।ବର୍ଷାରେ ବାଲିଆପାଳ ବସଷ୍ଟାଣ୍ଡ ଠାରୁ ବ୍ଲକଛକ ପର୍ଯ୍ୟନ୍ତ ପୂ ବିଭାଗ ରାସ୍ତା କଡରେ ଥିବା ଡ୍ରେନରେ ପାଣୀ ଉଛୁଳି ଦୋକାନ ଗୁଡିକରେ ନର୍ଦ୍ଦମା ପାଣି ପ୍ରବେଶ କରି ବହୁ ସାମଗ୍ରୀ ନଷ୍ଟ ହୋଇଯାଇଛି ।ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଥିବା ଡ୍ରେନଟି ମଧୁପୁରା ପ ାୟତ ରେ ହୋଇଥିବା ବେଳେ ଉ ର ପାର୍ଶ୍ୱରେ ଥିବା ଡ୍ରେନଟି ବାଲିଆପାଳ ପ ାୟତ ଅଧୀନରେ ରହିଛି । ବାଲିଆପାଳ ପଂଚାୟତ ପକ୍ଷରୁ ପ୍ରତିବର୍ଷ ଡ୍ରେନ ସଫା କରାଯାଉଥିବା ବେଳେ ମଧୁପୁରା ପ ାୟତ ପକ୍ଷରୁ ଆଦୌ ଡ୍ରେନ ସଫା କରାଯାଉନଥିବାରୁ ଡ୍ରେନଟି ଏବେ ପୋତିଯାଇ ବର୍ଷାପାଣି ନିଷ୍କାସନ ହୋଇପାରୁନାହିଁ ।ଆଜି ପ୍ରବଳ ବର୍ଷାରେ ଦକ୍ଷିଣ ପାର୍ଶ୍ୱ ଡ୍ରେନ ଟି ଉଛୁଳି ନର୍ଦ୍ଦମା ପାଣି ଦୋକାନ ଗୁଡିକରେ ପ୍ରବେଶ କରିଥିଲା ଫଳରେ ରାସ୍ତା କଡରେ ଥିବା ଲୁଗା ଦୋକାନ, ଇଲେଟେକ୍ଟ୍ରିକ୍ସ ଦୋକାନ, ଆଳୁ ଗୋଦାମ, ପ୍ରବୃତ୍ତିରେ ପାଣି ପ୍ରବେଶ କରି ହଜାର ହଜାର ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ସ୍ଥାନୀୟ ବ୍ୟବସାୟୀମାନେ କହୀଛନ୍ତି ।ତୁରନ୍ତ ଏହି ଟ୍ରେନଟିକୁ ସଫାକରିବାର ବ୍ୟବସ୍ଥା କରା ନଗଲେ ଏହି ବ୍ୟବସାୟୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ହେମେନ୍ଦ୍ର ମହାପାତ୍ରଙ୍କ ନାଟ୍ୟକାର ଜୀବନର ୫୦ବର୍ଷ ଓ ଡିଜିଟାଲ 'ରଙ୍ଗମଞ୍ଚ'କୁ ବରଷେ

# ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ ହେଲେ ବହୁ ପ୍ରତିଭା



ବାଲେଶ୍ୱର,୦୮/୦୯ (ନି.ପ୍ର): ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ନାଟ୍ୟକାର ଜୀବନର ୫୦ବର୍ଷ ପୂର୍ତ୍ତି ଓ ଡିଜିଟାଲ 'ରଙ୍ଗମଞ୍ଚ' ପତ୍ରିକାର ପ୍ରଥମ ବାର୍ଷିକ ଉତ୍ସବ ମାକଲପୁରସ୍ଥିତ ସ୍ରଷ୍ଟା ନାଟ୍ୟଶାଳାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମଞ୍ଚ ନାଟ୍ୟର ସାମ୍ପ୍ରତିକ ସ୍ଥିତି ଓ ନାଟ୍ୟକାରଙ୍କ ଜୀବନର ବାସ୍ତବତା ସମ୍ପର୍କରେ ସେ ଆଲୋଚନା କରିଥିଲେ । ସଙ୍ଗୀତ ନାଟକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନବୀନ ପରିଡ଼ା, 'ରେବତୀ' ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଗୁରୁପ୍ରସାଦ ମିଶ୍ର ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାମାଜିକ ସ୍ତରରେ ମଞ୍ଚ ନାଟକର ପ୍ରଭାବ ଓ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ନାଟ୍ୟକାର ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ନାଟ୍ୟାନୁଷ୍ଠାନ ସ୍ରଷ୍ଟାର ସଭାପତି ଆଲୋକ ସାହୁ ଏଥିରେ ସଭାପତିତ୍ୱ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦକ ନାଟ୍ୟକାର ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ କହିଥିଲେ । ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ଡ଼.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ରଙ୍ଗମଞ୍ଚ ସାହିତ୍ୟ ସମ୍ମାନ, ନବୀନ ପରିଡ଼ାଙ୍କୁ ରଙ୍ଗମଞ୍ଚ ନାଟ୍ୟ ସମ୍ମାନ, କଣ୍ଠଶିଳ୍ପୀ ଅନିନ୍ଦିତା ଦାସଙ୍କୁ ରଙ୍ଗମଞ୍ଚ ସଙ୍ଗୀତ ସମ୍ମାନ ଓ ରତିକାନ୍ତ ମଲିକଙ୍କୁ ରଙ୍ଗମଞ୍ଚ ବୈଷୟିକ ସମ୍ମାନ ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧିତ ଅବସରରେ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ଓ ନନ୍ଦ କିଶୋର ଦାସ ସୁନ୍ଦର ସଙ୍ଗୀତ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ରହ୍ମନାଥ ରଥ ସଂଯୋଜନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କର ନାଟକ ଉପରେ ଆଲୋଚନା କରାଯାଇଥିଲା । ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ପ୍ରମୋଦ ରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ଶିକ୍ଷାବିତ ଡ଼. ହରିଶ୍ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନାଟ୍ୟକାର ଡ଼.ପ୍ରଦୀପ ଭୌମିକ, ଡ.ଲକ୍ଷ୍ମୀକାନ୍ତ ତ୍ରୀପାଠୀ, ଡ଼.ଶିରୀଶ ଚନ୍ଦ୍ର ଜେନା, ଡ଼.ବ୍ରଜଗୋପାଳ ମହାନ୍ତି, ଡ଼. ଭାଗବତ ଦାସ, ଡ. ରତ୍ନାକର ସିଂହ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ନାଟ୍ୟକାର ହେବେନ୍ଦ ମହାପାତ୍ରଙ୍କର ନାଟକ ଉପରେ ଆଲୋଚନା କରିଥିଲେ । ସମସ୍ତ କାର୍ଯ୍ୟକୁ ସ୍ରଷ୍ଟାର ବରିଷ୍ଠ ସଦସ୍ୟ ସଂଗ୍ରମ ମହାନ୍ତି, ଗୌରିଶଙ୍କର ସାହାଣୀ, ମନୋରଞ୍ଜନ ଦାସ, ବିଶ୍ୱଜିତ ମହାପାତ୍ର, ଅଜୟ ଆଚାର୍ଯ୍ୟ , ସୁଲଳିତ କର, ଶ୍ୟାମରାୟୀ କର, ଅଜିତ ପଣ୍ଡା, ସ୍ୱାତି ପଣ୍ଡା, ମାମା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ବ୍ରାଉନସୁଗାର ବେପାରକୁ କେନ୍ଦ୍ରକରି ଘରପୋଡି



ବାଲିଆପାଳ,୦୮/୦୯ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ମଧୁପୁରା ପ ାୟତ ଖଗଡାପାଳ ବସ୍ତିରେ ବ୍ରାଉନସୁଗାର ବେପାରକୁ କେନ୍ଦ୍ରକରି ଏକ ଘରପୋଡି ଘଟଣା ଘଟିଥିବା ଜଣାଯାଇଛି ।ସୂଚନା ମୂତାବକ ଏହି ବସ୍ତିରେ ସେକ ସୁଲେମାନ ଏବଂ ତାଙ୍କର ପତ୍ନୀ ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ନିଜ ଘରେ ବିକ୍ରି କରିଆସୁଥିଲା ଏନେଇ ବିଭିନ୍ନ ଗଚ୍ଛମାଧମରେ ଖବର ପ୍ରକାଶିତ ହେବା ପରେ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ତାର ଘର ଉପରେ ଚଢାଉ କରାଯାଇଥିଲା ।ତେବେ ସେମାନଙ୍କ ଘରୁ ବ୍ରାଉନ ସୁଗାର ମିଳିନଥିଲା ।ମଙ୍ଗଳବାର ରାତ୍ରୀରେ ହଟାତ୍ ଲେମାନଙ୍କ ଘରେ ନିଆଁ ଲାଗିଯାଇଥିଲା ।ଖବର ପାଇ ଦମକଳ ବାହିନୀ ନିଆଁକୁ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟ କରିଥିଲା । ସେତେବେଳକୁ ତାର ଦୁଇବଖରାଘର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଥିଲା । ତେବେ ପତ୍ନୀର ବ୍ରାଉନସୁଗାର ବେପାରକୁ ବିରୋଧ କରିବାରୁ ସେ ଜାଣି ଶୁଣି ଘରେ ନିଆଁ ଲଗେଇଦେଇଥିବା ଗଣମାଧମ ଆଗରେ ପ୍ରକାଶ କରିବା ସହ ଥାନାରେ ମଧ ଲିଖିତ ଅଭିଯୋଗ କରିଥିଲା । ଅନ୍ୟପକ୍ଷରେ ସୁଲେମାନର ପତ୍ନୀ ମଧ ତାର ସ୍ୱାମୀ ଘରେ ନିଆଁ ଲଗେଇଦେଇଥିବା ଅନ୍ୟଏକ ପାଲଟା ଅଭିଯୋଗ ଥାନାରେ କରିଥିଲା ।ବାଲିଆପାଳ ପୋଲିସ ଉଭୟଙ୍କୁ ଥାନକୁ ନେଇ ପଚରା ଉଚୁରା କରି ଛାଡିଦେଇଥିବା ଜଣାଯାଇଛି ।ଥାନା ଆଇ ଆଇସି ପର୍ଶୁରାମ ସାହୁଙ୍କୁ ଏବିଷୟରେ ପଚାରିବାରୁ ଉଭୟ ପରଶ୍ପର ବିରୋଧରେ କରିଥିବା ଏତାଲା ପ୍ରତ୍ୟାହାର କରିନେବାରୁ ଆଉ ମାମଲା ରୁଜୁ ହୋଇନଥିବା କହିଛନ୍ତି ।

ବାଲେଶ୍ୱର ଗୁରୁବାର, ୦୯ ସେପ୍ଟେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ମୋ ସ୍କୁଲ ଅଭିଯାନ ଯୋଜନାରେ କାର୍ଯ୍ୟ ମନ୍ଥରକୁ ନେଇ ଜିଲ୍ଲାପାଳ ଖପ୍ପା

ନୀଳଗିରି,୦୮/୦୯ (ନି.ପ୍ର): ନୀଳଗିରି ର ବହୁ ପୁରାତନ କୈଳାସଚନ୍ଦ୍ର ହାଇସ୍କୁଲ ପରିସରରେ ମୋ ସ୍କୁଲ ଅଭିଯାନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ମନ୍ଥର କାର୍ଯ୍ୟକୁ ନେଇ ବାଲେଶ୍ୱର ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତି କ୍ଷୋପା ହୋଇଥିବାର ଶୁଣିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁସାରେ କେ.ସି.ହାଇସ୍କୁଲ ପରିସରରେ ନୀଳଗିରି ପୂର୍ତ୍ତ ବିଭାଗ ଦ୍ୱାରା ସଂପାଦନ କରାଯାଉଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଧିମେଇ ଧିମେଇ ଚାଲିଥିବା ବେଳେ ଗତ ମଙ୍ଗଳବାର ଦିନ ଉକ୍ତ କାର୍ଯ୍ୟକୁ ତଦାରଖ ପାଇଁ ବାଲେଶ୍ୱର ଜିଲ୍ଲାପାଳ କେ.ସି.ହାଇସ୍କୁଲରେ ପହଞ୍ଚି ବିଭିନ୍ନ କାର୍ଯ୍ୟକୁ ପରିଦର୍ଶନ କରିବା ସହ କାର୍ଯ୍ୟରେ ବହୁ ବିଳମ୍ବ ହେଉଥିବା ନେଇ ଅଧିକାରୀମାନଙ୍କ ଉପରେ ବିରକ୍ତି ଭାବ ପ୍ରକାଶ କରିଥିଲେ । କେ.ସି.ହାଇସ୍କୁଲ ପରିସରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ସଂପୂର୍ଣ୍ଣ ହୋଇ ନ ଥିବା ବେଳେ ମୁଖ୍ୟ ଗେଟ୍ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ବିରକ୍ତି ପ୍ରକାଶ କରିଥିଲେ । କୌଣସି କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନ ଥିବା ବେଳେ ଅବଧି ସମୟ ସଂପୂର୍ଣ୍ଣ ହୋଇଥିବା ବେଳେ ଖୁବ୍ ଶୀଘ୍ର ସମସ୍ତ ପ୍ରକଳ୍ପ ସଂପୂର୍ଣ୍ଣ କରିବା ସହ ନିମ୍ନମାନର କାର୍ଯ୍ୟ ନ କରିବା ପାଇଁ ତାଗିଦ କରିଥିଲେ । ଜିଲ୍ଲାପାଳଙ୍କର ଏପରି ବିରକ୍ତି ଭାବ ଓ ତାଗିଦ କୁ ନେଇ ଅଫିସରଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି । ଏ ବାବଦରେ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ଙ୍କୁ ପଚାରିବାରୁ କାର୍ଯ୍ୟରେ ବିଳମ୍ବ କୁନେଇ ବିରକ୍ତି ହୋଇ ଥିବା ସୂଚନା ଦେଇଛନ୍ତି । ଏ ନେଇ ନୀଳଗିରି ପୂର୍ତ୍ତ ବିଭାଗର ଏସ.ଡି.ଓ. ଙ୍କୁ ଯୋଗାଯୋଗ କରିଥିବା ବେଳେ ସେ ଫୋନ୍ ଉଠାଇ ନ ଥିଷଲ । ଜେ.ଇ. ଙ୍କୁ ପଚାରିବାରୁ ଉକ୍ତ ଦିନ ଅନୁପସ୍ଥିତ ଥିବା ବେଳେ ଜିଲ୍ଲାପାଳଙ୍କ ତାଗିଦ୍ ବାବଦରେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି । ଜିଲ୍ଲାପାଳଙ୍କର ତାଗିଦକୁ ନୀଳଗିରି ପୂର୍ତ୍ତବିଭାଗ କେତେଦୂର କାର୍ଯ୍ୟକାରୀ କରିବେ ଦେଖିବାକୁ ବାକି ରହିଲା ।

# ୭ଲୁଟିଆ ଗିରଫ : ବିଭିନ୍ନ ମାରଣାସ୍ତ୍ର, ଟଙ୍କା ଓ ୫ ବାଇକ ଜବତ



ବାଲେଶ୍ୱର,୦୮/୦୯ (ନି.ପ୍ର): ତିନି ଥାନାର ମିଳିତ ଚଢ଼ଉରେ ବାଲେଶ୍ୱରର ଏକ ଲୁଟିଆ ଦଳର ୭ଜଣଙ୍କୁ ପୁଲିସ ଗିରଫ କରିପାରିଛି। ଗିରଫ ବ୍ରକ୍ତିମାନେ ହେଲେ ସଦର ଥାନା ଅନ୍ତର୍ଗତ କହଁରାକୂଳ କାଜିବାଗର ରବୀନ୍ଦ୍ର ଜେନା ଓରଫ ରୁନା ଓ ବିପିନ ଜେନା, ସହଦେବଖଣ୍ଟା ଥାନା ଅନ୍ତର୍ଗତ ଚୁନଭାଟି ଅଞ୍ଚଳର ଅସିତ କମିଲା ଓରଫ ଟୁନା, ଦରଜୀପୋଖରୀ ଅଞ୍ଚଳର ମଧୁସୁଦନ ପଟା ଓରଫ ମୁନ୍ନା, ରାଣୀପାଟଣାରୁ ମାନସ କୁମାର ଜେନା ଓରଫ ରାଜୁ ଓ ଆଦିତ୍ୟ ସେନାପତି ଓରଫ ଗବର, ଟାଉନ ଥାନା ଅନ୍ତର୍ଗତ ଅନ୍ନପୂର୍ଣ୍ଣା ଗଳିର ଶେଖ ରମଜାନ। ସେମାନଙ୍କଠାରୁ ଗୋଟିଏ ତେଲେଙ୍ଗା କଟୁରୀ, ଗୋଟିଏ ଭୁଜାଲି, ଗୋଟିଏ ଖେଳନା ବନ୍ଧୁକ, ୬ ଗୋଟି ମୋବାଇଲ ଫୋନ, ଗୋଟିଏ ଟାବଲେଟ, ପେନ ଡ୍ରାଇଭ, ନଗଦ ୫ହଜାର ଟଙ୍କା ସହ ୫ଟି ମୋଟର ସାଇକେଲ ପ୍ରଭୃତି ପୁଲିସ ଜବତ କରିଥିବା ନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୋବିନ୍ଦ ଚନ୍ଦ୍ର ସେଠୀ ସହଦେବଖୁଣ୍ଟା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ରେମୁଣା ଗୋଲାଇ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର କର୍ମଚାରୀ ପ୍ରତାପ କୁମାର ବାରିକ ଗତ ଏକ ତାରିଖରେ ସଦର ବ୍ଲକର ବୁଆଁଳ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରି ଫେରୁଥିବା ବେଳେ ତିନି ଅଜଣା ଯୁବକ ତାଙ୍କୁ ଅଟକାଇ ଥିଲେ। ଭୁଜାଲି ଓ ବନ୍ଧୁକ ଦେଖାଇ ତାଙ୍କ ନିକଟରୁ ୩୦ହଜାର ଟଙ୍କା ମୂଲ୍ୟର ମୋବାଇଲ ଫୋନ, ଗୋଟିଏ ଟାବଲେଟ, ପେନ ଡ୍ରାଇଭ, ପାନ କାର୍ଡ, ଏଟିଏମ କାର୍ଡ ଓ ଅନ୍ୟାନ୍ୟ କାଗଜ ପତ୍ର ସହ ନଗଦ ୩ହଜାର ଟଙ୍କା ଲୁଟି ନେଇଥିଲେ । ଏହାକୁ ନେଇ ଶ୍ରୀ ବାରିକ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ସଦର ଓ ଟାଉନ ଥାନା ଟିମର ସହଯୋଗରେ ସହଦେବଖୁଣ୍ଟା ଥାନା ପୁଲିସ ଏହି ଲୁଟିଆଙ୍କୁ ଗିରଫ କରିଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସେଠୀ କହିଛନ୍ତି। ଗିରଫ ହୋଇଥିବା ଯୁବକଙ୍କ ନାମରେ ଟାଉନ ଥାନା, ଖନ୍ତାପଡ଼ା, ସହଦେବଖୁଣ୍ଟା, ସଦର, ଚାନ୍ଦିପୁର ପ୍ରଭୃତି ଥାନାରେ ବିଭିନ୍ନ ଅପରାଧିକ ମାମଲା ପୂର୍ବରୁ ରହିଥିବା ଶ୍ରୀ ସେଠୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହଦେବଖୁଣ୍ଟା ଥାନା ଆରକ୍ଷୀ ସହ-ନିରୀକ୍ଷକ ସୁରେନ୍ଦ୍ର ମହାଳିକ ଓ ବିରଞ୍ଚ ପ୍ରଧାନ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ନକଲି ମଦ କାରଖାନା ଠାବ : ଅଭିଯୁକ୍ତ ଗିରଫ



ବସ୍ତା,୦୮/୦୯ (ନି.ପ୍ର): ବିପୁଳ ପରିମାଣରଦେଶି ବିଦେଶି ମଦସହ ତିଆରି ସାମଗ୍ରି ଓ ଅଭିଯୁକ୍ତ କୁ ଆଜି ଅବକାରୀ ବିଭାଗ ଦ୍ୱାରା ଗିରଫ କରାଯାଇଛି । ଖବରରୁ ପ୍ରକାଶ ଅବକାରୀ ଅଧିକ୍ଷକ ଅଶୋକ କୁମାର ସତପଥି ଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ଅଫିସର ଗାଲୁରାମ ସରେନ ଏବଂ ବସ୍ତା ଅବକାରୀ ଅଫିସର କୁଳମଣି ମହାରଣା ଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଏ ସିଂଲା ଥାନା ସିଂଲା ଗ୍ରାମର ତାରା ଶଙ୍କର ଜେନାଙ୍କ ଘରେ ଚଢ଼ାଉ କରି ୨୧ଲିଟର ନକଲି ବିଦେଶୀ ମଦ,୧୦ ଏସ ଆଇ ବିୟର,୩୦ ଲିଟର ସ୍ପିରିଟ ସହିତ ମଦ ତିଆରି ସାମଗ୍ରୀ, ଠିପି, ଷ୍ଟିକର ପ୍ରଭୃତି ସାମଗ୍ରି ଜବଦ କରିଛନ୍ତି ଏବଂ ମଦ ତିଆରି କରୁଥିବା କାରଖାନାର ମାଲିକ ତାରା ଶଙ୍କର ଜେନାଙ୍କୁ ଗିରଫ କରାଯାଇଛି । ଏନେଇ ୩୭/୨୧-୨୨ ନଂ ଏକ ମାମଲା ରୁଜୁ କରି ତାରା ଶଙ୍କର କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବିଭାଗିୟ ଅଧିକାରୀ ଶ୍ରୀ ମହାରଣା ପ୍ରକାଶ କରିଛନ୍ତି ।

# ନଦୀପଠାରୁ ଯୁବକର ଝୁଲନ୍ତା ଶବ ଉଦ୍ଧାର

ଜଳେଶ୍ୱର,୦୮/୦୯ (ନି.ପ୍ର): ଆଜି ବୁଧବାର ସକାଳେ ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟି ଅନ୍ତର୍ଗତ ପଂଚୁଘଣ୍ଟା ନିକଟ ସୁବର୍ଣ୍ଣରେଖା ନଦୀପଠାରେ ଥିବା ଏକ ପିଠାଲୁ ଗଛରେ ଗାଁର ଚନ୍ଦ୍ରମୋହନ ସିଂଙ୍କ ପୁଅ ଗଣେଶ ସିଂର ଶବ ଝୁଲୁଥିବାର ଦେଖିବାକୁ ମିଳିଥିଲା । ରାତିରେ ଖାଇପିଇ ଶୋଇଥିବା ବେଳେ ଭୋର ସମୟରେ ପୁଅ ଘରେ ନ ଥିବାର ଜାଣି ବାପା ଓ ମା ଖୋଜିଖୋଜି ଆରମ୍ଭ କରିଥିଲେ । ପରେ ଗାଁ ଲୋକଙ୍କଠୁ ଶୁଣି ଘଟଣାସ୍ଥଳରେ ପହଞ୍ଚିଥିଲେ । ଗଣେଶ ଜଣେ ରାଜମିସ୍ତ୍ରୀଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ଲକ୍‌ଡାଉନ୍ ସମୟରେ ଟ୍ରାକ୍ଟର ସହାୟକ ଭାବେ କାର୍ଯ୍ୟ କରିଆସୁଥିଲେ । ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ୍ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି । ଜଳେଶ୍ୱର ୟୁଡି କେସ୍ ନଂ ୨୯/୨୧ ମୂଳେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ରାଜ୍ୟରେ କରୋନାରେ ଆଉ ୮ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୮/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୮ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୦୭୦ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ଢେଂକାନାଳ ଓ ଖୋର୍ଦ୍ଧା ଜିଲ୍ଲାରୁ ୨-୨ ଜଣ କରୋନା ସଂକ୍ରମିତ ଅଛନ୍ତି। ଏହାଛଡ଼ା ଅନୁଗୁଳ, ବାଲେଶ୍ୱର, କେନ୍ଦୁଝର ଓ କୋରାପୁଟ ଜିଲ୍ଲାରୁ ଜଣେ ଜଣେ ମୃତକ ରହିଛନ୍ତି। ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

# ଦିଲ୍ଲୀରୁ ନାବାଳିକା ଅପହରଣକାରୀ ଗିରଫ

ବାଲିଆପାଳ,୦୮/୦୯ (ନି.ପ୍ର): ବାଲିଆପାଳ ପୋଲିସ ଜଣେ ନାବାଳିକା ଅପହରଣକାରୀଙ୍କୁ ସୁଦୂର ଦିଲ୍ଲୀରୁ ଗିରଫ କରିବା ସହିତ ନାବାଳିକାମଧ ଉଦ୍ଧାର କରିଛି । ଉଭୟଙ୍କୁ ବାଲିଆପାଳଥାନାରେ ଅଟକ ରଖାଯାଇ ପଚରା ଉଚୁରା ଚାଲିଛି । ମିଳିଥିବା ସୂଚନା ଅନୁସାରେ ବାଲିଆପାଳଥାନା କଟିସାହି ଗ୍ରାମର କାଳିଚରଣ ରଣଜିତଙ୍କ ପୁଅ ବିଦ୍ୟାଧର ରଣଜିତ ଦୁଇମାସତଳେ ସ୍ଥାନୀୟ ଖଗଡପାଳ ଗ୍ରାମର ଜନୈକା ଦଶମ ଶ୍ରେଣି ଛାତ୍ରୀଙ୍କୁ ଅପହରଣ କରିନେଇଥିଲେ । ଏନେଇ ବାଲିଆପାଳ ଥାନା କେଶ ନମ୍ବର ୧୧୭/୨୧ରେ ଏକ ମାମଲା ରୁଜୁ ହୋଇଥିଲା ।ଘଟଣାକୁ ଦୁଇମାସ ବିତିଥିଲେ ମଧ ପୋଲିସ ଏହା ଉପରେ ଗୁରୁତ୍ୱ ଦେଉନଥିଲା । ତେବେ ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶରେ ନୂଆ ଆଇଆଇସି ପର୍ଶୁରାମ ସାହୁ ଏହାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲେ । ବିଦ୍ୟାଧର ଙ୍କ ଫୋନ ଟ୍ରାକିଙ୍ଗ କରାଯାଇ ସେ ଦିଲ୍ଲୀରେଥିବା ସୂଚନା ମିଳିଥିଲା । ବାଲିଆପାଳ ପୋଲିସ ର ଏକ ଟିମ ଦିଲ୍ଲୀ ଯାଇ ସେମାନଙ୍କୁ ଠାବକରି ଧରିବା ସହିତ ମଙ୍ଗଳବାର ବାଲିଆପାଳ ଆଣିଛି । ଆଜି ବସ୍ତା ଏସଡିଜିଏମ କୋର୍ଟରେ ଝିଅର ବୟାନ ରେକଡିଙ୍ଗ କରାଯାଇଥିବା ବେଳେ ଆସନ୍ତାକାଲି ବାଲିଆପାଳଥାନାରେ ୧୬୪ ଧାରାରେ ଝିଅର ବୟାନ ରେକଡିଙ୍ଗ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି ।କିଛି ପ୍ରଭାବଶାଳୀ ରାଜନୈତିକ ଦଳର ନେତା ଦୁଇଲକ୍ଷଟଙ୍କା ନେଇ ଘଟଣାର ଆପୋଷ ସମାଧାନ କରିବାକୁ ଚାପ ପକାଉଥିବା ଝିଅର ବାପା ଗଣମାଧ୍ୟମ ଆଗରେ କହିଛନ୍ତି ।

## କୋଭିଡ ଗାଇଡଲାଇନ ଉଲ୍ଲଂଘନ : ୨୧ ଗିରଫ

ଭୁବନେଶ୍ୱର,୦୮/୦୯ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୧ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୧୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୮୦,୮୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ମୟୁରଭଞ୍ଜ ଜିଲ୍ଲାରେ ସେରୋ ସର୍ଭେ ଆରମ୍ଭ



ବାରିପଦା,୦୮/୦୯ (ନି.ପ୍ର): କରୋନା ସଂକ୍ରମଣର ତୃତୀୟ ଲହର ଆଶଙ୍କା ଥିବା ବେଳେ ଆଜି ଠାରୁ ମୟୁରଭଞ୍ଜ ଜିଲ୍ଲାରେ ସେରୋଲୋଜିକାଲ ସର୍ଭେ ତଥା ଆଣ୍ଟିବଡି (ରୋଗ ପ୍ରତିରୋଧକ ଶକ୍ତି) ଟେଷ୍ଟ ଆରମ୍ଭ ହୋଇଯାଇଛି । ଏହି ସର୍ଭେ ଆଜି ପ୍ରଥମ ଦିନରେ ବାରିପଦାରେ ଆରମ୍ଭ ହୋଇଥିବା ବେଳେ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ମେଡିକାଲ ଗବେଷଣା କେନ୍ଦ୍ର (ଆରଏମ୍ ? ?ଆରସି) ପକ୍ଷରୁ ଏହି ସର୍ଭେ କରାଯାଉଛି । ଧୀରେ ଧୀରେ ଏହା ସମଗ୍ର ମୟୁରଭଞ୍ଜ ଜିଲ୍ଲାରେ ବୁଲି ଟେଷ୍ଟ କରିବାର କାର୍ଯ୍ୟକ୍ରମ ରହିଛି । କୋଭିଡକୁ ପ୍ରତିରୋଧ କରିବା ପାଇଁ ଆମ ଶରୀର କେତେ ମାତ୍ରାରେ ପ୍ରସ୍ତୁତ, କୋଭିଡ ଟୀକା ଆମ ଶରୀରରେ କିପରି କାର୍ଯ୍ୟ କରୁଛି ସେ ବିଷୟରେ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ତଥ୍ୟ ବାବଦରେ ରକ୍ତ ନମୁନା ଟେଷ୍ଟ ମାଧ୍ୟମରେ ସର୍ଭେ ହେବ । କୋଭିଡର ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ଏହି ସର୍ଭେକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି । ଜିଲ୍ଲାରେ ଏଥିନିମନ୍ତେ ବିଭିନ୍ନ ବୟସ ସୀମାର ବ୍ୟକ୍ତି ବିଶେଷ ଓ ସ୍ୱାସ୍ଥ୍ୟକର୍ମୀ ମାନଙ୍କ ନମୁନା ସଂଗ୍ରହ କରାଯିବାକୁ ଥିବା ବେଳେ ପ୍ରଥମେ ସ୍ୱାସ୍ଥ୍ୟକର୍ମୀଙ୍କ ଠାରୁ ନମୁନା ସଂଗ୍ରହ କରାଯାଇଥିଲା । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ରୂପଭାନୁ ମିଶ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନ ୧୦୦ ସ୍ୟାମ୍ପୁଲ କଲେକ୍ସନ ହୋଇ ଥିବାର ଜଣା ଯାଇଛି । ଆରଏମଆରସି ପକ୍ଷରୁ ଡାକ୍ତର ଓ କର୍ମଚାରୀଙ୍କ ସହିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଏହି ସର୍ଭେରେ ସାମିଲ ଅଛନ୍ତି ।

# ଜଳେଶ୍ୱର ଆଇସିଡିଏସ୍ ତରଫରୁ ଆର୍ନ୍ତଜାତୀୟ ସ୍ୱାକ୍ଷରତା ଦିବସ ଓ ସଚେତନତା ଶିବିର

ଜଳେଶ୍ୱର,୦୮/୦୯ (ନି.ପ୍ର): ଜଳେଶ୍ୱର ପୌର ପରିଷଦ ଅନ୍ତର୍ଗତ ପଦାସାହି ପଂଚୁଘଣ୍ଟା ଠାରେ ଆନ୍ତଜାତୀୟ ସ୍ୱାକ୍ଷରତା ଦିବସ ପରିପେକ୍ଷୀରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଆଇସିଡିଏସ୍‌ର ପରିଦର୍ଶିକା ବିନତାମଣି ସିଂ ଉଦ୍‌ଘାଟନ କରିଥିବା ବେଳେ ତୃପ୍ତିରାଣୀ ମହାନ୍ତି ସଭାପତିତ୍ୱ କରି ନିରକ୍ଷରତା ସମାଜର କଳଙ୍କ ହୋଇଥିବା ବେଳେ ସମସ୍ତେ ସ୍ୱାକ୍ଷର ହେବା ଉଚିତ୍ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁନ୍ତଳା ପାତ୍ର, ସୁଚିସ୍ମିତା ଖଣ୍ଡା, ପ୍ରିୟଙ୍କା ଜେନା, ଅଜୁମ୍ ଖାତୁନ, ଆଜମିରି ବିବି, ଦେବସ୍ମିତା ମହାନ୍ତି, ସଂଧ୍ୟାରାଣୀ କର୍ମକାର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଏକ ସଚେତନତା ଶୋଭାଯାତ୍ରା ପଦାସାହି ଅଂଚଳ ପରିକ୍ରମା କରିଥିଲେ । ଅନୁରୂପଭାବେ ଖୁଦିଆ ମାଝିସାହି ପଂଚାୟତର ଗଡସାହି ଅଂଗନଓ୍ୱାଡି କେନ୍ଦ୍ରରେ ମମତା ଦାସମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ୱାକ୍ଷରତା ଦିବସ ପାଳିତ ହୋଇଯାଇଛି ।

# ଭାରତମୁଣ୍ଡା ସମାଜ ତରଫରୁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ

ବାରିପଦା,୦୮/୦୯ (ନି.ପ୍ର): ଆଜି ଭାରତମୁଣ୍ଡା ସମାଜର ଏକ ପ୍ରତିନିଧିଦଳ ସଂଘର ର ଓଡିଶା ରାଜ୍ୟ ସଭାପତି ଶ୍ରୀ ରବିନ୍ଦ୍ରନାଥ ସିଂହଙ୍କ ନେତୃତ୍ୟରେ କେନ୍ଦ୍ରର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ବିଭାଗ ରାଷ୍ଟ୍ର ମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ମୁଣ୍ଡାରୀ ଭାଷା ଓ ମୁଣ୍ଡାରୀ ବାନୀ ଲିପିର ସ୍ୱୀକୃତି ଓ ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଛେଦରେ ସାମିଲ କରିବାକୁ ଦାବୀ କରିଥିଲେ । ତାମୁଡିଆ ଭୁମିଜ ସମ୍ପ୍ରଦାୟର ଲୋକମାନେ ଖାଁଟି ଆଦିବାସୀ ଲୋକ ଅଟନ୍ତି । ତେଣୁ ତାମୁଡିଆ ଭୁମିଜକୁ ଏସ୍.ଟି . ଭାବେ ତାଲିକା ଭୁକ୍ତ କରି ସରକାରୀ ସୁବିଧା ସୁଯୋଗ ଦେବାକୁ ସ୍ମାରକ ପତ୍ରରେ ଦାବୀ କରାଯାଇଛି । ଆସାମ ରାଜ୍ୟରେ ବସବାସ କରୁଥିବା ଆଦିବାସୀ ମାନଙ୍କୁ ମଧ୍ୟ ଏସ୍.ଟି . ଭାବେ ତାଲିକା ଭୁକ୍ତ କରିବାକୁ ଦାବୀ ଜଣାଇଥିଲେ । ଆଦିବାସୀ ମାନଙ୍କର ଧର୍ମ 'ସାରନା' ର ଏକ ଧର୍ମ କୋଡ ନଂ ପାଇଁ ମଧ୍ୟ ଦାବୀ କରାଯାଇଛି । ଏହା ସାଙ୍ଗକୁ ରୁପ୍ସା - ବାଙ୍ଗିରିପୋଷି ରେଳପଥକୁ ବାଦାମ ପାହାଡ-ଟାଟାନଗର ରେଳପଥ ସହିତ ସଂଯୋଗ କରିବାକୁ ଦାବୀ କରାଯାଇଛି । ସର୍ବଶେଷରେ ବହୁପୁରାତନ ବାଲିଡିହା ବନ୍ଧର ଉନ୍ନତି କରଣ କରିବା ସାଙ୍ଗକୁ ଖରାଦିନରେ ଚାଷ ହେବାଭଳି ବ୍ୟବସ୍ଥା କରିବାକୁ ଦାବୀ ଓ ଆଲୋଚନା କରାଯାଇଛି । ଏହି ପ୍ରତିନିଧି ଦଳରେ ସଂଘର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂ, ଉପଦେଷ୍ଟା ମନୋଜ କୁମାର ମୁଣ୍ଡା, ରାଜ୍ୟ ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂ, ଉପସଭାପତି ସୁନାରାମ ସିଂ, ସମ୍ପାଦକ ବାଇଧର ସିଂ, ବିଜୟ କୁମାର ସିଂ, ସବରନ ସିଂ ଓ ଗୌରଚନ୍ଦ୍ର ସିଂ ପ୍ରମୁଖ ସାମିଲ ହୋଇଥିଲେ । ମାନ୍ୟବର ମନ୍ତ୍ରୀ ଉପରୋକ୍ତ ଯଥାର୍ଥ ଦାବୀ ଗୁଡିକର ସମାଧାନ ଦିଗରେ ଚେଷ୍ଟା କରିବେ ବୋଲି ପ୍ରତିଶୃତି ଦେବା ସାଙ୍ଗକୁ ଦିଲ୍ଲୀ ମନ୍ତ୍ରଣାଳୟ ସହିତ ଯୋଗାଯୋଗ ରଖିବାକୁ ସଂଘର କର୍ମକର୍ତା ମାନଙ୍କୁ ପରାମର୍ଶ ଦେଇଥିଲେ ।

# ଜନ୍ମମାଟିକୁ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ପ୍ରଥମ ଗସ୍ତ

## ସମର୍ଥକ କର୍ମୀ ଓ ଜନତା ଜଣାଇଲେ ଭବ୍ୟ ସମ୍ବର୍ଦ୍ଧନା



ବାରିପଦା,୦୮/୦୯ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାରୁ ବିଜେପି ସାଂସଦ ଭାବେ ନିର୍ବାଚିତ ହୋଇ ପ୍ରଥମ ଥର ଲାଗି କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲାପରେ ପ୍ରଥମ ଥର ଲାଗି ଓଡିଶା ତଥା ନିଜ ଜନ୍ମମାଟି ମୟୂରଭଞ୍ଜକୁ ଗସ୍ତ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ । ଗତକାଲି ଭୁବନେଶ୍ୱର ଓ ପୁରୀ ଗସ୍ତ ସାରି ଆଜି ମନ୍ତ୍ରୀ ନିଜ ସଂସଦୀୟ କ୍ଷେତ୍ର ତଥା ଜନ୍ମମାଟି ମୟୁରଭଞ୍ଜ ପହଞ୍ଚିଛନ୍ତି । ଆଜି ବାଲେଶ୍ୱର ଗସ୍ତ ପରେ ଜିଲ୍ଲା ସୀମାନ୍ତ କଳମା ଠାରେ ତାଙ୍କୁ ଜିଲ୍ଲାବାସୀ ଓ ସମର୍ଥକଙ୍କ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ମିଳିଛି । କଳମା, ବୈଶିଙ୍ଗା, ବେତନୋଟୀ ଦେଇ ମନ୍ତ୍ରୀ ଶ୍ରୀ ଟୁଡୁ ବାରିପଦା ପହଞ୍ଚିବା ପରେ ବିଜେପି କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ମନ୍ତ୍ରୀଙ୍କୁ ପାଛୋଟି ନେଇଛନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗୀୟ ଭାଗେ ଗୋବର୍ଦ୍ଧନଙ୍କ ପରେ ୩ ଦଶନ୍ଧି ବ୍ୟବଧାନ ପରେ ଜିଲ୍ଲାରୁ ଜଣେ ଆଦିବାସୀ ସାଂସଦ କେନ୍ଦ୍ରମନ୍ତ୍ରୀ ଭାବରେ ଶପଥ ନେବାରେ ଶ୍ରୀ ଟୁଡୁ ୨ୟ ସାଂସଦ । ତେଣୁ ଏହାକୁ ନେଇ ଜିଲ୍ଲାବାସୀ ବେଶ ଗର୍ବ କରିବା ସହିତ ବିଜେପି ଶିବିରରେ ଉତ୍ସାହର ମାହୋଲ ଦେଖା ଦେଇଛି । ତେବେ ଆଜିଠାରୁ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ମୟୁରଭଞ୍ଜ ଓ ରାଜ୍ୟର ଏକାଧିକ ଜିଲ୍ଲାଗସ୍ତ କରି ବିଭିନ୍ନ ଅଞ୍ଚଳର ପରିଦର୍ଶନ କରିବା ସହିତ ଅନେକ ଗୁଡିଏ ପ୍ରକଳ୍ପର ଉଦଘାଟନ କରି ୧୯ ତାରିଖରେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଥିବାର ଗସ୍ତସୂଚୀରୁ ଜଣା ଯାଇଛି । ତେବେ ଆସନ୍ତା କାଲି ବାରିପଦା ଠାରେ ଏକ ସମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଟୁଡୁ ନିଜ ସାଂସଦ ରିପୋର୍ଟ କାର୍ଡ ପ୍ରଦର୍ଶନ କରିବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି । ଆଜି ସଂଧ୍ୟାରେ ତାଙ୍କୁ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ମନ୍ତ୍ରୀଙ୍କୁ ଭବ୍ୟ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବାର ଦେଖା ଯାଇଛି ।

# ଚୂଡ଼ାନ୍ତ ପର୍ଯ୍ୟାୟରେ ଗଣେଶ ପୂଜା ପ୍ରସ୍ତୁତି

## କୋଭିଡ କଟକଣାରୁ ବିଧିରକ୍ଷାରେ ହେବ ଚଳିତ ବର୍ଷ ପୂଜା, ମାନ୍ଦାରେ ମୂର୍ତ୍ତି କାରୀଗରଙ୍କ ବ୍ୟବସାୟ

ବାଲେଶ୍ୱର,୦୮/୦୯ (ନି.ପ୍ର): ବିଘ୍ନ ବିନାଶକ ଆଦ୍ୟଦେବ ଶ୍ରୀଗଣେଶଙ୍କ ପୂଜାକୁ ଆଉ ମାତ୍ର ଗୋଟିଏ ଦିନ ଥିବା ବେଳେ ଗାଁ'ଠାରୁ ସହର ସହର ପର୍ଯ୍ୟନ୍ତ ହୋଇ ଉଠିଛି ଚଳଚଞ୍ଚଳ। ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ବିଭିନ୍ନ ମଣ୍ଡପ ଏମିତିକି ଘରେ ଘରେ ପୂଜା ପାଇବେ ପ୍ରଭୁ ଗଜାନନ। ଏଥିପାଇଁ ବାଲେଶ୍ୱର ସହର ସମେତ ଜିଲାର ଶିକ୍ଷାନୁଷ୍ଠାନ ଏବଂ କ୍ଲବ ଗୁଡିକ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର କୋଭିଡ କଟକଣା ପାଇଁ ଚଳିତ ବର୍ଷ ସେଭଳି ଅତି ଯାକଜମକରେ ପୂଜା ହେଉ ନଥିଲେ ବି ବିଧିରକ୍ଷାରେ ସବୁକିଛି ଆୟୋଜନ ଚାଲିଥିବା ଲକ୍ଷ୍ୟ କରାଯାଇଛି। ମୂର୍ତ୍ତି କାରୀଗରମାନେ ବିନାୟକଙ୍କ ମୃଣ୍ମୟ ମୂର୍ତ୍ତିକୁ ଶେଷସ୍ପର୍ଶ ଦେବାରେ ଲାଗିଛନ୍ତି। ତେବେ ପ୍ରଶାସନର ମାର୍ଗଦର୍ଶିକା ଅନୁସାରେ ଚଳିତ ବର୍ଷ ପୂଜାରେ ମୂର୍ତ୍ତିର ଉଚ୍ଚତା ୪ଫୁଟରୁ ଅଧିକ ହୋଇନଥିବା ଦେଖିବାକୁ ମିଳିଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କ୍ଲବ ତଥା ବିଭିନ୍ନ ଯୁବ ସଂଗଠନଙ୍କ ପକ୍ଷରୁ ହେଉଥିବା ମଣ୍ଡପ ପୂଜାରେ ଅଧିକ କଟକଣା ଲାଗିଛି। ପୂଜକ ଓ କର୍ମକର୍ତ୍ତାଙ୍କୁ ମିଶାଇ ମଣ୍ଡପରେ ୭ ଜଣରୁ ଅଧିକ ନ ରହିବା, ଜନସାଧାରଣଙ୍କୁ ମଣ୍ଡପ ମୂର୍ତ୍ତିକୁ ଦେଖାଇ ନଦେବା, ଡାକବାଜି ଯନ୍ତ୍ର ନ ବାଜିବା ଆଦି କଟକଣ ଯୋଗୁଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ନିରାଶା ଭାବ ଦେଖାଯାଇଛି। ତେବେ କୋଭିଡ କଟକଣା ଯୋଗୁଁ ଚଳିତ ବର୍ଷ ପୂଜାରେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ମୂର୍ତ୍ତି କାରୀଗରମାନେ। ପାର୍ବଣ ଋତୁରେ ବିଭିନ୍ନ ପୂଜାରେ ମୂର୍ତ୍ତି ନିର୍ମାଣ କରି ବର୍ଷ ସାରା ଗୁଜରାଣ ମେଣ୍ଟାଇଥା'ନ୍ତି ଏହି କାରୀଗରମାନେ। ସହର ବଜାରରେ ଗୋଟିଏ ସ୍ଥାନରେ ଅଧିକ ସଂଖ୍ୟାରେ ମୂର୍ତ୍ତି ତିଆରି ସହ ବିଭିନ୍ନ ମଣ୍ଡପ ସମେତ ଘରୋଇ ପୂଜା ପାଇଁ ବିକ୍ରି କରିଥା'ନ୍ତି। ତେବେ ଗତବର୍ଷ ପୂଜା ଏକ ପ୍ରକାର ବନ୍ଦ ହୋଇଯାଇଥିବା ବେଳେ ଚଳିତ ବର୍ଷ କେବଳ ଘରୋଇ ପୂଜା ପାଇଁ ଅଟ୍କିଛି ମର୍ତ୍ତି ତିଆରି କରୁଥିବା ସେମାନେ କହିଛନ୍ତି। ପୂର୍ବରୁ ମର୍ତ୍ତି ପିଛା ୨ଶହରୁ ୫ହଜାର ପର୍ଯ୍ୟନ୍ତ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ବେଳେ ଚଳିତ ବର୍ଷ ପୂଜାରେ ଉଚ୍ଚତା ହ୍ରାସ ଦୃଷ୍ଟିରୁ ଏହା ଶହେରୁ ଆରମ୍ଭ କରି ହଜାରେ କିମ୍ବା ଦେଢ ହଜାର ପର୍ଯ୍ୟନ୍ତ ଟଙ୍କାରେ ବିକ୍ରି ହେଉଛି ବୋଲି କାରୀଗରମାନେ କହିଛନ୍ତି। ଯାହା ବି ହେଉ କରୋନା ପ୍ରକୋପ ହ୍ରାସ ପାଇଲେ ପୁଣି ପୂର୍ବସ୍ଥିତି ଫେରିବ ବୋଲି କାରୀଗରଙ୍କ ସମେତ ବିଭିନ୍ନ ପୂଜା ମଣ୍ଡପର କର୍ମକର୍ତ୍ତାମାନେ ଆଶା ପ୍ରକାଶ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo